# ସକାଳ THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-155 •MONDAY •1 DECEMBER 2025 •PAGE-20 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୫୫ •ସୋମବାର •୧ ଡିସେମ୍ବର ୨୦୨୫ •ପୃଷ୍ଠା-୨୦ •ଟ.୬.୦୦






UP TO ₹600 OFF* per gram on gold jewellery | UP TO 20% OFF* On diamond value | FLAT 0% DEDUCTION* ON EXCHANGE of old gold of any karat from any jeweller

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Cantonment Road, Cuttack, Mob-9238307044 | Amalapada, Lane-2, Angul, Mob-9090066000, 8147485152

# ସପ୍ତାହେ ବଢ଼ିଲା ଏସ୍ଆଇଆର୍ ଅବଧି

**ନୂଆଦିଲ୍ଲୀ,୩୦ ।୧୧(ଏଜେନ୍ସି):** ନିର୍ବାଚନ କମିଶନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍ଆଇଆର୍)ର ସମୟ ସୀମାକୁ ଆଉ ଗୋଟିଏ ସପ୍ତାହ ବୃଦ୍ଧି କରିଛନ୍ତି । ଅନ୍ତିମ ଭୋଟର ତାଲିକା ୨୦୨୬ ଫେବୃଆରୀ ୧୪ ଜାରି କରାଯିବ ବୋଲି କମିଶନ କହିଛନ୍ତି । ଏବେ ଭୋଟର ସଂଶୋଧନ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ । ପୂର୍ବରୁ ଏହା ଡିସେମ୍ବର ୪ ପର୍ଯ୍ୟନ୍ତ ଚାଲିବାର ଥିଲା । ପ୍ରଥମେ ଡ୍ରାଫ୍ଟ ତାଲିକା ଡିସେମ୍ବର ୯ରେ ଜାରି ହେବାର କାର୍ଯ୍ୟକ୍ରମ ଥିଲା । ଏବେ ଏହା ଡିସେମ୍ବର ୧୬ରେ ଜାରି ହେବ ବୋଲି କୁହାଯାଇଛି । ବିହାର ପରେ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଏସ୍ଆଇଆର ଅକ୍ଟୋବର ୨୮ରେ ଆରମ୍ଭ ହୋଇଥିଲା । ଏହି ପ୍ରକ୍ରିୟାରେ ଭୋଟର ତାଲିକାର ସଂଶୋଧନ ହେବାର କାର୍ଯ୍ୟକ୍ରମ ଥିଲା । ଏଥିରେ ନୂଆ ଭୋଟରଙ୍କ ନାମ ସାମିଲ କରାଯିବା ସହ ତାଲିକାରେ ଥିବା ତ୍ରୁଟି ସୁଧାର କରାଯିବ । ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି । ତେଣୁ ଏହି ରାଜ୍ୟରେ ଚାଲିଥିବା ଏସ୍ଆଇଆର୍ ପ୍ରକ୍ରିୟା ନେଇ ଚର୍ଚ୍ଚା ଚାଲିଛି । ତେବେ ଆସାମରେ ଏସ୍ଆଇଆର୍ ଆରମ୍ଭ କରାଯାଇ ନାହିଁ । ଆସାମରେ ନାଗରିକତା ନେଇ ନିୟମ ଭିନ୍ନ । ତେଣୁ ଏହି ରାଜ୍ୟରେ ଏସ୍ଆଇଆର୍ର ପ୍ରକ୍ରିୟା ମଧ୍ୟ ଭିନ୍ନ ହେବ ଓ ପରେ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି ।

**ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ ୧୨ ରାଜ୍ୟରେ ଭୋଟର ସଂଶୋଧନ**

**ଫେବୃଆରୀ ୧୪ରେ ଜାରି ହେବ ଅନ୍ତିମ ତାଲିକା**

**ଦୁଇଗୁଣା ହେବ ବିଏଲ୍ଓଙ୍କ ଦରମା**

ନିର୍ବାଚନ କମିସନ ବୁଥ ଲେଭୁଲ ଅଫିସର (ବିଏଲ୍ଓ)ଙ୍କ ଦରମା ଦୁଇଗୁଣା ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ଫଳରେ ବିଏଲ୍ଓଙ୍କ ଦରମା ୬,୦୦୦ରୁ ବୃଦ୍ଧି ପାଇଁ ୧୨,୦୦୦ ହେବ ବୋଲି କୁହାଯାଇଛି । ଏହାକୁ ବାଦ ଦେଲେ ରୋଲ ପ୍ରସ୍ତୁତ କରୁଥିବା ଓ ଏଥିରେ ପରିବର୍ତ୍ତନ କରୁଥିବା ବିଏଲ୍ଓ ସୁପର ଭାଇଜରଙ୍କ ଦରମା ୧୨ ହଜାରରୁ ୧୮ ହଜାରକୁ ବୃଦ୍ଧି କରାଯାଇଛି । ଯେଉଁ ସରକାରୀ କର୍ମଚାରୀଙ୍କୁ ବିଏଲ୍ଓର ଦାୟିତ୍ୱ ଦିଆଯାଇଛି ସେମାନଙ୍କୁ ଦରମା ବ୍ୟତୀତ ଏହି ପାଉଣା ଅଲଗା ଦିଆଯିବ ବୋଲି କୁହାଯାଇଛି । ଶନିବାର ନିର୍ବାଚନ କମିଶନ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ୨୦୧୫ରେ ଏଭଳି ପରିବର୍ତ୍ତନ କରାଯାଇଥିଲା ବୋଲି ଉଲ୍ଲେଖ କରିଛନ୍ତି । ପ୍ରଥମଥର ପାଇଁ ଇଲେକ୍ଟୋରାଲ ଅଫିସର୍ସ (ଇଆରଓଏସ୍) ଓ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର୍ସ (ଏଇଆରଓଏସ୍)ଙ୍କୁ ମଧ୍ୟ ପାରିଶ୍ରମିକ ତଥା ବେତନ ଦିଆଯିବାକୁ ଘୋଷଣା କରାଯାଇଛି । ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲୁଥିବା ଏସ୍ଆଇଆର୍ ପ୍ରକ୍ରିୟାରେ ମୋଟ୍ ୫.୩୨ ଲକ୍ଷ ବିଏଲ୍ଓ କାର୍ଯ୍ୟ କରୁଛନ୍ତି । ପ୍ରତ୍ୟେକ ବିଏଲ୍ଓଙ୍କୁ ପାଖାପାଖି ୯୫୬ ଭୋଟରଙ୍କ ତାଲିକାର ରିଭିଜନ କରିବା ନେଇ ଦାୟିତ୍ୱ ଦିଆଯାଇଛି ।

## ରାଜ୍ ଭବନ ଏବେ ହେବ ଲୋକ ଭବନ

**ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):** ଉପନିବେଶ କାଳର ସଙ୍କେତକୁ ହଟାଇବା ପାଇଁ କେନ୍ଦ୍ର ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ରାଜ୍ ଭବନ ଗୁଡ଼ିକର ନାମ ବଦଳାଇ ଏବେ ଲୋକ ଭବନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟପାଳଙ୍କ ଭବନକୁ 'ଲୋକ ଭବନ' ଏବଂ ଉପ-ରାଜ୍ୟପାଳଙ୍କ ବାସଭବନକୁ 'ଲୋକ ନିବାସ' କରିବାକୁ କୁହାଯାଇଛି । ଗତ ବର୍ଷ ଅଗଷ୍ଟ ୨ରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ରାଜ୍ୟପାଳମାନଙ୍କ ସମ୍ମିଳନୀରେ ଏହି ନାମ ବଦଳାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତାମିଲନାଡୁ ରାଜ୍ୟପାଳ ଆରଏନ ରବିଙ୍କ ନେତୃତ୍ୱରେ ଏହି ପ୍ରସ୍ତାବର ସମୀକ୍ଷା କରି ଚୂଡ଼ାନ୍ତ କରାଯାଇଥିଲା । ସେ ହିଁ ଉପନିବେଶ କାଳର ନାମକୁ ହଟାଇବାକୁ ପ୍ରସ୍ତାବ ଦେଇଥିଲେ ।

## ଭାରୋତ୍ତୋଳକଙ୍କୁ ହତ୍ୟା

**ରୋହତକ, ୩୦।୧୧ (ଏଜେନ୍ସି):** ହରିୟାଣା ରୋହତକର ଜାତୀୟସ୍ତରର ଜଣେ ପାରା ଆଥଲେଟଙ୍କୁ ପିଟି ପିଟି ହତ୍ୟା କରାଯାଇଛି । ମୃତକଙ୍କ ନାମ ରୋହିତ ଧନକର (୨୮) । ଦୁଇ ଦିନ ତଳେ ସେ ବନ୍ଧୁ ଜତିନଙ୍କ ସହ ସମ୍ପର୍କୀୟଙ୍କ ବିବାହରେ ଯୋଗ ଦେବା ପାଇଁ ରେୱାରି-ଖେରା ଯାଇଥିଲେ । ଏଠାରେ ସେ ବର ପକ୍ଷର କିଛି ଲୋକଙ୍କ ଖରାପ ବ୍ୟବହାରକୁ ବିରୋଧ କରିଥିଲେ । ଏହାକୁ ନେଇ ତାଙ୍କ ସହ ଧନକରଙ୍କ କଥା କଟାକଟି ହୋଇଥିଲା । ବିବାହରେ ସାମିଲ ହୋଇ ରୋହତକ ଫେରୁଥିବାବେଳେ ୧୫ରୁ ୨୦ ଜଣ ବ୍ୟକ୍ତି ପିଛା କରି ପଛ ପଟୁ ତାଙ୍କ କାର୍କୁ ଧକ୍କା ଦେଇଥିଲେ । ଏହା ପରେ ଲୁହାଛଡ଼ ଏବଂ ହକି ଷ୍ଟିକ୍ରେ ମାଡ଼ ମାରି ଚାଲି ଯାଇଥିଲେ । ଗୁରୁତର ଅବସ୍ଥାରେ ଧନକରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମାତ୍ର ଦୁଇ ଦିନ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ପୁଲିସ ଏହି ମାମଲାରେ ୬ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି ।

## ଜନ୍ମଦିନରେ ଗୁଳିକାଣ୍ଡ, ୪ ମୃତ

**ୱାସିଂଟନ,୩୦ ।୧୧(ଏଜେନ୍ସି):** ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଷ୍ଟକଟନର ଲୁସିଲ ଆଭେନ୍ୟୁର ବ୍ୟାନକ୍ୱେଟ ହଲ୍ରେ ଏକ ଶିଶୁ ଜନ୍ମଦିନ ପାର୍ଟିରେ ଗୁଳିକାଣ୍ଡ ଘଟିଛି । ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ମୋଟ ଉପରେ ୧୪ ଜଣଙ୍କୁ ଗୁଳି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି । ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପ୍ରଥମେ ବାଣ ଫୁଟାଯାଉ ଥିବା ଭାବିଥିଲୁ ବୋଲି ଘଟଣାସ୍ଥଳରେ ଉପସ୍ଥିତ ଥିବା ବ୍ୟକ୍ତିମାନେ କହିଛନ୍ତି । କିନ୍ତୁ ପରେ ଏହା ଗୁଳିକାଣ୍ଡ ଥିଲା ବୋଲି ଜଣାପଡିଥିଲା । ସାନ ଫ୍ରାନସିସ୍କୋ ପୂର୍ବକୁ ୫୦ ମାଇଲ ଦୂରରେ ଏହି କାଣ୍ଡ ଘଟିଛି । ଆକ୍ରମଣକାରୀ ମାନେ ହଲ୍ ଭିତରକୁ ପସି ଗୁଳ ଚଳାଇଥିଲେ ।

# ପ୍ରେମିକର ହତ୍ୟା ପରେ ମୃତଦେହକୁ ବାହାହେଲେ ପ୍ରେମିକା

**ପ୍ରେମ ଆଗରେ ହାର ମାନିଲା ଜାତିପ୍ରଥା**

**ନୂଆଦିଲ୍ଲୀ,୩୦ ।୧୧(ଏଜେନ୍ସି):** ମହାରାଷ୍ଟ୍ରର ନାନ୍ଦେଡରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଜଣେ ଯୁବତୀ ନିଜ ପ୍ରେମିକଙ୍କ ଶବ ସହ ବିବାହ କରିଛନ୍ତି । ପ୍ରେମିକ ଅନ୍ୟ ଜାତିର ହୋଇଥିବାରୁ ପ୍ରେମିକାର ପରିବାର ଲୋକେ ତାଙ୍କୁ ହତ୍ୟା କରିଥିଲେ । ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିଥିଲେ ଓ ପ୍ରମିକଙ୍କ ମୃତଦେହ ସହ ବିବାହ କରିବାକୁ ଇଚ୍ଛା ଜାହିର କରିଥିଲେ । ପରିବାର ବିରୋଧ ସତ୍ତ୍ୱେ ଯୁବତୀ ଜଣକ ମୃତଦେହ ସହ ବିବାହ କରିଥିଲେ ଓ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବେ ବୋଲି ସଂକଳ୍ପ ନେଇଥିଲେ । ଏହି ଘଟଣା ଆମ ଦେଶରେ ଥିବା କ୍ରୁର ଜାତିଗତ ଭେଦଭାବର ବାସ୍ତବିକତାକୁ ଦର୍ଶାଉଛି । ଏହି ଘଟଣା ନେଇ ପୂରା ମହାରାଷ୍ଟ୍ରରେ ଚର୍ଚ୍ଚା ଚାଲିଛି ।

ଅନ୍ୟ ଜାତିର ଝିଅକୁ ପ୍ରେମ କରିବା କାରଣରୁ ଜଣେ ୨୦ ବର୍ଷର ଯୁବକ ସକ୍ଷମ ଟେଟେଙ୍କୁ ମହଙ୍ଗା ପଡିଛି ଓ ଶେଷରେ ତାଙ୍କୁ ଜୀବନ ଦେବାକୁ ହୋଇଛି । ପ୍ରେମିକା ଆଞ୍ଚଲଙ୍କ ବାପା ଓ ଭାଇମାନେ ଯୁବକଙ୍କୁ ବାଡେଇବା ପରେ ଗୁଳି ମାରିଥିଲେ । ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚିଥିଲେ । ମୃତ୍ୟୁପରେ ଯୁବକଙ୍କ ଅନ୍ତିମ ସଂସ୍କାରରେ ଆଞ୍ଚଲ ନିଜ ମଥାରେ ସିନ୍ଦୂର ଲଗାଇଥିଲେ ଓ ତାଙ୍କ ଘରେ ବୋହୂ ହୋଇ ରହିବେ ବୋଲି ପ୍ରତିଜ୍ଞା କରିଥିଲେ । ୩ ବର୍ଷ ତଳେ ନିଜ ଭାଇଙ୍କ ଜରିଆରେ ସକ୍ଷମଙ୍କୁ ଭେଟିଥିଲେ ଆଞ୍ଚଲ । ତାଙ୍କ ଘରକୁ ବରାବର ଯିବା ଫଳରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିନ୍ତୁ ଦୁହିଁଙ୍କ ଜାତି ଅଲଗା ହୋଇଥିବାରୁ ଏହି ସମ୍ପର୍କକୁ ଆଞ୍ଚଲଙ୍କ ପରିବାର ବିରୋଧ କରିଥିଲେ । ବାରମ୍ବାର ଧମକ ସତ୍ତ୍ୱେ ଆଞ୍ଚଲ ନିଜର ପ୍ରେମ ସମ୍ପର୍କ ଜାରି ରଖିଥିଲେ । ଯେତେବେଳେ




ଆଞ୍ଚଲ ବିବାହ କରିବାକୁ ଯାଉଥିବା କଥା ଜାଣିଲେ, ସେତେବେଳେ ତାଙ୍କ ପରିବାର ଲୋକ ସକ୍ଷମଙ୍କୁ ହତ୍ୟା କରିଥିଲେ । ସକ୍ଷମଙ୍କ ଅନ୍ତିମ ସଂସ୍କାର ବେଳେ ଆଞ୍ଚଲ ତାଙ୍କ ଘରକୁ ଯାଇ ନିଜ ଶରୀରରେ ହଳଦୀ ଲଗାଇବା ସହ ମଥାରେ ସିନ୍ଦୂର ପିନ୍ଧିଥିଲେ ଓ ତାଙ୍କ ମର ଶରୀରକୁ ବିବାହ କରିଥିଲେ । ବାକି ଜୀବନ ସକ୍ଷମଙ୍କ ଘରେ ବିତାଇବାକୁ ସେ କହିଥିଲେ । ଆମ ପ୍ରେମର ବିଜୟ ହେଲା ଓ ମୋ ବାପା ଓ ଭାଇମାନେ ହାରିଯାଇଛନ୍ତି ବୋଲି ଆଞ୍ଚଲ କହିଛନ୍ତି । ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିବା ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ନ୍ୟାସନାଲ ହେରାଲ୍ଡ ମାମଲା: ସୋନିଆ, ରାହୁଲଙ୍କ ବିରୋଧରେ ଏତଲା

**ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ: କଂଗ୍ରେସ**

**ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):** ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ନୂଆ ଏତଲା ରୁଜୁ କରାଯାଇଛି । ଏହି ଏତଲାରେ ସାମ ପିତ୍ରୋଦା, ସୁମନ ଦୁବେ, ସୁନୀଲ ଭଣ୍ଡାରୀ ଏବଂ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ସହିତ ତିନି କମ୍ପାନୀ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ), ଡୋଟେକ୍ସ ମର୍ଚେଣ୍ଡାଇଜ ପ୍ରାଇଭେଟ ଲିମିଟେଡ ଏବଂ ୟଙ୍ଗ ଇଣ୍ଡିଆନର ନାମ ରହିଛି । ଏମାନେ ସମସ୍ତେ ମିଶି ଜାଲିଆତି କରି ଏଜିଏଲ ହାସଲ କରିଥିବା ପୁଲିସ ଏହାର ଏତଲାରେ ଅଭିଯୋଗ କରିଛି । ଅଭିଯୋଗ ଅନୁଯାୟୀ, ୨୦୧୦ରେ ଏଜିଏଲ ପାଖରେ ପ୍ରାୟ ୨ ହଜାର କୋଟି ଟଙ୍କାର ସମ୍ପତ୍ତି ଥିଲା । ଏହି ସମୟରେ ୟଙ୍ଗ ଇଣ୍ଡିଆନକୁ କୋଲାକାତାର ଡୋଟେକ୍ସ ମର୍ଚେଣ୍ଡାଇଜ କୋଟିଏ ଟଙ୍କା ଦେଇଥିଲା । ପରେ କଂଗ୍ରେସକୁ ୫୦ ଲକ୍ଷ ଟଙ୍କା ପରିଶୋଧ କରି ୟଙ୍ଗ ଇଣ୍ଡିଆନ କମ୍ପାନୀ ଏଜିଏଲକୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଥିଲା । ୟଙ୍ଗ ଇଣ୍ଡିଆନ କମ୍ପାନୀରେ ରାହୁଲ ଏବଂ ସୋନିଆଙ୍କ ୭୬ ପ୍ରତିଶତ ଅଂଶଧନ ଥିଲା । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ହେଡକ୍ୱାର୍ଟର୍ସ ଇନଭେଷ୍ଟିଗେସନ ୟୁନିଟ (ଏଚଆଇୟୁ)ର ଅଭିଯୋଗ କ୍ରମେ ଅକ୍ଟୋବର ୩ ତାରିଖରେ ଏହି ମାମଲାରେ ଏତଲା ରୁଜୁ କରାଯାଇଥିଲା । ଅନ୍ୟପକ୍ଷରେ କଂଗ୍ରେସ ଏହି ଅଭିଯୋଗକୁ ରାଜନୈତିକ ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ କହିଛି । ବିରୋଧୀଙ୍କୁ ଦବାଇବା ପାଇଁ ଏପରି କରାଯାଉଛି । ଏତଲା ବିଷୟରେ କୌଣସି ସୂଚନା ନ ଥିବା କୁହାଯାଇଛି । କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ମୋଦୀ-ଶାହା ଯୋଡ଼ି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କ ବିରୋଧରେ ଉତ୍ପୀଡ଼ନ, ଧମକ ଏବଂ ପ୍ରତିଶୋଧ ପରାୟଣର ରାଜନୀତି କରୁଛନ୍ତି ।






'ବିରାଟ' ଶତକ
▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-155 ◆MONDAY ◆1 DECEMBER 2025 ◆PAGE-20 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୫୫ ◆ସୋମବାର ◆୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୨୦ ◆ଟ.୬.୦୦


# ସ୍ୱନକ୍ଷତ୍ରର ସଂକଳ୍ପ

॥ ମାନସ ମଙ୍ଗରାଜ ॥

କୋଭିଡ଼ ମହାମାରୀର ଭୟଙ୍କର ସମୟ। ଯେଉଁ ସମୟରେ ପାଠକମାନଙ୍କ ପାଇଁ ଏକପ୍ରକାର ଅଛୁଆଁ ହୋଇ ଯାଇଥିଲା ସମ୍ବାଦପତ୍ର। ସେହି କଷ୍ଟକର ସମୟରେ ଆତ୍ମପ୍ରକାଶ କରିଥିଲା 'ସକାଳ'। ଭବିଷ୍ୟତରେ ଓଡ଼ିଆ ସମ୍ବାଦପତ୍ରର ଇତିହାସ ଲେଖାଯିବାବେଳେ ଅତ୍ୟନ୍ତ ପ୍ରତିକୂଳ ସମୟରେ 'ସକାଳ'ର ଆତ୍ମପ୍ରକାଶ ହୁଏତ ଅବିଶ୍ୱାସ୍ୟ ମନେ ହୋଇପାରେ; ମାତ୍ର ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ଶେଷ ଭାଗରେ 'ସକାଳ'ର ଆବିର୍ଭାବ ରକ୍ତିମ ରେଖାଙ୍କିତ ହୋଇ ରହିବ ନିଶ୍ଚୟ।

କେହି ସ୍ୱୀକାର କରୁ ବା ନ କରୁ ପକ୍ଷପାତ ଏକ ଚରମ ବାସ୍ତବତା। ବର୍ତ୍ତମାନ ସମୟରେ ଏହି ପକ୍ଷପାତ ମୁଖ୍ୟଧାର ଗଣମାଧ୍ୟମ ପ୍ରତି ପାଠକଙ୍କର ବିଶ୍ୱସନୀୟତା ହ୍ରାସ କରିଛି। ଅନୁରୂପ ଭାବରେ ସାମାଜିକ ଗଣମାଧ୍ୟମର ପ୍ରଭାବ ମୁଦ୍ରିତ ଗଣମାଧ୍ୟମ ପ୍ରତି ସୃଷ୍ଟି କରିଛି ସଙ୍କଟ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ବିଭାଜନ ରେଖା ସାଧାରଣ ପାଠକଙ୍କୁ ମୁଦ୍ରିତ ଗଣମାଧ୍ୟମଠାରୁ ଦୂରେଇ ନେଉଛି। ଖବର ପ୍ରସାରର ଦ୍ରୁତ ମାଧ୍ୟମ ଏବେ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶିତ ଖବରକୁ ଆଉ ତଟକା ରଖିପାରୁନି। ଏପରି ସମୟରେ ସମ୍ବାଦପତ୍ରଗୁଡ଼ିକୁ ନିଜର ସ୍ଥିତି ପାଇଁ ସଂଗ୍ରାମ କରିବାକୁ ପଡୁଛି। ନ୍ୟୁଜ ପ୍ରିଣ୍ଟ, ମୁଦ୍ରଣରେ ବ୍ୟବହୃତ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ସବୁ ଖବରକାଗଜକୁ ସଂଘର୍ଷ କରିବାକୁ ବାଧ୍ୟ କରିଛି। 'ସକାଳ' ବି ଏଥିରୁ ବାଦ ପଡ଼ିନାହିଁ।

ଏହି ସମୟରେ ସମ୍ବାଦପତ୍ରଗୁଡ଼ିକ ପାଇଁ ସରକାରୀ ପୃଷ୍ଠପୋଷକତା ଏକ ଅନିବାର୍ଯ୍ୟ ଆବଶ୍ୟକତା। ମାତ୍ର ବିଡ଼ମ୍ବନା; 'ସକାଳ' ଏଥିରୁ ଏକପ୍ରକାର ବଞ୍ଚିତ। 'ସକାଳ' କାହିଁକି ଏହି ପୃଷ୍ଠପୋଷକତାରୁ ବଞ୍ଚିତ, ତାହାର ଉତ୍ତର ଆମ ପାଖରେ ନାହିଁ ଓ ଆମକୁ ଏହାର ଉତ୍ତର ଦେବାକୁ କେହି ଉଚିତ ମଣୁନାହାନ୍ତି । ଏହା ସତ୍ତ୍ୱେ ଆମେ ଆମର ଧର୍ମରୁ ବିଚ୍ୟୁତ ହୋଇନାହୁଁ, ପାଠକଙ୍କ ସ୍ୱାର୍ଥରେ ସାଲିସ କରିନାହୁଁ, ଖବରକୁ ମୋଡ଼ି ମକଚି କାହାକୁ ନିଶାଣ କରିନାହୁଁ। ଭଲକୁ ଭଲ, ଖରାପକୁ ଖରାପ କହିବାର ସାମର୍ଥ୍ୟ ରଖିଛୁ। ତଥ୍ୟ ଓ ପ୍ରସଙ୍ଗକୁ ଯଥାସମ୍ଭବ ବସ୍ତୁନିଷ୍ଠ ଓ ନିରପେକ୍ଷ ଭାବରେ ପ୍ରକାଶ କରିବାକୁ ଉଦ୍ୟମ କରି ଆସିଛୁ ଓ ଏହି ନୀତିରେ ଅଟଳ ରହିବାକୁ ସଂକଳ୍ପ ମଧ୍ୟ ନେଇଛୁ। ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ପାଠକମାନଙ୍କର ଆଦର, ଶ୍ରଦ୍ଧା, ଉତ୍ସାହ ଓ ସହଯୋଗ ଆମକୁ ଆମର ମୂଲ୍ୟାୟନ କରିବାକୁ ସୁଯୋଗ ଦେଇଛି। ଆମ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିଛି।

ଆଦ୍ୟ ଶୈଶବ ଅତିକ୍ରମ କରି ମଧ୍ୟ ଶୈଶବରେ ପ୍ରବେଶ କରିଛି 'ସକାଳ'। ପାଞ୍ଚ ପୂରି ଛଅ ବର୍ଷରେ ପାଦ ଦେଇଛି। ଆପଣାଛାଏଁ ଚାଲିବା ଆରମ୍ଭ କରିଛି। ସତକୁ ଅବିକଳ ସତ ଓ ମିଛକୁ ଅବିକଳ ମିଛ ଭାବରେ ପ୍ରକାଶ କରିବୁ ବୋଲି ପ୍ରଥମ ପ୍ରକାଶ ଦିନଠାରୁ 'ସକାଳ' ନେଇଥିବା ସଂକଳ୍ପରେ ଅଟଳ ରହିଛି। ପଞ୍ଚମ ସ୍ୱନକ୍ଷତ୍ରରେ ଅନୁଚିନ୍ତା ନୁହେଁ, ଆମେ ଆମର ସଂକଳ୍ପକୁ ଦୋହରାଉଛୁ। ଏହି ସମୟ ମଧ୍ୟରେ 'ସକାଳ'କୁ କୋଳେଇ କାଖେଇ ଚାଲିବା ଶିଖାଇଥିବା ଆମର ସହୃଦୟ ପାଠକ, ପୃଷ୍ଠପୋଷକ, ବିଜ୍ଞାପନଦାତାଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛୁ। ସବୁ ବାଧାବିଘ୍ନ ଓ ଘାତ ପ୍ରତିଘାତ ଭିତରେ ଯେଉଁ ବିତରକ ଭାଇମାନେ 'ସକାଳ'କୁ ପ୍ରତି ଘରେ ପହଞ୍ଚାଇ ଆମକୁ ପରିଚୟ ଦେଇଛନ୍ତି, ସେମାନଙ୍କ ନିକଟରେ ଆମେ ନତମସ୍ତକ। ଆପଣମାନେ ଗତ ୫ ବର୍ଷ ହେଲା ଆମକୁ ଦେଇଥିବା ଅଶେଷ ସ୍ନେହ, ଅସୁମାରୀ ଶ୍ରଦ୍ଧାକୁ ଆମେ ପାଶୋରି ନାହୁଁ କି ପାଶୋରି ପାରିବୁ ନାହିଁ। କୃତଜ୍ଞତା ସର୍ବଦା ଶବ୍ଦହୀନ, କୃତଜ୍ଞତା ଜ୍ଞାପନ ସର୍ବଦା ଭାଷାରୁ ଊର୍ଦ୍ଧ୍ୱରେ। ତଥାପି ଆମେ ଅନ୍ତରରୁ ଆପଣମାନଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରୁଛୁ। ବିଗତ ବର୍ଷମାନଙ୍କ ପରି ଆଗାମୀ ବର୍ଷଗୁଡ଼ିକରେ ବି ଆପଣମାନଙ୍କ ଶ୍ରଦ୍ଧା ଓ ସହଯୋଗ ଆମ ପ୍ରତି ଅତୁଟ ରହୁ ବୋଲି କାମନା କରୁଛୁ। ●

**ସାଂସଦ, ରାଜ୍ୟସଭା**

## ଆଜିଠାରୁ ସଂସଦର ଶୀତକାଳୀନ ଅଧିବେଶନ

# ବିରୋଧୀଙ୍କ ହାତରେ 'ଏସ୍ଆଇଆର୍' ଅସ୍ତ୍ର

■ ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ଶୀତକାଳୀନ ଅଧିବେଶନ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍ କୁ ନେଇ ସଂସଦରେ ପୁଣି ଅଚଳାବସ୍ଥା ସୃଷ୍ଟି ହୋଇପାରେ। ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ସୂଚନା ମିଳିଛି। ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ଏସ୍ଆଇଆର୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ପ୍ରବଳ କାମ ଚାପ ଯୋଗୁଁ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଓ ଆତ୍ମହତ୍ୟା ଘଟଣାକୁ ନେଇ ବିରୋଧୀ ଦଳମାନେ ଉଦବେଗ ପ୍ରକାଶ

**ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ଦାବି**

**ଏସ୍ଆଇଆର ଉପରେ ଆଲୋଚନା ହେଉ**

**ପ୍ରତିଶ୍ରୁତି ଦେବାକୁ ମନାକଲେ ସରକାର**



କରିଛନ୍ତି। ନିର୍ବାଚନ କମିସନ କାହିଁକି ତରବରିଆ ଭାବେ ଏସ୍ଆଇଆର୍ ପ୍ରକ୍ରିୟା ଆଗେଇ ନେବାକୁ ଉଦ୍ୟମ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେଣୁ ଏହା ଉପରେ ବିସ୍ତୃତ ଆଲୋଚନା କରିବାକୁ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ସରକାର ଏହା ଉପରେ କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଦେଇଛନ୍ତି। ସରକାର କହିଛନ୍ତି ଯେ ଶୀତକାଳୀନ ଅଧିବେଶନରେ ଏହା ଉପରେ ଆଲୋଚନା ସଂସଦର ଏଜେଣ୍ଡାରେ ନାହିଁ। ତେବେ ଗୃହ ପରିଚାଳନା କମିଟି ଏହା ଉପରେ କେବଳ ନିଷ୍ପତ୍ତି ନେଇ ପାରିବ।

ସର୍ବଦଳୀୟ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଆଜି ବୈଠକ ସକରାତ୍ମକ ଓ ଗଠନମୂଳକ ରହିଥିଲା। ୩୬ଟି ଦଳର ୫୦ ଜଣ ନେତା ଏହି ବୈଠକରେ ଉପସ୍ଥିତ ଥିଲେ। ଏସଆଇଆର ଉପରେ ଆଲୋଚନା ପାଇଁ ଅଧିକାଂଶ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ଏହାକୁ ନେଇ ସଂସଦକୁ ଅଚଳ କରିବା ଲାଗି କୌଣସି ଦଳ କହି ନାହାନ୍ତି। ତେବେ ଏସଂପର୍କରେ କେବଳ ଗୃହ ପରିଚାଳନା କମିଟି ହିଁ ନିଷ୍ପତ୍ତି ନେଇପାରିବ। ▶ପୃଷ୍ଠା-୧୧

# ଅମାନିଆ ବାବୁଙ୍କୁ ଶେଷ ଚେତାବନୀ

## ସମ୍ପତ୍ତି ତାଲିକା ନ ଦେଲେ ପଦୋନ୍ନତି ବନ୍ଦ

■ ଭୁବନେଶ୍ୱର, ୩୦।୧୧ (ସମିସ): ବାବୁଙ୍କ ସମ୍ପତ୍ତି ତାଲିକା ଦାଖଲକୁ ନେଇ ପୁଣିଥରେ କଠୋର ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ରାଜ୍ୟ ସରକାର। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁ ସରକାରୀ ବାବୁମାନେ ସମ୍ପତ୍ତି ତାଲିକା ଦାଖଲ ନ କରିଥିବେ, ପଦୋନ୍ନତି ପାଇଁ ସେମାନେ ଅନୁପଯୁକ୍ତ ସାବ୍ୟସ୍ତ ହେବେ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସାନି ନିର୍ଦ୍ଦେଶନାମା ଜାରି କରିଛି। ପୂର୍ବରୁ ଏକାଧିକ ବାର ଏନେଇ ସରକାରଙ୍କ ପକ୍ଷରୁ ଚେତାବନୀ ସତ୍ତ୍ୱେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନେ ଏଯାଏଁ ସେମାନଙ୍କର ତାଲିକା ଦାଖଲ କରିନାହାନ୍ତି। ଯାହାକୁ ନେଇ ସରକାର ଶେଷ ଚେତାବନୀ ଜାରି କରିଛନ୍ତି।

ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଓଡ଼ିଶା ପ୍ରଶାସନିକ ସେବା(ପଦୋନ୍ନତି ପାଇଁ ମାନଦଣ୍ଡ) ଅଧିନିୟମ, ୧୯୯୨ ଅନୁଯାୟୀ ସରକାରୀ ସେବା କ୍ଷେତ୍ରରେ ସମସ୍ତ ଦକ୍ଷତା, ଯୋଗ୍ୟତା ସହ ବରିଷ୍ଠତାକୁ ଗୁରୁତ୍ୱ ଦିଆଯିବ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପତ୍ତି ତାଲିକା ଦାଖଲ କରି ନ ଥିଲେ ସରକାରୀ ବାବୁମାନେ ପଦୋନ୍ନତି ▶ପୃଷ୍ଠା-୧୧

# ଆଜି ଦୌଡ଼ିବ ଓଡ଼ିଶା




**'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ୫ ସ୍ଥାନରେ ମିନି ମାରାଥନ୍**

**ରାଜ୍ୟସ୍ତରୀୟ ବିତର୍କରେ ଭାଗନେବେ ୩୦ ଜିଲ୍ଲାର ଶ୍ରେଷ୍ଠ ପ୍ରତିଯୋଗୀ**

■ ଭୁବନେଶ୍ୱର, ୩୦।୧୧ (ସମିସ): ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ସୋମବାର ରାଜ୍ୟର ୫ଟି ସହରରେ ଅନୁଷ୍ଠିତ ହେବ 'ମିନି ମାରାଥନ' । ଭୁବନେଶ୍ୱର, ବାଲେଶ୍ୱର, ସମ୍ବଲପୁର, ଜୟପୁର ଏବଂ ରାଉରକେଲାରେ ମାରାଥନ ନିମନ୍ତେ ସକାଳ ୫ଟାରୁ ପଞ୍ଜୀକରଣ ହେବ ଓ ସକାଳ ୬ଟାରେ ମିନି ମାରାଥନକୁ ବିଶିଷ୍ଟ ଅତିଥିମାନେ ପତାକା ହଲାଇ ଉଦ୍‌ଘାଟନ କରିବେ। ଉଦ୍‌ଯାପନ ଉତ୍ସବରେ କୃତୀ ▶ପୃଷ୍ଠା-୧୧




# ରଜତନଗର ଉଚ୍ଚପ୍ରାଥମିକ ବିଦ୍ୟାଳୟ ବିଜ୍ଞାନାଗାର ଉଦ୍‌ଘାଟିତ

ଶରତ,୩୦।୧୧(ସମିସ):କପ୍ତିପଦା ବ୍ଲକ୍ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତ ଅଧୀନ ରଜତନଗର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସନ୍ଧାନ ଏନଜିଓ ଓ କ୍ରାୟ କୋଲକାତା ମିଳିତ ସହଯୋଗରେ ପ୍ରାୟ ଦଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ବିଜ୍ଞାନଗାର ସ୍ଥାପନ କରାଯାଇଛି। ଏହି ବିଜ୍ଞାନଗାର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିବ ବୋଲି ଆଶା ରଖିଛନ୍ତି ଅଞ୍ଚଳର ଅଭିଭାବକ। ଉକ୍ତ ବିଜ୍ଞାନାଗାର ଉଦଘାଟନ କରାଯାଇଛି। ଗ୍ରୱାଲ ଆଇଟି କମ୍ପାନୀ ଉପସ୍ଥିତ ରହି ଉଦଘାଟନ କରିଥିଲେ। ଶିକ୍ଷା ସନ୍ଧାନର ସମ୍ପାଦକ ଅନୀଲ ପ୍ରଧାନ ଓ କ୍ରାୟ କୋଲକୋତାର ମୁଖ୍ୟ ଅସୀମ ଘୋଷ ଓ ପ୍ରୋଗ୍ରାମ ଅଫିସର ପ୍ରିୟା ରାୟ ପ୍ରମୁଖ ଉପସ୍ଥିତ ରହି ଆୟୋଜନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ସନ୍ଧାନର ପ୍ରୋଗ୍ରାମ କୋଅଡିନେଟର ଅମର ଭୋଇ, ପ୍ରବୀଣ ପ୍ରଧାନ, ରଜତନଗର ଉଚ୍ଚପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ, ରାଣୀପୋଖରୀ ସରପଞ୍ଚ ଭଞ୍ଜ ସିଂ, ବାରଦା, କୁଆଁର ବାରଦା, ଗାମାଏ ଗୋଇପାଇ, ନବୀନ ମୁଣ୍ଡରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଯୁକ୍ତିଭିତ୍ତିକ କର୍ମଶାଳା ଉଦ୍‌ଯାପିତ


କରଞ୍ଜିଆ,୩୦।୧୧(ସମିସ): ନନ୍ଦୀ ଫାଉଣ୍ଡେସନ ପକ୍ଷରୁ କେରିଆର କାଉନସେଲିଂ, ମହେନ୍ଦ୍ରା ପ୍ରାଇଡ କ୍ଲାସରୁମ, ସ୍କିଲ ଡେଭଲେପମେଣ୍ଟ ଟ୍ରେନିଂ କାର୍ଯ୍ୟକ୍ରମ ପାଞ୍ଚପିଢ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଛି। ଏହି କର୍ମଶାଳା ଅଧ୍ୟକ୍ଷା ପ୍ରଣତି ବାରିକଙ୍କ ଅଧ୍ୟକ୍ଷତାରେ ୧୩ ତାରିଖରେ ମହେନ୍ଦ୍ରା କମ୍ପାନୀ ପକ୍ଷରୁ ଆରମ୍ଭ ହୋଇ ୨୮ ତାରିଖରେ ଉଦଯାପିତ ହୋଇଛି। ନିଯୁକ୍ତିଭିତ୍ତିକ ପ୍ରଶିକ୍ଷକ ଭାବେ କଂପାନୀ ପକ୍ଷରୁ ବିଭୁସୁନ୍ଦର ମହାନ୍ତି ଯୋଗଦେଇ ଛାତ୍ରୀଙ୍କୁ ଇଣ୍ଟରଭିଉ କିପରି ଫେସ୍ କରିବେ, ନିଜର ଲକ୍ଷ୍ୟସ୍ଥଳୀରେ କିପରି ପହଞ୍ଚି ପାରିବେ, ସମୟକୁ କିପରି ଉପଯୋଗ କରିବେ ଏପରି ଅନେକ ଟିପ୍ସ ଦେଇଥିଲେ। ଏହାଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବାଳିକା ସହଜରେ ଇଣ୍ଟରଭିଉ ମୁକାବିଲା କରିପାରିବେ। ମହାବିଦ୍ୟାଳୟ ପକ୍ଷରୁ କେରିଆର କାଉନସେଲିଂ ଅଧିକାରୀ ଅଧ୍ୟାପକ ଯଯାତି କିଶୋର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୬ ଜଣ ଛାତ୍ରୀଙ୍କୁ ମହେନ୍ଦ୍ରା କମ୍ପାନୀ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରଯାଇଥିଲା। ଏନ୍‌ଏସ ପାୟଲ ଧନ୍ୟବାଦ ଅର୍ପଣ କରିଥିଲେ।


# ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା

କୁଳିଅଣା,୩୦।୧୧(ସମିସ): ଚାନ୍ଦୁଆ ପଞ୍ଚାୟତର ବାଉଁଶବଣି ଗ୍ରାମରେ ସିଦ୍ଧୁ କାହ୍ନୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମି ପୂଜା କରାଯାଇଛି। ବାଉଁଶବଣି ୧୨ନଂ ଓ ୧୩ନଂ ୱାର୍ଡ ମେମ୍ବର ପ୍ରିୟଙ୍କା ଦାସ ଓ ମହିର ପାଲବାବୁଙ୍କ ସମେତ ସମସ୍ତ ଗ୍ରାମବାସୀ ଓ ନେଡ଼ା ସାକ୍ରାନ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଜାନୁଆରୀ ୨୪ ଓ ୨୫ ନେଡ଼ା ସାକ୍ରାନ୍ତରେ ପ୍ରତିମୂର୍ତ୍ତି ସ୍ଥାପିତ ହେବ ବୋଲି ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ କହିଛନ୍ତି। ଜାନୁଆରୀ ୨୪ରେ ନେଡ଼ା ସାକ୍ରାନ୍ତ ଦିନ ପ୍ରତିମୂର୍ତ୍ତି ଉନ୍ମୋଚିତ ସହ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହେବ ବୋଲି ବାଉଁଶବଣି ସଭାପତି ଚିତ୍ତରଞ୍ଜନ ମାଝୀ ଓ ସମ୍ପାଦକ କାହ୍ନେଇ ଲାଲ ମୁର୍ମୁ କହିଛନ୍ତି। ପରଦିନ ଢାବୁଲ ତାମସା ସହ ଆଦିବାସୀ ଯାତ୍ରା ଅନୁଷ୍ଠିତ ହେବ।










## ବଦ୍‌ନାମ ଗଳିର ବାଦ୍‌ଶାହା

(ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ଏଲ ଏଲ୍ ବି)



ଭୋଗ ସର୍ବସ୍ୱଙ୍କ ଛତ୍ରଛାୟା ତଳେ
ସବୁଠି ଦେଖୁଛି ବିନାଶର ଛାଇ,
ଅଣନିଃଶ୍ୱାସୀ ଅଭିମନ୍ୟୁ ମୁଁ
ସମସ୍ତର ଶ୍ଳେଷ ନପାରି ହଟାଇ ।
ଧରମ ନାମରେ ଧର୍ମସୌଦାଗର
ପେଟପୂଜା ପାଇଁ ଆଶ୍ରମ ମେଲି,
ମାନବବାଦ୍‌ର ପରିପନ୍ଥୀ ସବୁ
ପଥହୁଡା ପନ୍ଥ ନିଜ ଖାତା ଖୋଲି ।
ପୂଜା ପର୍ବ ମେଳା ମହୋତ୍ସବ ଯେତେ
ସାଜ ସଜାଣିରେ ଯାଏ କୋଟି କୋଟି,
ଚାନ୍ଦା ଚପଟର ରଙ୍ଗର ରୋଳାରେ
ଚଳିଯାଆନ୍ତି କିଛି ସପନ ବିକ୍ରି ।
ଯାନି ଯାତରାର ସୁଆଗରେ ଛୁଟେ
ମେଲୋଡି ନାମରେ କଳାରେ କାଳିମା,
ସଂସ୍କୃତି ନାମରେ ଡିଜେ ବାଜା ପାଇଁ
ଜୀବନ ଗଲେବି ତା ପାଇଁ ବଢିମା ।
ସାହିତ୍ୟରେ ଭାଷା ଭୂକମ୍ପନ ନାହିଁ
ସଭା ପ୍ରହସନ ପାଂଶୁଳ ପାଲା,
ସାଧୁ କଲମକୁ ସୁଧା ଉପୁଜୁନି
ସତ କହିବାଙ୍କ ମୁହଁରେ ତାଲା ।
ଘର କରଣାରେ ଅସ୍ୱସଖୋର୍
ପୁଅ ପାଇଁ ବାପା ମାଆ ବେଫିକର,
ତା ପିଲା କବିଲା ତାର ପରିବାର
ଦେଖାଯାଏ ଯେତେ ଭାଇ ସେତେ ଘର ।
ମୋବାଇଲ ମାୟା ମିରିଗ ସରି
ତା ପାଇଁ ସମ୍ପର୍କ ତୁଟି ଯାଉଛି,
ହାତରେ ନମାରି ଭାତରେ ମାରୁଛି
ସାଇବର ଠକଙ୍କ ମୋହରା ବଢୁଛି ।
ସୁଖର ଦେଶ ତାଲିକାରେ ଆମେ
ଶହେ ଛତିଶି ପଛରେ କି ପାଇଁ,
ରାଜନୀତିଆଠୁ ବୁଦ୍ଧିଜୀବି ଯାଏଁ
ନିଦାବିଷ୍ଟ ସବୁ ଚିନ୍ତା ଦକ ନାହିଁ ।
ପେଣ୍ଟୁ ସମ ଯିଏ ପାଣ୍ଡବ ବୋଲାଇ
ସମାଜସେବୀର ବାହାବା ନିଏ,
ସଭାସମିତିରେ ଭାଷଣବାଜିରେ
ଯିଏ ଯାହା କହେ ସିଏ ତାହା ନୁହେଁ ।
ଚଟୁରେ ଆମିଷ ବଟୁ ନିରାମିଷ
ମାନଙ୍କ ଛଇରେ ଭାଙ୍ଗିପଢ ନାହିଁ,
ରଙ୍କର ରାଜା ହେବାକୁ ହେଲେ
ଆଗେ ବଡ଼ ସିଜୁଦ୍ରୁମ ସମ ସହି ।
ଲକ୍ଷେ ଜନମର ତପସ୍ୟା ଥିଲେ
ସେବା କରିବାର ସୁଯୋଗ ମିଳେ,
ସାମାଜିକ ପରମାୟୁ ବଢ଼ିଯାଏ
ଭୂମିରେ ଭୂମାର ସୌଭାଗ୍ୟ ବଳେ ।
ଭାଗ୍ୟନଥି ଯଦି ଖୋଲିବାର ଅଛି
'ବମ୍ ଗଳିର ବାଦଶାହା' ନହୁଅ,
କଥାରେ ନୁହେଁ କାମରେ ଦେଖାଅ
'କର ବା ମର' ନୀତି ଆପଣାଅ ।

ଓଡ଼ିଶାରେ ମାନବ ଧର୍ମର ପ୍ରବର୍ତ୍ତକ
(ବାରିପଦା, ଚଳଭାଷ - ୯୪୩୯୪୮୦୦୦୦)














# ଜାହିରା ସ୍ଥଳରେ ଧାନଖଳା ନିର୍ମାଣକୁ ବିରୋଧ

ରାଇରଙ୍ଗପୁର,୩୦ା୧୧(ସମିସ): ରାଇରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ଗୋରୁମହିଷାଣି ଅଞ୍ଚଳର ହାତିଆ ଗ୍ରାମର ଆଦିବାସୀଙ୍କ ଜାହିରା ସ୍ଥଳରେ ଧାନଖଳା ନିର୍ମାଣକୁ ବିରୋଧ କରାଯାଇଛି। ତାହାକୁ ବନ୍ଦ କରିବା ପାଇଁ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ହାତିଆ ଗ୍ରାମର ଆଦିବାସୀଙ୍କ ଦେବସ୍ଥଳୀ ଜାହିରା ପୀଠରେ ବିନା ଗ୍ରାମସଭା ଓ ବିନା ସୂଚନାରେ ଧାନଖଳା ନିର୍ମାଣ କରାଯାଉଛି। ଫଳରେ ଆଦିବାସୀଙ୍କ ଦେବସ୍ଥଳୀ ବିଲୁପ୍ତ ହେବା ସହ ସଂସ୍କୃତି ଓ ଐତିହ୍ୟକୁ ନଷ୍ଟ କରିବାକୁ ଚକ୍ରାନ୍ତ କରାଯାଉଥିବା ଅଭିଯୋଗ କରିଛନ୍ତି। ତେଣୁ ଧାନଖଳା ନିର୍ମାଣକୁ ବନ୍ଦ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ଦାବି ନ ଶୁଣିଲେ ସମସ୍ତ ଆଦିବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଶରତ ଚନ୍ଦ୍ର ପଶା ସ୍ମାରକୀ ଫୁଟ୍‌ବଲ୍; ମଙ୍ଗଳପୁର ଚାମ୍ପିଅନ୍

ବଡ଼ସାହି,୩୦ା୧୧(ସମିସ): ମାଣତ୍ରୀ ପଞ୍ଚାୟତର ବଦଳିଗାଁ ଗ୍ରାମରେ ଶରତ ଚନ୍ଦ୍ର ପଶା ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ବାବା ଭୂତେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପୁତ୍ର ଅନନ୍ତ ପଶାଙ୍କ ସହଯୋଗରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ମଙ୍ଗଳପୁର ଓ ନୀଳଗିରି ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ମଙ୍ଗଳପୁର ୫-୪ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ପ୍ରକାଶ ଦଳେଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏସଡିସିର ପୂର୍ବତନ ଚେୟାରମ୍ୟାନ ଦେବାଶିଷ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଚେୟାରମ୍ୟାନ ମିନତୀ ସିଂ, ଉପାଧ୍ୟକ୍ଷା କାଞ୍ଚନ ପ୍ରଧାନ, ଡାକ୍ତର ରଜନୀକାନ୍ତ ମହାପାତ୍ର, ଯାମିନୀ କାନ୍ତ ନାଏକ ଓ ଲଲାଟେନ୍ଦୁ ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।












# ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ୍ ଟ୍ରଫି ଉଦ୍‌ଘାଟିତ



**ଧର୍ମଶାଳା, ୩୦।୧୧(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ସାଂସଦ ଖେଲୋ ଇଣ୍ଡିଆ ମାଧ୍ୟମରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭିନ୍ନକ୍ଷମ କ୍ରିକେଟ ପ୍ରତିଯୋଗିତା ଅବସରରେ ଆଜି ଟ୍ରଫି ଉନ୍ମୋଚିତ ହୋଇଯାଇଛି। ମିସ୍ ଲୋରିଆଙ୍କ ସଂଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନରାୟଣ ବେହେରା, ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଅତିଥି ଭାବେ ଯାଜପୁର ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ପୁର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡା, ବିଞ୍ଝାରପୁର ବିଜେପି ନେତ୍ରୀ ବବିତା ମଲିକ, ଧର୍ମଶାଳା ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସାଂସଦ ଖେଲ ଇଣ୍ଡିଆର ଟ୍ରଫିକୁ ଉନ୍ମୋଚନ କରିଥିଲେ। ବିଜେପି ନେତା କାହ୍ନୁ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।ଧର୍ମଶାଳା ଷ୍ଟାଡିୟମରେ ଖେଲୋଇଣ୍ଡିଆ୨୦୨୫ ମାଧ୍ୟମରେ ଅନୁଷ୍ଠିତ ଭିନ୍ନକ୍ଷମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମହାରାଷ୍ଟ୍ର, ଓଡ଼ିଶା, ଛତିଶଗଡ଼, ଗୋଆ, ହିମାଚଳ ପ୍ରଦେଶ, ରାଜସ୍ଥାନ ଆଦି ୬ ଗୋଟି ରାଜ୍ୟର କ୍ରୀଡ଼ାବିତମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଗତକାଲି ଫ୍ଲଡ୍‌ଲାଇଟରେ ଓଡ଼ିଶା ଓ ଗୋଆ ମଧ୍ୟରେ ମ୍ୟଚ ଅନୁଷ୍ଠିତ ହୋଇଥିବା ବେଳେ ଓଡ଼ିଶା ଦଳ ବିଜୟୀ ହୋଇଥିଲା। ଓଡ଼ିଶା ତରଫରୁ ଶଙ୍କର ୫ଟି ୱିକେଟ ନେଇଥିବା ବେଳେ ଗୋଆ ଦଳର ହେମନ୍ତ ୨ଟି ୱିକେଟ ନେଇଥିଲେ। ସେହିପରି ଓଡ଼ିଶା ଦଳର ଶଙ୍କର ୩୫ ରନ କରିଥିବା ବେଳେ ଗୋଆ ଦଳର ମହେଶ ୩୫ ରନ ସଂଗ୍ରହ କରିଥିଲେ। ତେବେ ଆଜି ପ୍ରଥମ ମ୍ୟାଚ ଛତିଶଗଡ଼ ଓ ମହାରାଷ୍ଟ୍ର ମଧ୍ୟରେ ହୋଇଥିବା ବେଳେ ମହାରାଷ୍ଟ୍ର ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଓଡ଼ିଶା ଓ ହିମାଚଳ ପ୍ରଦେଶ ମଧ୍ୟରେ ହୋଇଥିବା ବେଳେ ହିମାଚଳ ପ୍ରଦେଶ ପ୍ରଥମେ ବ୍ୟାଟିଂ କରି ୬୦ ରନ କରିଥିଲା। ଜବାବରେ ଓଡ଼ିଶା ବ୍ୟାଟିଂ କରି ୩ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ଏହି ସମସ୍ତ ଖେଳକୁ ସୁରଥ ପାତ୍ର ଓ ଗୌରୀଶଙ୍କର ଜେନା ପରିଚାଳନା କରିଥିବା ବେଳେ ସ୍କୋରରେ ଶିବସୁନ୍ଦର ଦାସ ସହୟତା କରିଥିଲେ। ଡିସେମ୍ବର ୩ ତାରିଖରେ ଏହି କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଆନ୍ତଃ ବିଦ୍ୟାଳୟ ଗୀତା ଜ୍ଞାନ ପ୍ରତିଯୋଗିତା

**ପ୍ରୀତିପୁର,୩୦।୧୧(ସମିସ):** ବିଞ୍ଝାରପୁର ବ୍ଲକର ଫତେପୁର ପଞ୍ଚାୟତର ନଛିପୁର ସ୍ଥିତ ନୀଳାଦ୍ରି ବିହାରରେ ଆନ୍ତଃ ବିଦ୍ୟାଳୟ ଶ୍ରୀମଦ୍‌ଭଗବଦ୍ ଗୀତା ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାଟିକୁ ସମାଜସେବୀ ପଦ୍ମାକର ଗୁରୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରୀମଦ୍‌ଭଗବଦ୍ ଗୀତାର ଅଷ୍ଟମ ଅଧ୍ୟାୟରୁ ତିରିଶଟି ପ୍ରଶ୍ନ ପ୍ରସ୍ତୁତ ହୋଇଥିଲା। ଗୀତା ଜ୍ଞାନ ପ୍ରତିଯୋଗିତା କମିଟିର ଅଧ୍ୟକ୍ଷ ସୁଧୀର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀଳାଦ୍ରି ବିହାର ଶ୍ରୀମନ୍ଦିର ପରିଚାଳନା ସମିତି ସଭାପତି ରତନଲାଲ ଭୂୟାଁ ଏଥିରେ ଯୋଗଦେଇଥିଲେ। ଚଳିତ ବର୍ଷ ଡିସେମ୍ବର ୨ତାରିଖ ଦିନ ଗୀତା ଜୟନ୍ତୀ ଅବସରରେ ଚିନ୍ମୟ ମିଶନ, କଟକର ଅଚାର୍ଯ୍ୟ ଓଁକାରାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିବା ସହିତ ଚଳିତ ବର୍ଷର ଭକ୍ତ ନିରଞ୍ଜନ ସ୍ମୃତି ସମ୍ମାନ ପଣ୍ଡିତ ଗୁଣନିଧି ଦାଶଙ୍କୁ ପ୍ରଦାନ କରାଯିବ। ଏଥିରେ ଶ୍ରୀମନ୍ଦିର ଅଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଅମ୍ବରୀଶ ଆଚାର୍ଯ୍ୟ, ଭକ୍ତହରି ବିଶ୍ୱାଳ, ରମାକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।


## ଶିଶୁ କବିତା ପୁସ୍ତକ 'ଗୁଲୁରି ଗାଉଛି ଗୀତ' ଲୋକାର୍ପିତ



**ଧର୍ମଶାଳା,୩୦।୧୧(ସମିସ):** ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲ 'ଆମ ପାଠାଗାର' ପରିସରରେ ଆଜି ପୂର୍ବାହ୍ନରେ ବିଶିଷ୍ଟ ଶିଶୁସାହିତ୍ୟିକ ରତ୍ନାକର ନାୟକଙ୍କ ଶିଶୁ କବିତା ପୁସ୍ତକ "ଗୁଲୁରି ଗାଉଛି ଗୀତ' ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଡ.ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲୋକାର୍ପିତ ଉତ୍ସବରେ ଡ. ବସନ୍ତ କିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ "ଗୁଲୁରି ଗାଉଛି ଗୀତ' ଶିଶୁ ପୁସ୍ତକକୁ ଲୋକାର୍ପିତ କରିବା ସହ ଶିଶୁ ସାହିତ୍ୟ କୁନିକୁନି ପିଲାଙ୍କ ମନଲାଖି ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ସାହିତ୍ୟ ଓଡିଆ ଭାଷା ସାହିତ୍ୟର ଏକ ସ୍ୱତନ୍ତ୍ର ବିଭାଗ। ଯାହା ପ୍ରାରମ୍ଭ ସୋପାନରେ ନିଜକୁ ଠିଆ କରିବାରେ ସକ୍ଷମ ହୋଇଛି ବୋଲି ଶ୍ରୀ ମହାନ୍ତି ଆଲୋକପାତ କରିଥିଲେ। ଶିଶୁ ସାହିତ୍ୟିକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ବିଶିଷ୍ଟ କଥାକାର ଅର୍ଜୁନ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଧର୍ମଶାଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୩୦।୧୧(ସମିସ):** ପ୍ରସିଦ୍ଧ ଧର୍ମଶାଳା ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ପୂଜା ନେଇ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ନରେ ଅନୁଷ୍ଠାନର ସମ୍ପାଦକ ସତ୍ୟପ୍ରିୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଧର୍ମଶାଳା ଷ୍ଟାଡିୟମ୍‌ଠାରେ ଆୟୋଜିତ ଏହି ବୈଠକରେ ପୂଜା ଓ ମହୋତ୍ସବ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ ସହିତ ଦାୟିତ୍ୱ ବଣ୍ଟନ କରାଯାଇଛି। ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋକାନୀ।ନଙ୍କୁ ବ୍ୟବସ୍ଥିତ ଢଙ୍ଗରେ ବସାଇବା, ଟ୍ରାଫିକ ସମସ୍ୟା, ଶୌଚାଳୟ ଓ ଉପହାର ଯୋଜନା ପାଇଁ ପ୍ରାକ୍ ପ୍ରସ୍ତୁତି କରାଯାଇଛି। ଡିସେମ୍ବର ୧୫ ତାରିଖରେ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହେବା ସହିତ ୨୫ ତାରିଖ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟନ କରାଯିବ। ଜାନୁଆରୀ ୭ ତାରିଖ ଉପହାର ଯୋଜନା ସହିତ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ସବୁ ବର୍ଷପରି ଲକ୍ଷ୍ମୀନାରାୟଣ ପୂଜାରେ ସ୍ଥାନୀୟ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଙ୍କୀର୍ତ୍ତନ ଓ ପାଲା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ବୈଠକରେ ମହୋତ୍ସବ ସଂଯୋଜକ ଦେବରାଜ ମିଶ୍ର, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ସବ୍ୟସାଚୀ ସୁନ୍ଦରାୟ, କିଶୋର ନାୟକ, ରାମ ମଲ୍ଲିକ, ବିଚିତ୍ରାନନ୍ଦ ସ୍ୱାଇଁ, ମାନସ ମହାନ୍ତି, ଚନ୍ଦ୍ରମଣି ପଣ୍ଡିତ, ଉପେନ୍ଦ୍ର କର, ତୁଷାର ରାୟ, ଲୋକନାଥ ମହାନ୍ତି ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।












GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION,.BALLIGUDA.
No. 4425 //RWDBLG,. Date 28.11.2025

O-1630

**1st Corrigendum to the Bid Identification No. Online tender /13/EERWD BLG/ 2025-26**

The tender invited vide Bid Identification No. **Online tender/13/EERWD BLG/ 2025-26** vide T.O. Office Letter No.**4287 dt. 20.11.2025**. Due to unavoidable circumstances, the availability of tender online for bidding is from **01.12.2025** at **10.00A.M.** to **08.12.2025** upto **5.00P.M.** Instead of **25.11.2025** at 10.00AM to **02.12.2025** up to 5.00 P.M. **Opening Dt.09.12.2025.**

The other terms and conditions are remained unchanged.

**Further details , corrigendum(s) etc can be seen from the e-procurement portal "https:// www.tendersorissa.gov.in"**

Executive Engineer
R.W. Division, Balliguda

OIPR-25164/11/0020/2526

---

GOVERNMENT OF ODISHA
OFFICE OF THE SUPERINTENDING ENGINEER,
PUBLIC HEALTH DIVISION, BALANGIR.
Email. ID – eephbgr@yahoo.co.in, Ph. No – (06652 – 234647)

C-1568

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. ACEPHBGR 13 /2025-26 Dt. 20.11.2025**

| | | | |
|---|---|---|---|
| 01. | Name of the Work | : | 10 No. |
| 02. | Estimated Cost | : | Approx Rs.5.78 Lakhs to 66.55 Lakh |
| 03. | Period of Completion | : | 02 Months to 04 Months |
| 04. | Date & Time of availability of bid document in the portal | : | From 11.00 AM of dt. 29.11.2025 to **5.00 PM of** dt. 15.12.2025 |
| 05. | Last date / time of receipt of bids in the portal | : | 5 PM of dt. 15.12.2025 |
| 06. | Date & Time of opening of bids | : | At 11.00 AM of dt. 16.12.2025 |
| 07. | Name and Address of the Officer Inviting Bid | : | **The Superintending Engineer Office Of The Superintending Engineer Public Health Division, Balangir At-Tulasinagar, Po/Dist-Balangir Pin-767001, Odisha, Phone:-06652-234647 E-mail:-eephbgr@yahoo.co.in** |

Further details can be seen from the web site https://tenders.ori.nic.in or www.tendersodisha.gov.in

OIPR-13005/11/0046/2526

Addl. Chief Engineer
P.H. Division, Balangir

---

## ପୌରପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର
## ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ନିବେଦନ**

- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ ଫି ନଂ ୧୪୪୨୦ ରେ ଯୋଗାଯୋଗକରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।
- ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନଭାବେ ଅବରୋଧ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରିଚାଳିତ ଗାଡିରେ ଦୈନନ୍ଦିନ ଦିଅନ୍ତୁ ।
- କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ ।
- ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନକରି ପୌରପରିଷଦରୁ ଅନୁମତି ନିଅନ୍ତୁ ।
- ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ଅଦରକାରୀ ଇଲୋକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡିରେ ଦିଅନ୍ତୁ ।
- ଛୋଟ/ ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
- ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

| ଶ୍ରୀମତୀ ସୀମା ଜେନା | ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ | ଶ୍ରୀମତୀ ଅର୍ଚ୍ଚନା ସିଂହ |
|---|---|---|
| ନିର୍ବାହୀ ଅଧିକାରୀ ପୌରପରିଷଦ, ଜଗତସିଂହପୁର | ଉପାଧ୍ୟକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ ପୌରପରିଷଦ, ଜଗତସିଂହପୁର | ଅଧ୍ୟକ୍ଷା ପୌରପରିଷଦ, ଜଗତସିଂହପୁର |

---

## ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ୍‌କୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତ୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

---

## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

* ମ୍ୟୁନିସିପାଲିଟିର ଦେୟ ତଥା ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହ ଭଡା ଠିକ ସମୟରେ ପଇଠ କରନ୍ତୁ ।
* ଘରର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ନିଜ ଘରେ ଶୁଖିଲା ଓ ଓଦା ଅଳିଆକୁ ଅଲଗା ଅଲଗା କରି ରଖନ୍ତୁ ଏବଂ ପୌର ପାଳିକା ଦ୍ୱାରା ପରିଚାଳିତ ଗାଡିକୁ ଦିଅନ୍ତୁ ।
* ଶୌଚାଳୟ ବ୍ୟବହାର କରନ୍ତୁ । ବାହାରେ ମଳତ୍ୟାଗ କରନ୍ତୁ ନାହିଁ ।
* ଗୋରୁ ଗାଈ, ଘୁଷୁରୀଙ୍କୁ ରାସ୍ତାରେ ଛାଡରୁ ନାହିଁ । ନିଜ ଦାୟିତ୍ୱରେ ରଖନ୍ତୁ । ନଚେତ ଆଇନାନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
* ଯଦି କୌଣସି ବ୍ୟକ୍ତି ବା ସଂଗଠନ ସ୍ୱେଚ୍ଛାକୃତ ଭାବେ ତାଙ୍କ ଅଞ୍ଚଳରେ ବସ୍ତି ସଫେଇ ଓ ବୃକ୍ଷ ରୋପଣ ଆଦି କାର୍ଯ୍ୟ କରିବାକୁ ଚାହାନ୍ତି, ତାଙ୍କୁ ପୌର ପରିଷଦ ତରଫରୁ ସମସ୍ତ ସହଯୋଗ ସହ ପୁରସ୍କୃତ କରାଯିବ ।
* ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନିଷେଧ ଆମର ଲକ୍ଷ୍ୟ । ପରିବେଶ ସୁରକ୍ଷା ପାଇଁ ଏଗୁଡିକୁ ବ୍ୟବହାର କରନ୍ତୁ ନାହିଁ ।
* ଡେଙ୍ଗୁ, ଡାଇରିଆ ଓ ମେଲେରିଆ ଜ୍ୱର ପ୍ରତି ଆତଙ୍କିତ ହୁଅନ୍ତୁ ନାହିଁ । ଲକ୍ଷଣ ଦେଖିବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ କିମ୍ବା ଡାକ୍ତରଖାନାରେ ପରାମର୍ଶ କରି ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା କରନ୍ତୁ ।

| ଶ୍ରୀଯୁକ୍ତ ଅଭିଷେକ ପଣ୍ଡା | ଶ୍ରୀମତୀ ଛବିଲତା ରାଉତ | ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ |
|---|---|---|
| ନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷ |
| ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ |

---

## ବିଜ୍ଞାପିତ ଅଂଚଳ ପରିଷଦ, ପୋଲସରା, ଗଂଜାମ

୧. ପରିଷଦର ଦେୟ ଯଥା ହୋଲଡିଂଟିକସ, ଦୋକାନଗୃହ ଟିକସ ଓ ୟୁଜର ଫି ଠିକ ସମୟରେ ପୈଠ କରନ୍ତୁ । ନକ୍ସା ଅନୁମୋଦନ କରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ । ବିନା ଲାଇସେନ୍ସ ରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

୨. ନିଜ ଘରର ଅଳିଆ ଓଦା ଓ ଶୁଖିଲା ରୂପରେ ପରିଷଦର ସଫେଇ ଗାଡ଼ିରେ ଦିଅନ୍ତୁ । ନିଜର ପାଇଖାନା ଟାଙ୍କି ପ୍ରତି ତିନି ବର୍ଷରେ ସେସପୁଲ ଗାଡି ଦ୍ୱାରା ସଫା କରନ୍ତୁ ।ରାସ୍ତା ଉପରେ ଅଳିଆ ଫିଙ୍ଗନ୍ତୁ ନାହିଁ ଏବଂ ଗୃହ ପାଳିତ ପଶୁ ଛାଡ଼ନ୍ତୁ ନାହିଁ । ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ । ପଲିଥିନ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାରରୁ ଦୁରେଇ ରୁହନ୍ତୁ ।

୩. ସହରକୁ ପ୍ଲାଷ୍ଟିକ ମୁକ୍ତ କରନ୍ତୁ ଓ ପରିବେଶ ସୁରକ୍ଷା ସହିତ ସହରକୁ ସବୁଜ ସୁନ୍ଦର କରିବା ନିମନ୍ତେ ବୃକ୍ଷ ରୋପଣ କରନ୍ତୁ । ବଗିଚାରେ ପରିଷଦ ଦ୍ୱାରା ପ୍ରସ୍ତୁତ " ମୋ ଖତ" ବ୍ୟବହାର କରନ୍ତୁ ।

୪ .ଟ୍ରେଡ଼ ଲାଇସେନ୍ସ କରି ବ୍ୟବସାୟ କରନ୍ତୁ ଓ ପ୍ରତି ବର୍ଷ ନବୀକରଣ କରାଇ ନିଅନ୍ତୁ । ଦୋକାନ ସାଇନ ବୋର୍ଡ ୭୦% ଓଡ଼ିଆରେ ଲେଖିବା ବାଧ୍ୟତା ମୂଳକ ଅଟେ ।ଡ୍ରେନ ଅବରୋଧ କରି ତା ଉପରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

| କୈଳାଶ ଚନ୍ଦ୍ର ଜେନା | ସନ୍ତୋଷ କୁମାର ବେହେରା | ସଙ୍ଗିତା ବେହେରା |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷ | ଅଧ୍ୟକ୍ଷା |

---

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE

O-1592

**e-Procurement for Building works**
**Bid Identification No: EERWJYP – Online -07/2025-26**

| | | |
|---|---|---|
| 01. | Name of the work | :: Building works |
| 02. | Total Number of works | :: 06 (Six) Nos. |
| 03. | Approximate Estimated cost | :: Rs. 4.98 Lakhs to Rs. 1.99 lakhs (approximately) |
| 04. | Class of Contractor | : "D" & "C" Class |
| 05. | Period of Completion | :: within 1 Months |
| 06. | Other Details | |

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/07/ RWD-JYP/2025-26 | Sl No.01 to 6 | 01.12.2025 at 10.00 A.M | 07.12.2025 upto 5.00 P.M. | 06.12.2025 at 01.30 P.M | 08.12.2025 at 10.00 P.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

OIPR-25160/11/0027/2526


Executive Engineer,
Rural Works Division: Jeypore.


---

## ବିଜ୍ଞପ୍ତି

ଏତଦ୍ ଦ୍ୱାରା ଜେ.କେ.ପୁର ଚାନ୍ଦିଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟି, ରାୟଗଡର କୃଷକ ବଜାର ସମ୍ପୂର୍ଣ୍ଣ ଭାବେ ଭଗ୍ନ ଅବସ୍ଥାରେ ଥିବା ଯୋଗୁଁ ଏହା ତଳେ ଆଶ୍ରୟ ନେବା କିମ୍ବା ବ୍ୟବସାୟ କରିବା ବିପଦ ସଙ୍କୁଳ ଅଟେ । ଏଣୁ ନିୟନ୍ତ୍ରିତ ବଜାର କମିଟି ଅନୁରୋଧ କରୁଛି ଉକ୍ତ ଚାନ୍ଦିଲି ସ୍ଥିତ କୃଷକ ବଜାର ର କୌଣସି ବ୍ୟକ୍ତି ଆଶ୍ରୟ ନିଅନ୍ତୁ ନାହିଁ । ଏହା ସତ୍ତ୍ୱେ କୌଣସି ଅଘଟଣ ଘଟିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ସୌଜନ୍ୟ ନିୟନ୍ତ୍ରିତ ବଜାର କମିଟି, ରାୟଗଡ

### ରାଇରଙ୍ଗପୁରରେ ଆଇଆଇଆଇଟି ବଦଳରେ ହେବ ସ୍କୁଲ ଅଫ୍ ଆଇଟି

# ଅସ୍ଥାୟୀ ବିଲ୍ଡିଂରେ ମାର୍ଚ୍ଚରୁ ଆରମ୍ଭ ହେବ ଶିକ୍ଷାଦାନ



- ଜାନୁଆରୀରୁ କାର୍ଯ୍ୟକ୍ଷମ ହେବ ଇଗନୁ
- ଆଗାମ ଗସ୍ତ ଅବସରରେ ରାଷ୍ଟ୍ରପତି କରିପାରନ୍ତି ଦୁଇଟି ପ୍ରକଳ୍ପର ଲୋକାର୍ପଣ

ରାଇରଙ୍ଗପୁର,୩୦।୧୧(ସମିସ)

ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ରାଇରଙ୍ଗପୁରରେ ବିଭିନ୍ନ ଆନ୍ତର୍ଜାତିକ ଓ ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନର ଶାଖା ଖୋଲିବା ନେଇ ପ୍ରସ୍ତାବ ରହିଛି। ରାଇରଙ୍ଗପୁରରେ ଭାରତୀୟ ପ୍ରଯୁକ୍ତି ବିଦ୍ୟା ଶିକ୍ଷାନୁଷ୍ଠାନ (ଆଇଆଇଆଇଟି)ର ଶାଖା କେନ୍ଦ୍ର ଖୋଲିବା ନେଇ ପ୍ରସ୍ତାବ ଥିଲା। କିନ୍ତୁ କୌଣସି କାରଣ ପାଇଁ ଉକ୍ତ ପ୍ରସ୍ତାବ ଗ୍ରୀନ ସିଗନାଲ ମିଳି ନ ଥିବାରୁ ରହିତାଦେଶ ରହିଛି। ତେଣୁ ରାଇରଙ୍ଗପୁରରେ ସ୍କୁଲ ଅଫ୍ ଇନ୍‌ଫରମେସନ ଟେକ୍ନୋଲୋଜି ଖୋଲିବାକୁ ଯାଉଛି। ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ ଅର୍ଥାତ ମାର୍ଚ୍ଚ ମାସରୁ ଏହା କାର୍ଯ୍ୟକ୍ଷମ ହୋଇ ସେଲ୍ଫ ଫାଇନାସିଂ ମୋଡ଼ରେ ଶିକ୍ଷାଦାନ ଆରମ୍ଭ ହେବ। ଏହାର ନିର୍ମାଣ ନିମନ୍ତେ ୩, ୫୨,୫୦,୦୦୦ ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଛି। ତେବେ ଏ ନେଇ ଜମି ଚିହ୍ନଟ ପ୍ରକ୍ରିୟା ସରିନାହିଁ। ଆସନ୍ତା ସପ୍ତାହରେ ଟିମ ଆସି ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ଅସ୍ଥାୟୀ ଭାବେ ବ୍ଲକ୍ ପଡ଼ିଆସ୍ଥ ରାଇରଙ୍ଗପୁର ମହାବିଦ୍ୟାଳୟର ୟୁଜିସି ଛାତ୍ରାବାସରେ ମାର୍ଚ୍ଚରୁ ଶିକ୍ଷାଦାନ ଆରମ୍ଭ ହେବ। ଆଗକୁ ଜମି ଚିହ୍ନଟ ହେବା ପରେ ନୂତନ ବିଲ୍ଡିଂରେ ସ୍ଥାୟୀ ଶିକ୍ଷାଦାନ ଆରମ୍ଭ ହେବ ବୋଲି ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗନୁ) ଆଞ୍ଚଳିକ କେନ୍ଦ୍ର ଜାନୁଆରୀରୁ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଟିମ ଅନୁଧ୍ୟାନକ୍ରମେ ଜାନୁଆରୀରେ ରାଇରଙ୍ଗପୁରର ବଡବଜାରସ୍ଥ କଲ୍ୟାଣ ମଣ୍ଡପ ପରିସରରେ ଅସ୍ଥାୟୀ ଭାବେ କାର୍ଯ୍ୟକ୍ଷମ କରାଯିବ। ପରେ ଜମି ଚିହ୍ନଟ ପରେ ସ୍ଥାୟୀ ଭାବେ ଆରମ୍ଭ ହେବ। କେନ୍ଦ୍ର ସ୍ଥାପନ ନେଇ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଥିବାବେଳେ କେନ୍ଦ୍ର ପ୍ରତିଷ୍ଠା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିପତି ଆନନ୍ଦ ସୋନି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସ୍ଥାପନ ପାଇଁ ସିଭିଲ ଓ ଆସବାବପତ୍ର ନିମନ୍ତେ ୫୩,୨୪,୦୦୦ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୦,୦୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ଭୁବନେଶ୍ୱରରେ ଆଞ୍ଚଳିକ କେନ୍ଦ୍ର ଥିବାବେଳେ ବାରିପଦାସ୍ଥ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା। ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗନୁ ପକ୍ଷରୁ ଓଡ଼ିଶାର ୪ଟି ଜୋନରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ ଉତ୍ତର ଓଡ଼ିଶା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ କେନ୍ଦ୍ର ସ୍ଥାପନ କରାଯିବ। ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ରହିବ। ଉକ୍ତ ଜିଲ୍ଲାର ସମସ୍ତ ଇଗନୁ ପରୀକ୍ଷା କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲାର ଆଞ୍ଚଳିକ କେନ୍ଦ୍ର ଅଧୀନରେ ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଇଗନୁ ଜରିଆରେ ଆସନ୍ତା ଶିକ୍ଷାବର୍ଷରୁ ଡିସଟାନ୍ସ କୋର୍ସର ଶିକ୍ଷା ଗ୍ରହଣ ଆରମ୍ଭ ହେବ।

କୃଷି ମହାବିଦ୍ୟାଳୟ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ସରିଛି। ଗତ ସପ୍ତାହରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଜମି ଚିହ୍ନଟ କରିଛନ୍ତି। ଡିପିଆର ଅନୁଯାୟୀ ଜମି ଚୂଡ଼ାନ୍ତ ହୋଇ କୃଷି ମହାବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡିସେମ୍ବର ମାସରେ ରାଇରଙ୍ଗପୁର ଗସ୍ତ ଆସିବା ସମ୍ଭାବନା ଥିବାବେଳେ ଏହାର ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଶିକ୍ଷାନୁଷ୍ଠାନ ସ୍ଥାପନ ନେଇ ମୁଖ୍ୟ ଶାସନ ସଚିବ ବାରମ୍ବାର ସମୀକ୍ଷା ବୈଠକ କରୁଛନ୍ତି। ଅସ୍ଥାୟୀ ଭାବେ ଆରମ୍ଭ ହେଉଥିବା ଆଗକୁ ସ୍ଥାୟୀ ଭାବେ କାର୍ଯ୍ୟକ୍ଷମ ହେବ। ରାଇରଙ୍ଗପୁରରେ ଉକ୍ତ ଜାତୀୟ ଓ ଆନ୍ତର୍ଜାତିକ ସ୍ତର ଶିକ୍ଷାନୁଷ୍ଠାନ ସ୍ଥାପନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଆହୁରି ଉନ୍ନତି ଆଣିବାରେ ବେଶ ସହାୟକ ହେବ ବୋଲି ଉପଜିଲ୍ଲାପାଳ ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି।

## କପ୍ତିପଦା ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ମହାସଭା ବୈଠକ



ଉଦଳା,୩୦।୧୧(ସମିସ): କପ୍ତିପଦା ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ମହାସଂଘର ପଞ୍ଚମ ବୈଠକ ସଭାପତି ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଉଦଳା ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆଜୀବନ ସଭ୍ୟ ଭାବେ ପରମେଶ୍ୱର ମିଶ୍ର ଓ ରତିକାନ୍ତ ଦାଶ ଯୋଗଦାନ କରିଥିବାରୁ ସଂଘ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଛି । ସଂଘର ଆଜୀବନ ବରିଷ୍ଠ ସଦସ୍ୟ ଜୟଚନ୍ଦ୍ର ପତ୍ରୀ ଓ ଆଜୀବନ ସଦସ୍ୟ କୁଳମଣି ଦାଶଙ୍କ ପିତା ଉଦୟ ଦାଶଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏ ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ସତ୍ୟବ୍ରତ ମିଶ୍ର, ଉପସଭାପତି ପ୍ରତାପ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଭାବେ ରଞ୍ଜନ ପ୍ରହରାଜ, ଯୁଗ୍ମସମ୍ପାଦକ ସରୋଜ ପଣ୍ଡା, କୋଷାଧ୍ୟକ୍ଷ ରଜତ ମିଶ୍ର, ସହସମ୍ପାଦକ କପ୍ତିପଦା ପାଇଁ ଅକ୍ଷୟ ମିଶ୍ର, ଉଦଳା ବିଜ୍ଞାପିତ ନିମନ୍ତେ ବିଜୟ ପଣ୍ଡା, ଉଦଳା ବ୍ଲକ୍ ପାଇଁ ମନ୍ମୟ ପ୍ରହରାଜ, ଖୁଣ୍ଟା ଶ୍ରୀକାନ୍ତ ଆଚାର୍ଯ୍ୟ, ଗୋପବନ୍ଧୁନଗର ବ୍ଲକ୍ ପାଇଁ କ୍ଷିତୀଶ ମିଶ୍ର, ଉପଦେଷ୍ଟା ମଣ୍ଡଳୀ ପାଇଁ ପ୍ରମିଳା ପଣ୍ଡା, ଶ୍ୟାମସୁନ୍ଦର ପଣ୍ଡା, ରମାକାନ୍ତ ପାଣିଗ୍ରାହୀ, ଶଶୀକାନ୍ତ ମିଶ୍ର, ତ୍ରିଲୋଚନ ରଥ, ବନମାଳୀ ପଣ୍ଡା, ରତିକାନ୍ତ ଦାଶଙ୍କୁ ମନୋନୀତ କରାଯାଇଛି। ଶ୍ୟାମସୁନ୍ଦର ପଣ୍ଡା ନିର୍ବାଚନ ପରିଚାଳନା କରିଥିଲେ। ବ୍ରହ୍ମଚାରୀ ଛତିଶ, ତ୍ରିଲୋଚନ ରଥ, ରଜତ ପଣ୍ଡା, କିଶୋର ମହାପାତ୍ର, ବଂଶୀଧର ପତ୍ରୀ, ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ ମିଶ୍ର, ହରନାରାୟଣ ମହାପାତ୍ର, ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଡିବି ଟେକ୍‌ର ୨୦ ବର୍ଷ ପୂର୍ତ୍ତି

## ଠାକୁରମୁଣ୍ଡା କେନ୍ଦ୍ରରେ ଫଟୋ ପ୍ରତିଯୋଗିତା




ମହୁଲଡିହା,୩୦।୧୧(ସମିସ): ଡନ୍ ବୋସ୍କୋ ଟେକ୍ ଠାକୁରମୁଣ୍ଡାରେ ଡିବି ଟେକ୍‌ର ୨୦ ବର୍ଷ ପୂର୍ତ୍ତି ଅବସରରେ ୫ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଅବସରରେ ମୋ ଲେନ୍ସରୁ ଡି.ବି. ଟେକ୍ ଫଟୋ ପ୍ରତିଯୋଗିତା ଆୟୋଜିତ ହୋଇଛି। ଛାତ୍ରଛାତ୍ରୀ ଶ୍ରେଣୀଗୃହ ଶିକ୍ଷା, ପ୍ରାକଟିକାଲ୍ ଟ୍ରେନିଂ, ଦ ଗତ କାର୍ଯ୍ୟ ଓ ଶିକ୍ଷକ-ଶିକ୍ଷାର୍ଥୀ ପରସ୍ପର ଭାବ ବିନିମୟ ଭଳି ବିଭିନ୍ନ ଶିକ୍ଷାମୂଳକ ଫଟୋ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ମୁଖ୍ୟ ଶରତ ତ୍ରିପାଠୀଙ୍କ ନେତୃତ୍ୱରେ ରସ୍ମିତା ବେହେରା, ଅଭିମନ୍ୟୁ ବେହେରା ଓ ଗୋଲାପ ବେହେରା ସହଯୋଗ କରିଥିଲେ। ଶ୍ରେଷ୍ଠ ଫଟୋକୁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି, ସୃଜନଶୀଳତା ଓ ଡି.ବି. ଟେକ୍ ଠାକୁରମୁଣ୍ଡାର ଶିକ୍ଷାମୂଳକ ପରିବେଶକୁ ଉନ୍ନତ ଓ ସଶକ୍ତ କରିଛି।

## ବାରିପଦା ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ବାରିପଦା, ୩୦।୧୧(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଡଃ ପ୍ରବୋଧ ଦେ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପରିଷଦର ଉପସଭାପତି ସଂଜୀବ କୁମାର ଓ କ୍ରୀଡ଼ା ଶିକ୍ଷକ ମାନସ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବାର୍ଷିକ କ୍ରୀଡ଼ାର ବିଭିନ୍ନ ବିଭାଗରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଡଃ ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟଅତିଥି, ପରିଚାଳନା ସମିତିର ପୂର୍ବତନ ସଭାପତି ରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଓ ସାମ୍ବାଦିକ ତଥା ସମାଜସେବୀ କବିବିଷ୍ଣୁ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପିକା ସୌମ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।


## ରାଜ୍ୟସ୍ତରୀୟ ବାଳକ ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ରନର୍ସଅପ




ବାରିପଦା, ୩୦।୧୧(ସମିସ): ରାଜ୍ୟସ୍ତରୀୟ ବାଳକ ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଦଳ ରନର୍ସଅପ ହୋଇଛି। ବଲାଙ୍ଗୀର ଜିଲ୍ଲାସ୍ଥ ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗୀରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମ୍ୟାନେଜର ଭାବେ ପିଇଟି ରାଜେଶ ଚାର୍ଟର ଓ କୋଚ୍ ପିଇଟି ମହେନ୍ଦ୍ର ଟୁଡୁଙ୍କ ନେତୃତ୍ୱରେ ୧୬ ଜଣିଆ ବାଳକ ଫୁଟବଲ ଦଳ ଭାଗ ନେଇଥିଲା। ଜ୍ୟୋତିରଞ୍ଜନ ମୁର୍ମୁ, ଧନା ମାର୍ଣ୍ଡି, ମେଘାଲାଲ ବାସ୍କେ, ଲକ୍ଷ୍ମୀଧର ସୋରେନ, ଭୂଗୋଳ ହେମ୍ବ୍ରମ, ମଙ୍ଗଲ ସୋରେନ, କାଳୀଚରଣ ଟୁଡୁ, ଗଣେଶ୍ୱର ହାଁସଦା, ସ୍ମଳୀ ସିଂ, ବାପୁନ କିସ୍କୁ, ଲଛୁ ହାଁସଦା, ରବୀନ୍ଦ୍ର ମୁର୍ମୁ, ମଝିଆ ହେମ୍ବ୍ରମ, ପ୍ରକାଶ ପାତ୍ର, ଆମ୍ପା ସୋରେନ, ଲାଲମୋହନ ମୁର୍ମୁଙ୍କୁ ଗଠିତ ମୟୂରଭଞ୍ଜ ଦଳ ଫାଇନାଲରେ ବଲାଙ୍ଗୀରଠାରୁ ପରାସ୍ତ ହୋଇ ରନର୍ସଅପ ହୋଇଛି। ସମସ୍ତ ଖେଳାଳିଙ୍କୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

କୁଆମରା ୩୦।୧୧(ସମିସ): ଖୁଣ୍ଟା ଥାନା ଭୋଲାଗୋଡିଆ ପଞ୍ଚାୟତ ସାରଜମ୍ ଡିହି ଗ୍ରାମର ଜଣେ ଯୁବକଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଗଣେଶ୍ୱର ସିଂଙ୍କ ପୁଅ ନୀଳକଣ୍ଠ (୩୦)। ଗତକାଲି ମଧ୍ୟାହ୍ନରେ ନୀଳକଣ୍ଠ ହଠାତ୍ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ପ୍ରଥମେ ଉଦଳା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର ସଠିକ କାରଣ ଜଣାପଡି ନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ପୁଲିସ। ଏନେଇ ୮୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଆଜି ବାରିପଦା ଡାକ୍ତରଖାନାରେ ବ୍ୟବଚ୍ଛେଦ ହୋଇଛି।



### ଜିଲ୍ଲାପାଳଙ୍କ ବଦଳି ପରେ ଅଟକି ଯାଇଛି ବିକାଶ

# ପଡ଼ିନି ମୁଠାଏ ବାଲି କି ଖଣ୍ଡେ ଇଟା

ବିଞ୍ଝାରପୁର,୩୦।୧୧(ସମିସ):

ଯାଜପୁର ଜିଲ୍ଲା ପ୍ରସିଦ୍ଧ ବରୁଣେଶ୍ୱର କ୍ଷେତ୍ରର ବିକାଶ ଅଧାରେ ଅଟକି ଯାଇଛି। ଜିଲ୍ଲାପାଳଙ୍କ ବଦଳି ପରେ ବିକାଶରେ ରୋକ ଲାଗିଯାଇଛି। ପୂର୍ବ ଜିଲ୍ଲାପାଳ ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟିଯାଇଛି। ଫଳରେ ଏହି ପ୍ରସିଦ୍ଧ କ୍ଷେତ୍ରରେ ମୁଠାଏ ବାଲି କି ଖଣ୍ଡେଇ ଇଟା ପଡ଼ିପାରିନି।

ବରୁଣେଶ୍ୱର କ୍ଷେତ୍ରର ଉନ୍ନତି କରଣ ପାଇଁ ପୂର୍ବ ସରକାର ସମୟରେ ଆସିଥିବା ୭ କୋଟି ଟଙ୍କାର

## ବରୁଣେଶ୍ୱର ମନ୍ଦିର ଉନ୍ନତୀକରଣ



ଅବଦାନ କାର୍ଯ୍ୟକାରୀ ହୋଇ ନପାରି ଫେରିଯାଇଥିଲା। ପରେ ବର୍ତ୍ତମାନର ସରକାର ଏହି ପ୍ରସିଦ୍ଧ ଶୈବପୀଠ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫୦ ଲକ୍ଷ ଟଙ୍କାର ଅବଦାନ ମଞ୍ଜୁରୀ କରିଥିଲେ। ତତ୍କାଳୀନ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ୨୦୨୫ ମସିହା ଏପ୍ରିଲ୍ ମାସ ଶେଷ ସପ୍ତାହରେ ବିଞ୍ଝାରପୁର ବ୍ଲକ ଅରେଇ ସ୍ଥିତ ବରୁଣେଶ୍ୱର କ୍ଷେତ୍ର ପରିଦର୍ଶନରେ ଆସିଥିଲେ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳ ବରୁଣେଶ୍ୱର ମନ୍ଦିର ପରିସରରେ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ମନ୍ଦିରର ଭିତ୍ତିଭୂମି ଓ ଧାର୍ମିକ ଗୁରୁତ୍ୱକୁ ଆହୁରି ଅଭିବୃଦ୍ଧି କରିବା ସହ ଉନ୍ନତୀକରଣ ଯୋଜନାକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖିଛି ବୋଲି ବିଡିଓ ହିତାଂଶୁ ଶେଖର ନାୟକ ପ୍ରକାଶ କରିଥିଲେ।

କିନ୍ତୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯାଜପୁରରୁ ଅନ୍ୟତ୍ର ବଦଳି ହେଇଯିବାକୁ ଏହି ବିକାଶ ଅଧାରେ ଅଟକି ଯାଇଛି। ଜିଲ୍ଲାପାଳଙ୍କ ବଦଳି ଏହା ମଧ୍ୟରେ ୬ ମାସ ବିତିଯାଇଛି। ବରୁଣେଶ୍ୱର ମନ୍ଦିର ଉନ୍ନତୀକରଣ ପାଇଁ ଆସିଥିବା ୫୦ ଲକ୍ଷ ଟଙ୍କାରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ସବୁଠୁ ବଡ଼ କଥା ଥିଲା ବରୁଣେଶ୍ୱର କ୍ଷେତ୍ରର ସୀମା ନିର୍ଦ୍ଧାରଣ ପ୍ରକ୍ରିୟା। ଏହି ପକ୍ରିୟା ମଧ ତିନି ମାସରୁ ଊର୍ଦ୍ଧ୍ୱ ହେବ ଶେଷ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ମୁଠାଇ ବାଲି କିମ୍ବା ଖଣ୍ଡେ ଇଟା ପଡ଼ି ନାହିଁ। ସ୍ଥାନୀୟ ଲୋକେ କହିବା କଥା ରାଜନୈତିକ ଶତ୍ରୁତା ଏବଂ ପ୍ରଶାସନର ଅବହେଳା ମନ୍ଦିର ଉନ୍ନତି କ୍ଷେତ୍ରରେ ବାଧା ସୃଷ୍ଟି କରୁଛି।

ବରୁଣେଶ୍ୱର ମନ୍ଦିର ବିରଜାକ୍ଷେତ୍ରର ତ୍ରିକୋଣୀୟ ଶୈବପୀଠ ମଧ୍ୟରୁ ଅନ୍ୟତମ। ଯାହା ବିଲେଶ୍ୱର ଓ ଖିଲାଡ଼େଶ୍ୱର ସହିତ ମିଶି ଏକ ପବିତ୍ର ତ୍ରିକୋଣ ଗଠନ କରେ। ଏହା ଏକ ବହୁ ପୁରାତନ ଶୈବ କ୍ଷେତ୍ର ଯେଉଁଠାରେ ଦୀର୍ଘ ୮ ଦିନ ଧରି ପ୍ରସିଦ୍ଧ ମକର ମେଳା ଅନୁଷ୍ଠିତ ହୋଇଥାଏ। ବରୁଣେଶ୍ୱରଙ୍କ ଦର୍ଶନ ସହ ମେଳା ବୁଲିବାକୁ ଲକ୍ଷାଧିକ ଲୋକଙ୍କ ଆଗମନ ହୋଇଥାଏ। ଏହି କ୍ଷେତ୍ରର ଉନ୍ନତି କରଣ ନିତାନ୍ତ ଜରୁରୀ ଆବଶ୍ୟକତା ରହିଥିବା ବେଳେ ସରକାରଙ୍କ ଅର୍ଥ ରାଶିର ଅବଦାନ ଆସି ମଧ ଉନ୍ନତୀକରଣରେ ଅବହେଳା ପ୍ରଦର୍ଶନ ହେଉଛି। ମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ସର୍ବପ୍ରଥମେ ବାଉଣ୍ଡାରୀୱାଲ, ଜଗନ୍ନାଥ ଠାକୁର ରହୁଥିବା ଚାଳଘର ଭାଙ୍ଗି ମନ୍ଦିର ନିର୍ମାଣ, ରୋଷେଇ ଶାଳ ଏବଂ ଭଣ୍ଡାର ଗୃହର ଆବଶ୍ୟକତା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ହୋଇନଥିବା ଜଣାପଡ଼ିଛି। ଏହି ଉନ୍ନତୀକରଣ ସମ୍ପର୍କରେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ଏହି କାର୍ଯ୍ୟ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। କାର୍ଯ୍ୟ ଆଗକୁ ବଢ଼ିବାରେ କେଉଁଠି ବାଧା ସୃଷ୍ଟି ହେଉଛି ତାହା ତଦାରଖ କରିବା ପାଇଁ ପୂର୍ତ୍ତ ବିଭାଗକୁ ଫୋନ ମାଧ୍ୟମରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାକୁ ଯାଇନାହିଁ। ଖୁବ୍ ଶୀଘ୍ର ଟେଣ୍ଡର ହୋଇ କାର୍ଯ୍ୟ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

## ସମିତିସଭ୍ୟଙ୍କୁ ଜେଲ ଦଣ୍ଡାଦେଶ



ଦଶରଥପୁର,୩୦।୧୧(ସମିସ): ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତର ସମିତିସଭ୍ୟ ରମାକାନ୍ତ ସେଠୀଙ୍କୁ ଦୁର୍ନୀତି ମାମଲାରେ ଭିଜିଲାନ୍ସ କୋର୍ଟ ପକ୍ଷରୁ ୪ ବର୍ଷ ଜେଲ ଦଣ୍ଡାଦେଶ ପରେ ରମାକାନ୍ତଙ୍କୁ ଜେଲ୍ ଯିବାକୁ ପଡିଛି। ଗତ ନଭେମ୍ବର ମାସରେ ଭିଜିଲାନ୍ସ କୋର୍ଟ ରମାକାନ୍ତଙ୍କୁ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ସେ ଜେଲ ଯିବା ପରେ ଖଣ୍ଡରାରେ ପଞ୍ଚାୟତ ରାଜନୀତି ସରଗରମ ହେବାରେ ଲାଗିଛି। ପଞ୍ଚାୟତରେ ବିଭିନ୍ନ ଦଳର ସମର୍ଥକଙ୍କ ମଧ୍ୟରେ ଉପନିର୍ବାଚନକୁ ନେଇ ଆଲୋଚନା ଜୋର ଧରିଛି। ସେହିପରି କିଛି ସାଧାରଣ ଭୋଟର ସ୍ୱାଧୀନ ମତ ରଖୁଥିବା ପଞ୍ଚାୟତର ଜନସାଧାରଣ ସମିତିସଭ୍ୟ ରମାକାନ୍ତ ପଞ୍ଚାୟତ ନିର୍ବାଚନରେ ବିଜୟୀ ହେବା ପରେ ଜଣେ ଜନ ପ୍ରତିନିଧି ଭାବେ ପଞ୍ଚାୟତବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଥିଲେ ବୋଲି ପ୍ରକାଶ କରିଛନ୍ତି। ସୂଚନା ଥାଉକି ଯାଜପୁର ଜିଲ୍ଲା ଧର୍ମଶାଳା ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପଦବୀରୁ ଅବସର ନେଇ ଦଶରଥପୁର ବ୍ଲକ ଅଧୀନ ଖଣ୍ଡରା ପଞ୍ଚାୟତର ସମିତିସଭ୍ୟ ପଦବୀରେ ନିର୍ବାଚିତ ରମାକାନ୍ତ ୨୦୧୫ ମସିହାରେ ଜଣେ ଶିକ୍ଷକଙ୍କ ଠାରୁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କ ଛୁଟି ବାବଦ ଦରମା କରାଇଦେବା ନିମନ୍ତେ ଦାବି ମୁତାବକ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରାପଡି ଗିରଫ ହୋଇ ଥିଲେ। କୋର୍ଟରୁ ଜାମିନ ମିଳିବା ପରେ ସେ ପୁଣିଥରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଭାବେ ଧର୍ମଶାଳାରେ ଯୋଗ ଦେଇ ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଚାକିରୀରୁ ଅବସର ନେଇଥିଲେ। ଅପରପକ୍ଷେ ସମିତିସଭ୍ୟ ରମାକାନ୍ତ ଜେଲ ଯିବା ପରେ ଖଣ୍ଡରା ସମିତିସଭ୍ୟ ପଦବୀ ପାଇଁ ଉପ ନିର୍ବାଚନକୁ ନେଇ ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକଙ୍କୁ ପଚାରିବାରେ ରାଜ୍ୟ ସରକାର ଏ ସମ୍ପର୍କରେ ନିଷ୍ପତି ନେଇଥାନ୍ତି। ତେଣୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଆସିଲେ ପଞ୍ଚାୟତରେ ସମିତିସଭ୍ୟ ଉପ ନିର୍ବାଚନ ହେବ କି ନାହିଁ ଜଣାପଡିବ ବୋଲି କହିଥିଲେ।

## ଭୂମିଠାରୁ ୨ ଫୁଟ ତଳେ ନଳକୂପ

କବାଟବନ୍ଧ,୩୦।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ କନ୍ତପଡ଼ା ଗାଁ ଭିତରେ ଥିବା ଏକ ନଳକୂପ ଭୂମି ଠାରୁ ୨ ଫୁଟ ତଳେ ରହିଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଏହା ଲୋକଙ୍କ ବ୍ୟବହାରରେ ଆସୁପାରୁ ନାହିଁ। ନଳକୂପଟି ପାନୀୟ ଜଳ ଯୋଗାଇବା ଉପଯୋଗୀ ତଥା ସଚଳଥିଲେ ମଧ କାମରେ ଆସୁ ନାହିଁ। ଦୀର୍ଘ ଦିନ ଧରି ଏହି ନଳକୂପରୁ ଲୋକମାନେ ପାଣି ନପାଇ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ମଧ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହା ଫଳରେ ଜନଅସନ୍ତୋଷ ବୃଦ୍ଧି ପାଉଛି। ପାନୀୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ପକ୍ଷରୁ ଏକ ମରାମତି ଗାଡ଼ି ବିଭିନ୍ନ ପଞ୍ଚାୟତ ବୁଲୁଥିଲେ ମଧ ଏହି ନଳକୂପର ଉଚ୍ଚତା ବୃଦ୍ଧି କରିବାକୁ ଆଗ୍ରହ ପ୍ରକାଶ କରୁ ନାହାଁନ୍ତି। ଗ୍ରାମାଞ୍ଚଳରେ ଏହି ସମସ୍ୟା ବିଭିନ୍ନ ସ୍ଥାନରେ ରହିଥିବା ଦେଖିବାକୁ ମିଳିଛି। ପୂର୍ବରୁ ରହିଥିବା ନଳକୂପ ଗୁଡ଼ିକ ସ୍ଥାନରେ ରାସ୍ତା ଉଚ୍ଚତା ବୃଦ୍ଧି ପାଇବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଏହା ରାସ୍ତା ଠାରୁ କମ ଉଚ୍ଚତାରେ ରହୁଥିବାରୁ ତାର ଚାରିପଟେ ପାଣି ଜମିରହୁଛି। ତୁରନ୍ତ ଏହି ନଳକୂପଟିକୁ ଉଚ୍ଚତା ବଢ଼ାଇ ବାକୁ ଗ୍ରାମବାସୀ ଦାବି କରିଛନ୍ତି।



### ■ ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର

## ଅଭିଯୋଗ ପରେ ତଦନ୍ତରେ ଆସିଲେ ଯନ୍ତ୍ରୀ




ମଙ୍ଗଳପୁର,୩୦।୧୧(ସମିସ): ଦଶରଥପୁର ବ୍ଲକ ଦଉପୁର-ଦୁଦୁରାଅନ୍ତା ପଞ୍ଚାୟତ ଦଉପୁରରୁ ବୈଶପାନ ଗୃହ ଓ ପୂର୍ତ୍ତ ବିଭାଗର ରାସ୍ତାଗୁଡିକ ନଷ୍ଟ ହୋଇଯାଇଥିବା ବେଳେ ବର୍ତ୍ତମାନ ଉକ୍ତ ରାସ୍ତା ମରାମତି କାର୍ଯ୍ୟ ଚାଲୁରହିଛି। ଉକ୍ତ ରାସ୍ତା ମରାମତି କାର୍ଯ୍ୟ କରୁଥିବା ଠିକାଦାର ଜଣକ ମରାମତି ଆଳରେ ଅର୍ଥ ହରିଲୁଟ କରିବା ପାଇଁ ମସୁଧା ଚଳାଇବା ସହ ରାସ୍ତା ମରାମତି କାର୍ଯ୍ୟ ଅତି ନିମ୍ନମାନର ଭାବେ ହେଉଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କାର୍ଯ୍ୟ ତଦାରଖ କରିବା ପାଇଁ ଯନ୍ତ୍ରୀ କାର୍ଯ୍ୟ ସ୍ଥଳକୁ ଆସିଥିବା ବେଳେ ନିୟମ ଅନୁଯାଇ କାର୍ଯ୍ୟ ହୋଇନଥିବା ନେଇ ଦେଖିଥିଲେ। ଠିକାଦାର ଘଟଣା ସମ୍ପର୍କରେ ଜାଣିବା ପରେ ଘଟଣାକୁ ଚପେଇ ଦେବାପାଇଁ ଉଦ୍ୟମ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଘଟଣାର ତଦନ୍ତ କରି ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷା




ବଡଚଣା,୩୦।୧୧(ସମିସ): ବଡଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଚଣ୍ଡିଖୋଲ ସ୍ଥିତ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ ଠାରେ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷାକେନ୍ଦ୍ର ପରିଚାଳକ ସୁଭାଷ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୮୧ଜଣ ପରୀକ୍ଷାର୍ଥୀ ଉକ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଉକ୍ତ ପରୀକ୍ଷା କେନ୍ଦ୍ରରେ କେନ୍ଦ୍ର ପର୍ଯ୍ୟବେକ୍ଷକ ରାଜ୍ୟ ଉପସଭାପତି ଅରୁଣ କୁମାର ବଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପରୀକ୍ଷାକୁ ଓଷ୍ଟା ବ୍ଲକ୍ ସଭାପତି ଦୟାନିଧି ସାମଲ, ସଂପାଦକ ସତ୍ୟବାଦୀ ପଣ୍ଡା, ଉପସଭାପତି ନିଝୁମ୍ ମହାନ୍ତି, ସ୍ମୃତିରଞ୍ଜନ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ରାଉତ, ପ୍ରସନ୍ନ କୁମାର ପୃଷ୍ଟି, ସୁରେଶ କୁମାର ଖିଲାର, କୁମର ଚରଣ ସେଠୀ, ରବିନ ଜେନା, ମାନସ ରଞ୍ଜନ ବେହେରା, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସୁଶାନ୍ତ ସାଗର ପ୍ରମୁଖ ଉପସ୍ଥିତ ରହି ପରୀକ୍ଷାକୁ ସୂଚାରୁ ରୁପେ ସମ୍ପାଦନ କରିଥିଲେ।

## ସମାଜସେବୀଙ୍କ ହୃଦ୍‌ଘାତରେ ପରଲୋକ



ଯାଜପୁର,୩୦।୧୧ (ସମିସ): ଯାଜପୁର ସହରର ବଡ଼ବଜାର (ଦଶଅବତାର) ଅଞ୍ଚଳର ବିଶିଷ୍ଟ ସମାଜସେବୀ କୁମାର କଙ୍କର ନାୟକ(୭୪) ଙ୍କର ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ହୃଦ୍‌ଘାତରେ ରବିବାର ସକାଳୁ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ମୃତ ଶରୀରକୁ ନିଜ ଘରକୁ ଅଣାଯାଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ମର ଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ତାଙ୍କ ଘରେ ପହଞ୍ଚି ମରଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କୁମାର କିଙ୍କର ନାୟକଙ୍କ ବିୟୋଗରେ ବିଜେପି ନେତା ଗୌତମ ରାୟ, ପୂର୍ବତନ କଂଗ୍ରେସ ନଗର ସଭାପତି ଦିଲ୍ଲୀପ ଦାଶ, ବଡ଼ ବଜାର କମିଟିର ବିଶିଷ୍ଟ ବ୍ୟବସାୟ ଧର୍ମେନ୍ଦ୍ର ରାଉତ, ଦୀପକ ନାୟକ, ଅର୍ଜିତ ନାୟକ, ଭାସ୍କର ମହାନ୍ତି, ହାଇକୋର୍ଟର ଯୁବ ଆଇନଜୀବୀ ବିଦ୍ୟାଲୋକ ମହାପାତ୍ର, ବିଜେଡି ଯୁବନେତା ସମ୍ବିତ ନାୟକ, ପୁଲିନ ପ୍ରଧାଣ, ସନ୍ତୋଷ କୁମାର ମଲ୍ଲିକ, ସୁଧାଂଶୁ ଶେଖର ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ବାରୁଣୀ ପଡ଼ିଆ ସ୍ଥିତ ମହାଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅଭିଷେକ ନାୟକ ମୁଖାଗ୍ନି ଦେଇଥିଲେ।

## ଅନ୍ତର୍ଜାତୀୟ ମହିଳା ନିର୍ଯାତନା ନିରାକରଣ ଦିବସ

ବାଲିଚନ୍ଦ୍ରପୁର,୩୦।୧୧(ସମିସ): ଆନ୍ତର୍ଜାତୀୟ ମହିଳା ନିର୍ଯାତନା ନିରାକରଣ ଦିବସ ନାନପୁରଠାରେ ଲୁଥେରାନ ୱାର୍ଲ୍ଡ ସର୍ଭିସ ଇଣ୍ଡିଆ ଟ୍ରଷ୍ଟ ସହାୟତାରେ ମା' ମଙ୍ଗଳା ଗ୍ରାମ୍ୟ ଉନ୍ନୟନ କମିଟିର ସହଯୋଗରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ସନ୍ଦୀପ ମହାନ୍ତି, ସମ୍ମାନିତ ଅତିଥି ଭାବେ ନାନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ସାହୁ, ଶିକ୍ଷୟିତ୍ରୀ ରଶ୍ମୀରେଖା ବେହେରା, ଅଙ୍ଗନବାଡି କର୍ମୀ ଅଞ୍ଜଳି ଜେନା ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଲୁଥେରାନ ବିଶ୍ୱ ସେବା ସଂସ୍ଥାର ପ୍ରକଳ୍ପ ଅଧିକାରିଣୀ ପ୍ରତିମା ସାହୁ ଆଜିର ଦିବସ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ସଂସ୍ଥାର ସହକର୍ମୀ ଚିତ୍ତରଞ୍ଜନ ସାମଲ ଓ ପ୍ରଦୀପ୍ତ କୁମାର ଧଳ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪ଗୋଟି ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଝୋଟି ଓ ମ୍ୟୁଜିକ ଚେୟାର ଓ ଅଭିନୟ ଇତ୍ୟାଦି ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମା' ମଙ୍ଗଳା ଗ୍ରାମ୍ୟ ଉନ୍ନୟନ କମିଟିର ସଭାନେତ୍ରୀ ସୁଷମା ଜେନା, ସମ୍ପାଦିକା ଝରଣା ସାମଲ ସଭା ପରିଚାଳନା କରିଥିଲେ। ନାନପୁର ଗ୍ରାମର ଶରତ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

## ନବୀନ ଚନ୍ଦ୍ର ବିଦ୍ୟାପୀଠରେ ପୋଷାକ ବିତରଣ



ବରୀ,୩୦।୧୧(ସମିସ): ବରୀ ବ୍ଲକ ଅର୍ନ୍ତଗତ ଧାରପୁର ପଞ୍ଚାୟତର ନବୀନ ଚନ୍ଦ୍ର ସରକାରୀ ବିଦ୍ୟାପୀଠରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋଜ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧାରପୁର ପଞ୍ଚାୟତର ସରପଞ୍ଚ କୁନା ମଲିକ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଶ୍ରୀଧର ସେଠୀ, ପରିଚାଳନା କମିଟିର ପୂର୍ବତନ ସଭାପତି ମହେନ୍ଦ୍ର କୁମାର ଜେନା, ବର୍ତ୍ତମାନର ସଭାପତି କିଶୋର ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ପୋଷାକ ବର୍ଣ୍ଟନ କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ମୋଟ ୧୧୨ଜଣ ଶିକ୍ଷାର୍ଥୀଙ୍କୁ ଏହି ଅବସରରେ ନୂତନ ପୋଷାକ ପ୍ରଦାନ କରାଯାଇଥିଲା।

## ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ



ମଙ୍ଗଳପୁର,୩୦।୧୧(ସମିସ): ଦଶରଥପୁର ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଦଉପୁର ଗୋପିନାଥଜୀଉ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଓଷ୍ଟା ସ୍ଥାୟୀ ସଭାପତି ଉମେଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ଜିଲ୍ଲା ପୂର୍ବତନ ଓଷ୍ଟା ସଭାପତି ଧନଞ୍ଜୟ କେଶରୀ ରାଉତରାୟ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଯାଜପୁର ଜିଲ୍ଲା ଓଷ୍ଟା ସମ୍ପାଦକ ପବିତ୍ର ପଣ୍ଡା ମୁଖ୍ୟବକ୍ତା, ପୂର୍ବତନ ଯାଜପୁର ଜିଲ୍ଲା ଓଷ୍ଟା ସମ୍ପାଦକ ଶିଶିର ଶତପଥୀ, ଯାଜପୁର ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ, ଯାଜପୁର ଜିଲ୍ଲା ଓଷ୍ଟା ଉପସଭାପତି ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ଯୁଗ୍ମ ସମ୍ପାଦକ ରାଜକିଶୋର ପରିଡା, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଅମୀୟ କୁମାର ଜେନା, ଦିଲ୍ଲୀପ କୁମାର ଦାସ, ତାରିଣୀ ଶଙ୍କର ମହାପାତ୍ର, ଦଶରଥପୁର ଓଷ୍ଟା ସମ୍ପାଦକ ଶ୍ରୀକାନ୍ତ ସାହୁ, ଗୋପିନାଥଜୀଉ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସେକ ମୋବାରକ ଅଲି, ବରୀ ବ୍ଲକ ସମ୍ପାଦକ ଦିବ୍ୟଲୋଚନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଯୋଗ ଦେଇଥିଲେ। ଶେଷରେ ନୂତନ କାର୍ଯ୍ୟକର୍ତ୍ତା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଏଥିରେ ଶ୍ରୀକାନ୍ତ ସାହୁ ସଭାପତି, ସୁଭଦ୍ରା ମଲ୍ଲିକ ଓ ଚିତ୍ତରଞ୍ଜନ ସାମଲ ଉପସଭାପତି, ଦିଲ୍ଲୀପ କୁମାର ଦାସ ସମ୍ପାଦକ, ଚତୁର୍ଭୁଜ ରାଉତ ଓ ଝାନ୍ସୀରାଣୀ ମଲ୍ଲିକ ସହ-ସମ୍ପାଦକ ରୂପେ ନିର୍ବାଚିତ ହୋଇଥିବା ବେଳେ କଳ୍ପତରୁ ରାଉତ, ବିଦ୍ୟାଧର ମିଶ୍ର, ସୁରେନ୍ଦ୍ର କୁମାର ପାଣି ରାଜ୍ୟ ପରିଷଦ ସଭ୍ୟ ରୂପେ ନିର୍ବାଚିତ ହୋଇଛନ୍ତି। ସେହିପରି ସୁରେନ୍ଦ୍ର ପାଣିଗ୍ରାହୀ, ସତ୍ୟରଞ୍ଜନ କୁଅଁର, ପୂର୍ଣ୍ଣଚନ୍ଦ୍ର ବେହେରା, କରୁଣାକର ସାହୁ, ଶୁଭ୍ରାଂଶୁ ଶେଖର ନାୟକ ଜିଲ୍ଲା ପରିଷଦ ରୂପେ ନିର୍ବାଚିତ ହୋଇଛନ୍ତି। ଆଜିର ଏହି ବୈଠକରେ ଦଶରଥପୁର ବ୍ଲକର ୧୦୦ରୁ ଊର୍ଦ୍ଧ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ୪ ହାଇୱା, ୧ ଟ୍ରାକ୍ଟର ଜବତ

ଯାଜପୁର,୩୦।୧୧(ସମିସ): ଯାଜପୁର ଖଣି ବିଭାଗ ପକ୍ଷରୁ ବେଆଇନ ଭାବେ କଳା ପଥର ଓ ବାଲି ଚାଲାଣ ହେଉଥିବା ୪ଟି ହାଇୱା ଓ ୧ଟି ଟ୍ରାକ୍ଟରକୁ ଜବତ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଯାଜପୁର ଖଣି ବିଭାଗ ଯାଜପୁର ସଦର ଥାନା ଅନ୍ତର୍ଗତ ସାନକୁଖାଲା ଓ ସପ୍ତେଶ୍ୱରପୁର ଅଞ୍ଚଳରୁ ୩ଟି କଳା ପଥର ବୋଝେଇ ହାଇୱା ଗାଡ଼ିକୁ ଜବତ କରିଥିବା ବେଳେ ବେଆଇନ ବାଲି ବୋଝେଇ ୧ ଟ୍ରାକ୍ଟର ଏବଂ ୧ ହାଇୱାକୁ ଜବତ କରି ସଦର ଥାନାରେ ଅଣାଯାଇଛି।

## କୁଆଖିଆ ଲାୟନ୍ସ କ୍ଲବରେ ସମ୍ବିଧାନ ଦିବସ

ମଧୁବନ,୩୦।୧୧(ସମିସ): ରସୁଲପୁର ବ୍ଲକ ଅଧୀନସ୍ଥ କୁଆଖିଆର ଲାୟନ୍ସ କ୍ଲବ କାର୍ଯ୍ୟଳୟ ପରିସରରେ ଲାୟନ୍ସ କ୍ଲବ ଦ୍ୱାରା ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଲାୟନ୍ସ କ୍ଲବର ସଭାପତି ଜନ୍ମେଜୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ରରେ ସାମାଜିକ କର୍ମୀ ଦେବବ୍ରତ ରାଉତ ସଂଯୋଜନା କରିଥିଲେ। ଏହି ଆଲୋଚନାଚକ୍ରକୁ ଆନୁଷ୍ଠାନିକ ଭାବେ ମୋହନ ମହାରଣା ଉଦ୍‌ଘାଟନ କରିଥିବା ମୁଖ୍ୟଅତିଥି ଭାବେ ସାମାଜିକ ନ୍ୟାୟର ପ୍ରବକ୍ତା ଗୟାଧର ମଲ୍ଲିକ, ମୁଖ୍ୟବକ୍ତା ଭାବେ ମୂଳନିବାସୀ ସମତା ପରିଷଦର ନେତା ବେଣୁଧର ମଲ୍ଲି, ସମ୍ମାନିତ ଅତିଥି ଭାବେ ସମାଜସେବୀ କାଳନ୍ଦୀ କଣ୍ଡ ଓ ନୀଳଚକ୍ର ଶ୍ରମିକ ସଙ୍ଘ ରାଜ୍ୟ ସଭାପତି ଧିରେନ୍ ନାୟକ ପ୍ରମୁଖ ଯୋଗଦେଇଥିଲେ। ଯୁବସଂଗଠକ ମାନସରଞ୍ଜନ ଅତିଥି ପରିଚୟ ଦେଇଥିବା ବେଳେ ସ୍ୱାଗତ ଭାଷଣ ବୈକୁଣ୍ଠ ନାଥ ଦେଇଥିଲେ। ସରୋଜ କୁମାର ସାହୁ ସୂଚନା ପ୍ରଦାନ କରିଥଲେ ଓ ଦେବାଶିଷ ନାୟକ ଧନ୍ୟବାଦ ଦେଇଥିଲେ।

# ଯାଜପୁର ଫିଲିଂ ଷ୍ଟେସନ ଉଦ୍‌ଘାଟିତ

ଯାଜପୁର,୩୦।୧୧(ସମିସ):



ଯାଜପୁର ସହରର ଗରିଆପୁରରେ ଉଦ୍‌ଘାଟିତ ହୋଇଯାଇଛି ଯାଜପୁର ଫିଲିଂ ଷ୍ଟେସନ। ପୂର୍ବତନ ଯାଜପୁର ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଇଣ୍ଡିଆନ ଅଏଲର ଏହି ଫିଲିଂ ଷ୍ଟେସନକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପାରିଷଦ ସେକ ମୂର୍ତ୍ତାଜା, ମାନଗୋବିନ୍ଦ ପତି, ବିଜେଡି ନଗର ସଭାପତି ମନୋଜ ସାହୁ ପ୍ରମୁଖ ଯୋଗ ଦେଇ ସହରର ବିକାଶ ବୃଦ୍ଧି ସହ ଯାନବାହନ ସଂଖ୍ୟା ବୃଦ୍ଧି ହେଉଥିବାରୁ ସହରବାସୀଙ୍କୁ ଉଚିତ ସେବା ପ୍ରଦାନ ପାଇଁ ଏହି ସ୍ଥାନରେ ଫିଲିଂ ଷ୍ଟେସନର ଆବଶ୍ୟକତା ଥିବା କହିଥିଲେ। ଯାଜପୁର ସହରରେ କୌଣସି ଫିଲିଂ ଷ୍ଟେସନରେ ସିଏନ୍‌ଜି ବ୍ୟବସ୍ଥା ହୋଇ ନଥିବା ବେଳେ ଖୁବଶୀଘ୍ର ଏଠାରେ ସିଏନ୍‌ଜି ଉପଲବ୍ଧ ହେବ ବୋଲି ଫିଲିଂ ଷ୍ଟେସନର ମାଲିକ ମଞ୍ଜର ଆଲମ ସୂଚନା ଦେଇଛନ୍ତି।



ମୁଁ ଭାଷା, ଜାତି ଓ ଧର୍ମର ବନ୍ଧନ ଭିତରେ ବାନ୍ଧି ହେବାପାଇଁ ଚାହେଁ ନାହିଁ। ସଙ୍ଗୀତ କ୍ଷେତ୍ର ମତେ ଏହା କରିବାକୁ ସୁଯୋଗ ଦେଇଛି !
--ଏ ଆର ରେହମାନ

ସକାଳ
THE SAKALA

# ସମ୍ଭାବନାର 'ସକାଳ'

କୁହାଯାଏ ଅନେକ ଆଶା ଓ ଯୋଜନାର ସମ୍ଭାର ନେଇ ସକାଳ ଆସେ, ମଧ୍ୟାହ୍ନ ଯୋଜନାକୁ ରୂପାୟନର ସୁଯୋଗ ସୃଷ୍ଟି ଓ କ୍ଷେତ୍ର ପ୍ରସ୍ତୁତି କରେ, ସାୟାହ୍ନ ସମୀକ୍ଷାର ଅବକାଶ ସୃଷ୍ଟି କରେ। କିନ୍ତୁ ସାମ୍ପ୍ରତିକ ବିଶ୍ୱରେ ପ୍ରତିଟି ସକାଳ ଅବିଶ୍ୱାସର କୁହୁଡ଼ିରେ ଆଚ୍ଛନ୍ନ, ବିଦ୍ୱେଷର କଳରବରେ ମଧ୍ୟାହ୍ନ ବିଦୀର୍ଣ୍ଣ ଓ ଅଶାନ୍ତିର ଉପସ୍ଥିତିରେ ସାୟାହ୍ନ ଅବସନ୍ନ। ବର୍ତ୍ତମାନର ପ୍ରତିଟି ମୁହୂର୍ତ୍ତକୁ ଆମେ ହିଁ ବିପନ୍ନ କରିଚାଲିଛୁ, ଭବିଷ୍ୟତର ଅସ୍ଥିରତାକୁ ପ୍ରଶ୍ରୟ ଦେଉଛୁ। ଅତୀତକୁ ପରଖିବା ଓ ଶିଖିବାର ସମୟ ନାହିଁ, ସଦିଚ୍ଛା ମଧ୍ୟ ନାହିଁ। ବିଶ୍ୱର କୌଣସି ସଂସ୍ଥାନ, ଉପାଦାନ ଓ ଜୀବନ ନାହିଁ, ଯାହା ଏକ ଆସ୍ଥାହୀନ ପରିବେଷ୍ଟନୀ ଭିତରେ ଅହରହ ଦହନ ହୋଇଚାଲିନାହିଁ। ଆଜି ବାୟୁ ଦୂଷିତ, ଜଳ ବିଷାକ୍ତ, ମାନବିକ ଭାବନା କଳୁଷିତ। ଏଭଳି ବାତାବରଣ କେବଳ ଯୁଦ୍ଧ, ଦ୍ୱନ୍ଦ୍ୱ, ହିଂସା, ଈର୍ଷା, ଦ୍ୱେଷ, ଆତଙ୍କ, ରକ୍ତପାତ, କାତରତା, କାପୁରୁଷତା, ପରଶ୍ରୀକାତରତା, ଶଠତା, ଦୁର୍ନୀତି, ଭ୍ରଷ୍ଟାଚାର, ପ୍ରତାରଣା, ପକ୍ଷପାତିତାକୁ ଜନ୍ମ ଦେଇପାରେ ଏବଂ ତାହା ହିଁ ଘଟୁଛି। ଏହି ପୃଷ୍ଠଭୂମିରେ ଯଦିବା କେବେ କେଉଁଠି କେତେବେଳେ ଶାନ୍ତି, ସହାବସ୍ଥାନ ଓ ସୁସ୍ଥତାର ସମ୍ଭାବନାଟିଏ ସୃଷ୍ଟି ହେଉଛି ତାହାର ପ୍ରଭାବ ସୁଦୂରପ୍ରସାରୀ ହେବା ସ୍ୱାଭାବିକ।

କୋଭିଡ୍ ମହାମାରୀରେ ସାମାଜିକ ଜନଜୀବନ ଓ ଅର୍ଥନୀତିର ଅସ୍ଥିର ପରିବେଶ ଭିତରେ ସେଭଳି ଏକ ଆଶାର ସମ୍ଭାବନା ନେଇ 'ସକାଳ' ଜନ୍ମ ନେଇଥିଲା ଆଜିକୁ ପାଞ୍ଚବର୍ଷ ତଳେ। ଆଜି ମାତ୍ର ଛଅବର୍ଷରେ ପାଦ ଦେଇଥିବା ଏହି ଦୈନିକ ଖବରକାଗଜର ଶୈଶବ କିନ୍ତୁ ଆନନ୍ଦମୁଖର ଓ ଉପଭୋଗ୍ୟ ନଥିଲା। ମାତ୍ର ଚାରିବର୍ଷ ବୟସରେ ସାମ୍ନା କରିଥିଲା ସାଧାରଣ ନିର୍ବାଚନ ରୂପକ ରାଜନୈତିକ ଝଡ଼କୁ। ରାଜ୍ୟରେ କ୍ଷମତା ବଦଳିବା ସହିତ 'ସକାଳ' ସମ୍ମୁଖୀନ ହେଲା ପକ୍ଷପାତିତାର। ଆଜିର ସମୟର ପ୍ରତିଯୋଗିତାପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ସରକାରୀ ସହଯୋଗିତା ଓ ପୃଷ୍ଠପୋଷକତା ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଥିଲା ବେଳେ 'ସକାଳ' ସେଥିରୁ ବଞ୍ଚିତ। ଶୈଶବରେ ନିୟତିର ଏହି କ୍ରୂର ପ୍ରହାରରେ ତଥାପି 'ସକାଳ' ଭାଙ୍ଗି ପଡ଼ିନାହିଁ; କାହା ପ୍ରତି ଅସୂୟା ମନୋଭାବ ପୋଷଣ କରିନାହିଁ। ପ୍ରତିଶୋଧପରାୟଣ ହୋଇନାହିଁ କି ବ୍ୟକ୍ତିଗତ କୁତ୍ସାରଟନା ପରି ଦୁର୍ବଳ ଓ କାମଳ ସାମ୍ବାଦିକତାର ସାହାରା ନେଇ ନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କେବଳ ଗଣଙ୍କ ହିତରେ ଏକ ସ୍ୱଚ୍ଛ, ନିରପେକ୍ଷ, ନିର୍ଭୀକ ସାମ୍ବାଦିକତାର ଭୂମିକା ନିଷ୍ଠାର ସହିତ ନିର୍ବାହ କରିଚାଲିଛି। ସଂଘର୍ଷରେ ମଧ୍ୟ ମୂଲ୍ୟବୋଧ, ଆଦର୍ଶ ଓ ନୀତି ସହିତ 'ସକାଳ' ସାଲିସ୍ କରିନାହିଁ; ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହିଁ। ନିଷ୍ପେଷିତ, ଅବହେଳିତ ଓ ପୀଡ଼ିତଙ୍କ ସ୍ୱର ହେବାର ସଂକଳ୍ପ ସହିତ ଜନ୍ମ ନେଇଥିବା 'ସକାଳ' ଆଜି ମଧ୍ୟ ତା'ର ଦାୟିତ୍ୱ ନିର୍ବାହନ ଓ କର୍ତ୍ତବ୍ୟ ସମ୍ପାଦନରେ ଅଟଳ ରହିଛି। ଲୋକଙ୍କର ସ୍ୱର ହୋଇଛି। ସର୍ବୋପରି ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ରାଜ୍ୟର ହିତକୁ ଅଗ୍ରାଧିକାର ଦେଇଛି। ତେଣୁ ସାମ୍ପ୍ରତିକ ବାତାବରଣର ପ୍ରଚ୍ଛଦପଟରେ 'ସକାଳ'କୁ ଗଣମାନଙ୍କର ନିଃସର୍ତ୍ତ ସମର୍ଥନ, ଅଭିନନ୍ଦନ, ଆଶିଷ ଓ ଶୁଭକାମନା ବଢ଼ିବାରେ ଲାଗିଛି। ସର୍ବୋପରି 'ସକାଳ'ର ବିକଳ୍ପହୀନ ସମ୍ପାଦକୀୟ ନୀତି, ସୁସ୍ଥ ସମାଲୋଚନା ଓ ନିଚ୍ଛକ ଖବର ପରିବେଷଣ କ୍ରମଶଃ ଗ୍ରହଣୀୟ ଓ ଆସ୍ଥାଭାଜନ ହେଉଛି।

ସୃଷ୍ଟିର ପରିବର୍ତ୍ତନଶୀଳ ଧାରାରେ ନୀତି ଓ ଆଦର୍ଶ ହିଁ ଚିରନ୍ତନ। ତେଣୁ 'ସକାଳ' ତା'ର ଶୈଶବରେ ଆଦରି ନେଇଥିବା ଆଦର୍ଶ ଯୌବନର ଉଦ୍ଦାମତାରେ ଭୁଲିଯିବ ନାହିଁ କି ଶତାୟୁରେ ବାର୍ଦ୍ଧକ୍ୟର ଚାପରେ ନଇଁଯିବ ନାହିଁ। ବରଂ ସମୟ ସହିତ ଆହୁରି ଅଧିକ ତେଜୀୟାନ୍, ପରିପକ୍ୱ ଓ ଉତ୍ତରଦାୟୀ ହେବ। ପାଠକମାନଙ୍କର ଶ୍ରଦ୍ଧା ହିଁ 'ସକାଳ'ର ପୁଞ୍ଜି। କର୍ମଚାରୀମାନଙ୍କର ନିଷ୍ଠା, ପରିଶ୍ରମ ଓ ସମର୍ପିତ ଅଂଶଗ୍ରହଣ ହିଁ ତା'ର ଶକ୍ତି। ଏହି ପୁଞ୍ଜିକୁ କେହି ଛଡ଼ାଇ ନେଇପାରିବ ନାହିଁ କି ଶକ୍ତିକୁ ପରାହତ କରିପାରିବ ନାହିଁ। ଯେଉଁ ଶୁଭଚିନ୍ତକମାନେ ଆମକୁ ନୈତିକ ସାହସ ଦେଇ ଆମର ମନୋବଳ ବୃଦ୍ଧି କରିଛନ୍ତି, ଆମକୁ ସାମର୍ଥ୍ୟ ଅନୁଯାୟୀ ସମର୍ଥନ ଓ ଅକୁଣ୍ଠ ସହଯୋଗ ପ୍ରଦାନ କରିଛନ୍ତି ସେମାନଙ୍କ ନିକଟରେ ଆମେ କୃତଜ୍ଞ।

ବର୍ତ୍ତମାନର ଶିଳାଖଣ୍ଡ ଉପରୁ କେବଳ ଏକ ବିପନ୍ନ, ଅନିଶ୍ଚିତ ଓ ଅଶାନ୍ତ ଭବିଷ୍ୟତର ରୂପ ହିଁ ଦେଖାଯାଉଛି। ସ୍ୱାର୍ଥାନ୍ୱେଷୀ ଓ ବିସ୍ତାରବାଦୀ ଆଭିମୁଖ୍ୟ ଆହୁରି ଉଗ୍ର ହେବାକୁ ଯାଉଛି। ବିଶ୍ୱ କ୍ରମଶଃ ଯୁଦ୍ଧବିଗ୍ରହର ପଞ୍ଝା ଭିତରକୁ ଚାଲିଯାଉଛି, ପରମାଣୁ ଯୁଦ୍ଧର ଆଶଙ୍କା ଘନୀଭୂତ ହେଉଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର କରାଳ ଛାୟା ସବୁଜ ସୁନ୍ଦର ପୃଥିବୀକୁ ଆଚ୍ଛାଦିତ କରିଚାଲିଛି। ଅନାହାର, ଦାରିଦ୍ର୍ୟ, ପ୍ରାକୃତିକ ଦୁର୍ବିପାକର ଘନଘଟା ଆହୁରି ଉତ୍କଟ ହେବାକୁ ଯାଉଛି। କୃତ୍ରିମ ବୁଦ୍ଧିମତ୍ତା ମାନବ ସଭ୍ୟତାର ସ୍ଥାୟିତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅସୀମ ଆହ୍ୱାନ ଓ ଅସ୍ଥିରତାର ତାଡ଼ନା ମଧ୍ୟରେ ଗଣମାଧ୍ୟମକୁ ମାର୍ଗଦର୍ଶକ ଓ ସତର୍କଘଣ୍ଟିର ଭୂମିକା ନିର୍ବାହ କରିବାକୁ ହେବ। ଅହିଂସାର ବାର୍ତ୍ତାବହ ହୋଇ ମାନବିକତାର ପ୍ରଚାର କରିବାକୁ ପଡ଼ିବ। ପକ୍ଷବାଦୀ ହେଉ କି ନିରପେକ୍ଷ, ଗଣମାଧ୍ୟମ ଏକ ସ୍ୱଚ୍ଛ ଦର୍ପଣର ଭୂମିକା ନିର୍ବାହ ନ କଲେ ଆଗାମୀ କାଲି ଲେଖାଯିବାକୁ ଥିବା ଆଜିର ଇତିହାସରେ ଉତ୍ତରଦାୟୀ କେବଳ ଗଣମାଧ୍ୟମ ହିଁ ରହିବ।

ଏଠାରେ କର୍ମ ଓ କାଳଖଣ୍ଡର ସେହି ଅମରଜୟୀ ଉକ୍ତିଟି ଉଦ୍ଧୃତ କରିବା ପ୍ରାସଙ୍ଗିକ ହେବ - 'ସୁନ୍ଦର ଯେତିକି ଅନ୍ଧାର ସେତିକି ଏହି ଯେ ଗହନ ବନ, ତେଣୁ ତୁ ଆପଣା ସଂକଳ୍ପେ ଅଟଳ ଅଚଳ ରହ ରେ ମନ / ଆଗରେ ପଡ଼ିଛି ପଥ ବହୁଦୂର ଆହୁରି କେତେ ଯେ ବାକି, ଚାଲିବି ଚାଲିବି ନ ପଡ଼ିବି ଥକି ମୁଦିବା ଆଗରୁ ଆଖି।' ଜୀବନଯୁଦ୍ଧରେ, ପରିସ୍ଥିତିର ତାଡ଼ନାରେ, ସମୟର ପ୍ରବାହରେ କୌଣସି ଗଣମାଧ୍ୟମ ସଂସ୍ଥା ସାମୟିକ ବିରତି ନେଇପାରେ; କିନ୍ତୁ ଗଣମାଧ୍ୟମର ମୃତ୍ୟୁ ନାହିଁ। ଗଣଙ୍କର ଉପସ୍ଥିତି ଥିବା ଯାଏଁ ଗଣମାଧ୍ୟମର ଅସ୍ତିତ୍ୱକୁ ବିଲୟ କରିବାର ଶକ୍ତି କାଳର ମଧ୍ୟ ନାହିଁ, ସରକାର ଆଜି ନ ହେଲେ କାଲି ବଦଳିବା ନିଶ୍ଚିତ। ଗଣଙ୍କର ସ୍ୱର ଭାବରେ ଯାହା କିଛୁ ଲେଖାଯାଇଛି, ଲେଖି ହୋଇଯାଉଛି ତାହା ଅବିନିଶ୍ୱର ଯୁଗାନ୍ତର ପର୍ଯ୍ୟନ୍ତ।

ସମ୍ଭାବନାର ସେହି ଅଫୁରନ୍ତ ଆଶା ନେଇ ଆଉ ଏକ ନୂଆ ସକାଳ ଅପେକ୍ଷାରେ!

# ନିର୍ବାଚନରେ ବ୍ୟାଖ୍ୟାନ ଓ ବାସ୍ତବତା

**ଗୌରୀ ପ୍ରସାଦ ମହାପାତ୍ର**

ବିହାର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ପୁଣି ଥରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାରେ ପ୍ରଶ୍ନଚିହ୍ନ ଲାଗିଛି। ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ସର୍ବୋପରି ଓ ପ୍ରଶ୍ନାତୀତ। କିନ୍ତୁ ଜନମତକୁ ପ୍ରଭାବିତ କରିବା ପାଇଁ ଏହି ନିର୍ବାଚନରେ ଯେଭଳି ସାଧନମାନ ବ୍ୟବହାର ହେଲା, ତାହା ଭାରତୀୟ ଗଣତାନ୍ତ୍ରିକ ଓ ନିର୍ବାଚନ ଇତିହାସରେ ଏକ ନୂଆ ଅଲୋଡ଼ା ଅଧ୍ୟାୟ ଲେଖି ଦେଇଗଲା। ବିହାର ବିଧାନସଭା ଫଳାଫଳ ପରେ ବ୍ୟାଖ୍ୟାନ ସୃଷ୍ଟି ହେଲା ବିହାର ଜନତା ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ'କୁ ପ୍ରତ୍ୟାଖ୍ୟାନ କରି ନୀତୀଶ କୁମାର ନେତୃତ୍ୱାଧୀନ 'ବିକାଶର ଶାସନ'କୁ ଅଧିକ ପସନ୍ଦ କଲେ। ଏ କଥା ମଧ୍ୟ କୁହାଗଲା ଯେ ବହୁଚର୍ଚ୍ଚିତ 'ଏସ୍ଆଇଆର' ଓ 'ଭୋଟ ଚୋରି' ଅଭିଯୋଗକୁ ବିହାରବାସୀ ନାପସନ୍ଦ କରି ଜୀବନଜୀବିକାର ବାସ୍ତବତାକୁ ଗୁରୁତ୍ୱ ଦେଲେ। ବିହାର ନିର୍ବାଚନ ଫଳାଫଳ ଏତେଟା ଆଲୋଚିତ ହୋଇ ନଥା'ନ୍ତା, ଯଦି ଏହାର ପ୍ରଚ୍ଛଦପଟର ରଣକୌଶଳ ଦେଶର ସାମଗ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇନଥା'ନ୍ତା।

ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ନୀତୀଶ କୁମାରଙ୍କ ପ୍ରତ୍ୟକ୍ଷ ଏବଂ କିଛିଦିନ ପରୋକ୍ଷ ହେପାଜତରେ ଥିବା ବିହାର ବିକାଶଧାରାର ବାସ୍ତବ ଚିତ୍ର ବିଷୟରେ ଏବେ କିଞ୍ଚିତ ଆଲୋଚନା କରିବା। ୧୯୯୧ରେ ଯୁଗାନ୍ତକାରୀ ଆର୍ଥିକ ସଂସ୍କାରକୁ ପୁଞ୍ଜି କରି ଦେଶର ଅନ୍ୟାନ୍ୟ ରାଜ୍ୟମାନେ ନିଜନିଜର ସାମାଜିକ-ଅର୍ଥନୀତିରେ ଆଖିଦୃଶିଆ ଉନ୍ନତି ଆଣିବାରେ ଅନେକାଂଶରେ ସଫଳ ହୋଇଥିଲେ ହେଁ ବିହାର ଯେ ଏହାର ବିପରୀତ ସୁଅରେ ଯାଇ ସମ୍ପୂର୍ଣ୍ଣ ଅସଫଳ ହୋଇଛି, ତାହା ଯେ କେହି ସ୍ୱୀକାର କରିବେ। ୧୯୯୧ ମସିହାରୁ ବିହାରରେ ନିଯୁକ୍ତି ହାରର ଅଭିବୃଦ୍ଧି ଅତିନଗଣ୍ୟ। ପ୍ରତିଭୂତି ବଜାରରେ ପଞ୍ଜିକୃତ କମ୍ପାନୀଙ୍କ ସଂଖ୍ୟା ବିହାରରେ ମାତ୍ର ୫। ଇଏସ୍ଆଇ ପ୍ରଦାନ କରିପାରୁଥିବା ସଂସ୍ଥାଙ୍କ ସଂଖ୍ୟା ମାତ୍ର ୯, ୨୧୭। ରାଜ୍ୟର ୯୯ ପ୍ରତିଶତ ଏମ୍ଏସ୍ଏମ୍ଇ ଅଣୁ ବା ଲଘୁ ବର୍ଗର। ମୋଟ ମାନବ ସମ୍ବଳର ମାତ୍ର ୫% ବିନିର୍ମାଣ, ୦.୫ % ବିତ୍ତୀୟ ସେବା, ୦.୪% ବୈଷୟିକ ଜ୍ଞାନକୌଶଳ, ୧%ରୁ କମ୍ ରିଟେଲ୍ ଓ ଫର୍ମା କମ୍ପାନୀରେ ନିଯୁକ୍ତ। ୨୦୨୩-୨୪ ସୁଦ୍ଧା ବିହାରରେ ମାତ୍ର ୩, ୩୮୬ କାରଖାନା ରହିଛି, ଯାହା ଦେଶର ମୋଟ ଶିଳ୍ପ ସଂସ୍ଥାର ୧.୩%। ଦେଶର ମୋଟ ଶିଳ୍ପ ଶ୍ରମିକଙ୍କ ମଧ୍ୟରେ ବିହାରୀଙ୍କ ସଂଖ୍ୟା ୦.୭୫%। ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ସେବା କ୍ଷେତ୍ରର ଅବଦାନ ହାର ବିଯୁକ୍ତାତ୍ମକ। ବିଗତ ଦଶନ୍ଧିରେ ସେଠାରେ ମାତ୍ର ୧୩ଟି ଅତିରିକ୍ତ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଛି ଏବଂ ଏବେସୁଦ୍ଧା ମାତ୍ର ୮୯୯ଟି ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର କାର୍ଯ୍ୟରତ।

ନୀତୀଶଙ୍କ ଶାସନାଧୀନ ବିହାର ଅର୍ଥନୀତିର ଚିତ୍ର ଆହୁରି ନୈରାଶ୍ୟଜନକ। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ୯.୨ ପ୍ରତିଶତ। ମୁଣ୍ଡପିଛା ଆୟ ଦେଶରେ ସବୁଠାରୁ କମ୍। ଋଣ ଭାର ୨୦୦୫ରେ ୪୩ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୪ ବେଳକୁ ୩, ୧୯, ୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବିହାର ନିଜେ କରିଥିବା ଜାତିଗଣନା ରିପୋର୍ଟର ତଥ୍ୟାନୁଯାୟୀ ୯୪ ଲକ୍ଷ ପରିବାରର ଦୈନିକ ଆୟ ୨୦୦ ଟଙ୍କାରୁ ମଧ୍ୟ କମ୍। ୨ କୋଟି ୨୦ ଲକ୍ଷ ଲୋକ ଶ୍ରମିକ ଭାବେ କାର୍ଯ୍ୟରତ। ୯୫% ପରିବାରର ନିଜସ୍ୱ ଯାନ ନାହିଁ। ପ୍ରାୟ ୧୨ କୋଟି ଜନସଂଖ୍ୟାରୁ ମାତ୍ର ୧୦% ଦ୍ୱାଦଶ-ଉତ୍ତୀର୍ଣ୍ଣ। ପ୍ରତି ୫ ଜଣ ସ୍ନାତକଙ୍କ ମଧ୍ୟରୁ ୪ ଜଣ ବେକାର। ତେଣୁ ଯୁବବର୍ଗର ସିଂହଭାଗ ଦାଦନ।

ନିତି ଆୟୋଗର ୨୦୨୩-୨୪ ରିପୋର୍ଟ ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ, ବୁଭୁକ୍ଷୁ ଓ ଦାରିଦ୍ର୍ୟ ଦୂରୀକରଣ, ଶ୍ରମ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବିହାରର ପ୍ରଦର୍ଶନ ଦେଶରେ ସବୁଠାରୁ ନୈରାଶ୍ୟଜନକ। ୨୦ ହଜାରରୁ ଅଧିକ ସ୍କୁଲ୍‌ରେ ବିଜୁଳି ନାହିଁ, ୭୬ ହଜାରରୁ ଅଧିକରେ କମ୍ପ୍ୟୁଟର ନାହିଁ। ସ୍କୁଲ୍ ଡ୍ରପ୍ ଆଉଟ୍ ହାରରେ ବିହାର ଦେଶର ପ୍ରଥମ ସ୍ଥାନରେ ରହିଛି। ରାଜ୍ୟର ୯୦% ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କିମ୍ବା ପାରାମେଡିକାଲ୍ କର୍ମୀ ନାହାନ୍ତି। ପ୍ରତି ତିନିଜଣରେ ଦୁଇଜଣ ମହିଳା ରକ୍ତହୀନତାର ଶିକାର। ମାତ୍ର ୧୧ ପ୍ରତିଶତ ଶିଶୁ ପୌଷ୍ଟିକ ଖାଦ୍ୟ ପାଉଥିବା ବେଳେ ୫ ବର୍ଷରୁ କମ୍ ୪୦% ଶିଶୁ ପୁଷ୍ଟିହୀନ ଜନିତ ବିଭିନ୍ନ ଶାରୀରିକ ବିକାରରେ ଆକ୍ରାନ୍ତ।

ନୀତୀଶଙ୍କ ଶାସିତ ବିହାରରେ ଦୁର୍ନୀତି, ମନମୁଖି କାର୍ଯ୍ୟକଳାପ, ଭ୍ରଷ୍ଟାଚାର ଏତେ ଅଧିକ ଯେ ଦୀର୍ଘ ଦଶବର୍ଷ ତଳୁ ଆରମ୍ଭ ହୋଇଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏବେ ମଧ୍ୟ ନିର୍ମାଣାଧୀନ କିମ୍ବା ଭାଙ୍ଗିରୁଜି ଗଲାଣି। ଗତ ଦୁଇବର୍ଷ ମଧ୍ୟରେ ବିହାରରେ ହତ୍ୟା ଘଟଣା ୨୫% ବୃଦ୍ଧି ପାଇଛି ଏବଂ ଅପରାଧିକ କାର୍ଯ୍ୟକଳାପରେ ବିହାର ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏଣୁ ରାଜ୍ୟରେ ବ୍ୟବସାୟ ଆରମ୍ଭ କିମ୍ବା ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକାଂଶ ନିବେଶକ, ଶିଳ୍ପପତି ଓ ବ୍ୟବସାୟୀ ଅନାଗ୍ରହୀ।

କେନ୍ଦ୍ର ପରିସଂଖ୍ୟାନ ଓ ଯୋଜନା ରୂପାୟନ ମନ୍ତ୍ରଣାଳୟର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ଦେଶର ସାମଗ୍ରିକ ଶ୍ରମଶକ୍ତିରେ ବିହାର ମହିଳାଙ୍କ ଅବଦାନ ମାତ୍ର ୮.୮ ପ୍ରତିଶତ, ଯାହା ଅନ୍ୟ ରାଜ୍ୟ ତୁଳନାରେ ସର୍ବନିମ୍ନ। ଅପରପକ୍ଷରେ ରାଜ୍ୟର ମହିଳା ଶ୍ରମଶକ୍ତିର ତିନି-ଚତୁର୍ଥାଂଶ କୃଷିରେ ନିୟୋଜିତ, ଯାହା ଦେଶରେ ସର୍ବାଧିକ। ସହରାଞ୍ଚଳରେ ବେରୋଜଗାର ମହିଳାଙ୍କ ହାର ୫୨.୩%। ତେଣୁ ନୀତୀଶ କୁମାରଙ୍କ ପର୍ଯ୍ୟାୟଭିତ୍ତିକ ମୋଟ ୨ ଲକ୍ଷ ଟଙ୍କା ନଗଦ ହସ୍ତାନ୍ତର ଯୋଜନା ବିହାର ମହିଳାମାନଙ୍କୁ କେତେ ସ୍ୱାବଲମ୍ବୀ କରିପାରିବ ଏବଂ ସେମାନଙ୍କ ପରିବାରର ଗରିବୀ କେତେ ହ୍ରାସ କରିପାରିବ ତାହା ବୁଝାଇ କହିବା ଆବଶ୍ୟକ ନାହିଁ।

୨୦ ବର୍ଷର ସମୟ କିଛି କମ୍ ନୁହେଁ। ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ସାମାଜିକ-ଅର୍ଥନୈତିକ ମାନଦଣ୍ଡରେ ବିହାର ସହିତ ପ୍ରାୟ ସମରେଖା ଥିବା ଓଡ଼ିଶା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ନିଷ୍ଠା, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ବଳରେ ସେହି ସମାନ ସମୟ ମଧ୍ୟରେ ଜାତୀୟସ୍ତରରେ ବିକାଶ ମଡେଲ୍‌ରେ ଉଦାହରଣୀୟ ହୋଇପାରିଛି ଏବଂ ବିଶ୍ୱସ୍ତରରେ ସମ୍ମାନିତ ହୋଇଛି। ଅଥଚ ବିହାରର ବିକାଶଧାରା ଆଜି ମଧ୍ୟ ସେହି ଜାତିବାଦରେ ସୀମିତ। ତେଣୁ ନୀତୀଶଙ୍କ ଜନକଲ୍ୟାଣମୁଖୀ କାର୍ଯ୍ୟଧାରା ଭୋଟରଙ୍କୁ ଆକୃଷ୍ଟ କରିଛି ବୋଲି ଯେଉଁ ବ୍ୟାଖ୍ୟାନ ସୃଷ୍ଟି ହୋଇଛି ତାହା କେତେ ବାସ୍ତବ ବିଚାରସାପେକ୍ଷ।

ଏହି ବ୍ୟାଖ୍ୟାନ ପଛର ବାସ୍ତବତା ହେଉଛି ଭୋଟଦାନରେ ମହିଳମାନଙ୍କର ଅଭୂତପୂର୍ବ ଯୋଗଦାନ। ଗତ ବିଧାନସଭା ନିର୍ବାଚନ ତୁଳନାରେ ଚଳିତ ଥର ବିହାର ମହିଳାଙ୍କ ଭୋଟଦାନ ହାର ୧୮% ବୃଦ୍ଧି ପାଇଛି। କିନ୍ତୁ ଏବେ ପ୍ରଶ୍ନ ଉଠୁଛି ଭୋଟଦାନରେ ମହିଳାଙ୍କ ଏହି ଆତିଶଯ୍ୟ ସ୍ୱତଃସ୍ଫୂର୍ତ୍ତ ନା ପ୍ରାୟୋଜିତ? ବିହାରରେ ମହିଳାମାନଙ୍କ ହାରାହାରି ମୁଣ୍ଡପିଛା ବାର୍ଷିକ ଆୟ ମାତ୍ର ୪୯, ୦୦୦ ଟଙ୍କା। ତେଣୁ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ନାମରେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଘୋଷଣା ସେମାନଙ୍କ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମାନସିକତାକୁ ପ୍ରଭାବିତ କରି ଭୋଟରେ ରୂପାନ୍ତରିତ ହୋଇଥିବା ନିଶ୍ଚିତ। ଚତୁରତାର ସହିତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଏହି ଯୋଜନାର କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଅଭିଯୋଗ ଅନୁଯାୟୀ ଭୋଟଦାନ ପୂର୍ବଦିନ ପର୍ଯ୍ୟନ୍ତ ମହିଳାମାନଙ୍କ ଖାତାକୁ ପ୍ରଥମ ପର୍ଯ୍ୟାୟର ୧୦ ହଜାର ଟଙ୍କା ଲେଖାଏଁ ଆସୁଥିଲା। ତେଣୁ 'ନୋଟ୍ ଫର ଭୋଟ୍' ବା 'ଟଙ୍କା ବଦଳରେ ଭୋଟ' ରଣକୌଶଳଟି ବିହାରରେ ଏକପ୍ରକାର ବୈଧ ହୋଇଗଲା।

ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାରେ ଲୋକସଭା କିମ୍ବା କୌଣସି ରାଜ୍ୟ ବିଧାନସଭା ପୂର୍ବରୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରମାନେ ବଜେଟ୍‌ରେ ଉଦ୍ଦେଶ୍ୟମୂଳକ ବ୍ୟୟବରାଦ କରିପାରିବେ ନାହିଁ କି ପ୍ରଭାବଶାଳୀ ଜନକଲ୍ୟାଣମୂଳକ ଯୋଜନା ଘୋଷଣା କରିପାରିବେ ନାହିଁ। ଯଦି ଏଭଳି ହୁଏ ତେବେ ଆମ ସମ୍ବିଧାନ ଦ୍ୱାରା ଅଖଣ୍ଡ କ୍ଷମତାପ୍ରାପ୍ତ ନିର୍ବାଚନ ଆୟୋଗ ଏହାକୁ ଅସିଦ୍ଧ ଘୋଷଣା କରିପାରିବେ। ଅଥଚ ବିହାର ନିର୍ବାଚନରେ ଏହା ସିଦ୍ଧ ହୋଇଗଲା କେମିତି? ଏହି ପରିପେକ୍ଷୀରେ ୧୯୮୦ ଦଶକରେ କିମ୍ବଦନ୍ତୀ କ୍ରିକେଟ୍ ତାରକା ସୁନିଲ୍ ଗାଭାସ୍କରଙ୍କ ମନ୍ତବ୍ୟର ଉଦ୍ଧୃତି ଅଧିକ ପ୍ରାସଙ୍ଗିକ ହେବ। ସେହି ସମୟରେ ଇଂଲଣ୍ଡରେ ପାକିସ୍ତାନର ତତ୍କାଳୀନ କ୍ୟାପ୍ଟେନ୍ ଇମ୍ରାନ୍ ଖାନ୍‌ଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କଲେ- 'ଆପଣ ଭାରତର କେଉଁ ଦୁଇ ଖେଳାଳିଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବେ?' ଇମ୍ରାନ୍‌ଙ୍କ ଉତ୍ତର ଥିଲା- 'କପିଳ ଦେବ ଓ ସନ୍ଦୀପ ପାଟିଲ୍।' ସମାନ ପ୍ରଶ୍ନର ଉତ୍ତରରେ ଗାଭାସ୍କାର କହିଥିଲେ- 'ମୁଁ ପାକିସ୍ତାନର ଦୁଇ ଅମ୍ପାୟାରଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବି।' ଭାରତରେ ଗତ କିଛିମାସର ନିର୍ବାଚନ ଓ ଫଳାଫଳ ଧାରାକୁ ତର୍ଜମା କଲେ ଅମ୍ପାୟାରମାନଙ୍କର ପ୍ରଚ୍ଛନ୍ନ ଭୂମିକାକୁ ବୁଝିବା ଆହୁରି ପ୍ରାଞ୍ଜଳ ହେବ ଏବଂ ବିହାର ସମେତ ଅନ୍ୟାନ୍ୟ ନିର୍ବାଚନରେ ବ୍ୟାଖ୍ୟାନ-ବାସ୍ତବତା ମଧ୍ୟରେ ଥିବା ପାର୍ଥକ୍ୟର ଚିତ୍ର ଆହୁରି ଅଧିକ ସ୍ପଷ୍ଟ ହେବ। ଏଭଳି ଅମ୍ପାୟାରମାନଙ୍କ ବଶମ୍ବଦତା ଆଧାରିତ ନିର୍ବାଚନ ପରିଚାଳନା ପରମ୍ପରାଟି ଅଧିକ ସୁଦୃଢ଼ ହେଲେ ମ୍ୟାଚ୍ ଶତପ୍ରତିଶତ ଜିତାଯାଇପାରିବ; କିନ୍ତୁ ଦେଶର ଅବସ୍ଥା ପାକିସ୍ତାନ ପରି ହେବାକୁ ବେଶୀ ବିଳମ୍ବ ହେବ ନାହିଁ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ବଢ଼ୁଛି ଆଣ୍ଟିବାୟୋଟିକ୍ ସଙ୍କଟ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ସଂପ୍ରତି ବିଶ୍ୱରେ ଚାଲିଛି ଏକ ଅସାଧାରଣ ମହାସମର। ମହାସମରଟି ପୁଣି କାହା କାହା ଭିତରେ? କିଏ ପକ୍ଷ କିଏ ପ୍ରତିପକ୍ଷ? ପକ୍ଷ ହେଉଛି ବୈଜ୍ଞାନିକମାନେ ଗବେଷଣାଗାରେ ତିଆରି କରି ଚାଲିଥିବା ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ଏବଂ ପ୍ରତିପକ୍ଷ ହେଉଛନ୍ତି ରୋଗ ସୃଷ୍ଟି କରି ଚାଲୁଥିବା ଜୀବାଣୁକୁଳ। କୌଣସି ପକ୍ଷ ହାର ମାନିବା ପାଇଁ ନାରାଜ। ଏହି ସମର ଯୋଗୁଁ ରୋଗୀମାନେ ସନ୍ତୁଳି ହେବାର ସୀମା ନାହିଁ। ଜୀବାଣୁମାନଙ୍କର ଏହି ବିରୋଧୀକୁ ଡାକ୍ତରୀ ଭାଷାରେ କୁହାଯାଉଛି ଆଣ୍ଟିମାଇକ୍ରୋବିଆଲ ରେଜିଷ୍ଟାନ୍ସ। ଆଣ୍ଟିବାୟୋଟିକ କବଳରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଜୀବାଣୁମାନେ ବଦଳେଇ ଦେଉଛନ୍ତି ନିଜର ଶାରୀରିକ ଗଠନ(ବିଜ୍ଞାନର ଭାଷାରେ ଏଭଳି ରାସାୟନିକ ପରିବର୍ତ୍ତନକୁ ମ୍ୟୁଟେସନ କୁହାଯାଏ)। ବିଶ୍ୱରେ ସ୍ୱାସ୍ଥ୍ୟ ସାମର୍ଥ୍ୟ ଯେଉଁ ହାରରେ ପ୍ରଗତି ହୋଇଚାଲିଛି ତା'ଠାରୁ ଯଥେଷ୍ଟ ବେଶୀ ହାରରେ ପ୍ରସରି ଚାଲିଛି ଜୀବାଣୁ ବା ଅଣୁଜୀବମାନଙ୍କର ବିରୋଧୀ ସଂଗ୍ରାମ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ସତର୍କ କରି ଦେଲାଣି ଯେଯେଉଁ ହାରରେ ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ପ୍ରସ୍ତୁତ ହେଉଛି, ତା' ତୁଳନାରେ ଆଣ୍ଟିବାୟୋଟିକ ବିରୋଧିତାର ହାର ଅଧିକ ଦ୍ରୁତ।

ଆଣ୍ଟିବାୟୋଟିକ ଔଷଧମାନ ବାହାରିବାର ଆଦିକାଳରେ ଡାକ୍ତରମାନେ ହେଣ୍ଡିମାରି, ନିଶ ଫୁଲେଇ କହି ଚାଲିଲେ ଯେ ଅଣୁଜୀବମାନେ ଏବେ ଆମ କବଜାରେ, ଆମେ ବିଜୟୀ। ଜୀବାଣୁ ଜାତି ପରାଜିତ! ଏବେ କିନ୍ତୁ ଦୃଶ୍ୟପଟ ସଂପୂର୍ଣ୍ଣ ଓଲଟା। ଜୀବାଣୁମାନଙ୍କ ଆକ୍ରମଣ ଜାରି ରହିଛି। ରୋଗୀଙ୍କ ଉପରେ ଆଣ୍ଟିବାୟୋଟିକ ଔଷଧ କାଟୁକରୁନି। ବେଖାତିରିଆ ଜୀବାଣୁମାନଙ୍କ ବାହୁସ୍ଫୋଟ ଆଗରେ ମୁଣ୍ଡରେ ହାତଦେଇ ବସିଲେଣି ଚିକିତ୍ସକଗୋଷ୍ଠୀ। ବିଶ୍ୱସ୍ୱାସ୍ଥ୍ୟସଂସ୍ଥାର ଏକ ଅନୁଧ୍ୟାନ କହୁଛି ଯେ ଜୀବାଣୁ ସଂକ୍ରମିତ ପ୍ରତି ଛଅଜଣ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ଜଣେ କୌଣସି ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହୋଇପାରିନାହିଁ।

ତେବେ ଏପରି ସଙ୍କଟଜନକ ପରିସ୍ଥିତି ଉପୁଜିବାର କାରଣ କ'ଣ? ଏବଂ କିପରି ଅବା ତାହା କାବୁ କରାଯାଇପାରିବ? ଏହାର ପ୍ରଧାନ କାରଣ ହେଉଛି ଆଣ୍ଟିବାୟୋଟି ଔଷଧଗୁଡ଼ିକରେ ପ୍ରଚୁର ଅପବ୍ୟବହାର ଏବଂ ମାତ୍ରାଧିକ ବ୍ୟବହାର। ଏଥିପାଇଁ ଦାୟୀ ହେଉଛନ୍ତି ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା ବ୍ୟକ୍ତି ଓ ଜନସାଧାରଣ ଉଭୟେ। ସାଧାରଣ ସର୍ଦ୍ଦି, ଜ୍ୱର, ଫ୍ଲୁ, ଡେଙ୍ଗୁ ଓ ମ୍ୟାଲେରିଆର ଚିକିତ୍ସା କୌଣସି ଆଣ୍ଟିବାୟୋଟିକ ଆବଶ୍ୟକ କରେ ନାହିଁ। ଅଥଚ ଏହି ସବୁ ରୋଗରେ ଆଣ୍ଟିବାୟୋଟି ଔଷଧଗୁଡ଼ିକର ଅନିୟନ୍ତ୍ରିତ ବ୍ୟବହାର ଅବ୍ୟାହତ ରହିଛି। ରୋଗୀମାନେ ଡାକ୍ତରଙ୍କ ସହିତ ପରାମର୍ଶ ନ କରି ଔଷଧ ଦୋକାନରୁ କିଣି ନିର୍ବାଧରେ ଆଣ୍ଟିବାୟୋଟିକ ଔଷଧମାନ ଖାଇ ଚାଲିଛନ୍ତି। ଆପେ ଆପେ ଡାକ୍ତର ହୋଇଯାଇଥିବା ଔଷଧ ଦୋକାନୀମାନେ ମଧ୍ୟ ଡାକ୍ତରଙ୍କ ପ୍ରେସକ୍ରିପସନ ଆବଶ୍ୟକ କରୁନାହାନ୍ତି ଔଷଧ ବିକିବା ପାଇଁ। ସେହିପରି ପୂରା ସମୟ ପାଇଁ ଔଷଧ ନ ଖାଇ ଉପଶମ ମିଳିଗଲା ପରେ ଚିକିତ୍ସାର ଅଧାରୁ ଔଷଧର ବ୍ୟବହାର ବନ୍ଦ କରିଦେବା ଭାରତରେ ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁଗୁଡ଼ିକର ଅବାରିତ ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ।

ହସପିଟାଲଗୁଡ଼ିକରେ ମଧ୍ୟ ଆଣ୍ଟିବାୟୋଟିକ ପ୍ରତି ବିରୋଧିତା ଥିବା ଜୀବାଣୁମାନେ ହାଉଯାଉ। ତେଣୁ ସଂକ୍ରମଣ ଚିକିତ୍ସା ଉଭା ହୋଇପଡ଼ିଲାଣି ଏକ ଆହ୍ୱାନ ରୂପେ। ଯେଉଁ ରୋଗମାନ ଅତି ସାଧାରଣ ଆଣ୍ଟିବାୟୋଟିକ ଔଷଧ ପ୍ରୟୋଗ ଦ୍ୱାରା ଅତି ସହଜରେ ଆରୋଗ୍ୟ ହୋଇ ଯାଉଥିଲା, ସେସବୁ ଉଚ୍ଚଶକ୍ତି ସଂପନ୍ନ ଆଣ୍ଟିବାୟୋଟିକ ତଥା ଅତ୍ୟାଧୁନିକ ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହେଉ ନାହିଁ। ଜୀବାଣୁମାନେ ସାଧାରଣ ଆଣ୍ଟିବାୟୋଟିକ ଔଷଧଗୁଡ଼ିକ ପ୍ରତି ବିରୋଧୀ ହୋଇପଡ଼ିବା ଫଳରେ ଡାକ୍ତରମାନେ ବାରମ୍ବାର ଆଣ୍ଟିବାୟୋଟିକ ବଦଳେଇବା ପାଇଁ ବାଧ୍ୟ ହେଉଛନ୍ତି। ଫଳରେ ଜୀବାଣୁଗୁଡ଼ିକୁ ଆଣ୍ଟିବାୟୋଟିକଗୁଡ଼ିକ ପ୍ରତି ବେଶୀ ବେଶୀ ବିରୋଧୀ କରେଇ ଦେବାରେ ସହାୟକ ହେଉଛି।

ତା' ହେଲେ କ'ଣ ଏହାର ପ୍ରତିକାର? ଭାରତର ସମସ୍ୟା ହେଉଛି, ଏଠାରେ ଜନସାଧାରଣଙ୍କ ସଂଖ୍ୟାବୃଦ୍ଧିକୁ ଚାହିଁ ଯଥେଷ୍ଟ ସଂଖ୍ୟକ ହସପିଟାଲ ନାହିଁ। ଆବଶ୍ୟକତା ଅନୁପାତରେ ଚିକିତ୍ସକ ନାହାନ୍ତି। ସୁତରାଂ ଡାକ୍ତର-ରୋଗୀ ଅନୁପାତ ଅସ୍ୱାଭାବିକ ଭାବରେ ଅସନ୍ତୁଳିତ। ହସପିଟାଲର ପରିମଳ ବ୍ୟବସ୍ଥା ବଡ଼ ଅସନ୍ତୋଷଜନକ। ରୋଗୀ ସହିତ କାରବାର କରିବା ପୂର୍ବରୁ ଓ ପରେ ଭଲଭାବରେ ହାତ ଧୋଇବାର ଶୃଙ୍ଖଳାକୁ କଡ଼ାକଡ଼ି ଭାବରେ ପାଳନ ନ କରିବା ଫଳରେ ସଂକ୍ରମଣ ହାର ଦ୍ରୁତ ହେଉଛି। ସ୍ୱାସ୍ଥ୍ୟକର୍ମୀମାନେ ଏଥିପ୍ରତି ସତତ ସଚେତନ ରହିଲେ ଆଣ୍ଟିବାୟୋଟିକ ବିରୋଧିତାକୁ ବହୁଳାଂଶରେ ନିବାରିତ କରାଯାଇପାରିବ। ତା'ଛଡ଼ା ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ରୋଗୀଙ୍କୁ ପୃଥକୀକରଣ କରାଇ ସ୍ୱତନ୍ତ୍ର ୱାର୍ଡରେ ରଖି ଚିକିତ୍ସା କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ। ହସପିଟାଲରେ ସଂକ୍ରମଣରେ ପ୍ରସାରକୁ ରୋକିବା ପାଇଁ ରୋଗୀର ଶଯ୍ୟା, ବେଡସିଟ୍, କମ୍ବଳ, ରୋଗୀ ଚିକିତ୍ସାରେ ବ୍ୟବହୃତ ନାନା ଉପକରଣକୁ ଯେତେଦୂର ସମ୍ଭବ ଜୀବାଣୁମୁକ୍ତ ରଖାଯାଇପାରିବ ଆଣ୍ଟିବାୟୋଟିକ ବିରୋଧତାକୁ ସେତେ ପରିମାଣରେ ହ୍ରାସ କରାଯାଇ ପାରିବ। ଏ ସଂପର୍କରେ ଜନସାଧାରଣ, ସ୍ୱାସ୍ଥ୍ୟକର୍ମୀ, ଔଷଧ ଦୋକାନୀ, ରୋଗୀ, ଫାର୍ମାସିଷ୍ଟ, ନର୍ସ ଓ ଡାକ୍ତରମାନେ ସଚେତନ ନ ରହିଲେ ଆଣ୍ଟିବାୟୋଟିକ ବିରୋଧିତା ବିରୁଦ୍ଧରେ ସଂଗ୍ରାମ ଆଦୌ ସଫଳ ହୋଇପାରିବନି।

ସମ୍ପ୍ରତି ଭାରତ ଏ ଦିଗରେ ଅନ୍ତର୍ଜାତୀୟ ସହଯୋଗ ଲୋଡ଼ିବା, ଆଣ୍ଟିବାୟୋଟିକ ପ୍ରସ୍ତୁତି ସଂପର୍କରେ ଗବେଷଣା କରିବା, ନୂତନ ପିଢ଼ିର ଆଣ୍ଟିବାୟୋଟିକ ତିଆରି କରିବା ଇତ୍ୟାଦି ପାଇଁ ଭାରତର ପ୍ରଚେଷ୍ଟା ବେଶ୍ ଉତ୍ସାହଜନକ।। ତେବେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇ ପାରିବନି କି ଏଥିରେ କୌଣସି ପ୍ରକାରର ଅବହେଳା ଆଦୌ ବାଞ୍ଛନୀୟ ନୁହେଁ। ବେଳହୁଁ କଠୋର ପଦକ୍ଷେପ ଗ୍ରହଣ ନ କଲେ ଆଣ୍ଟିବାୟୋଟିକ ବିରୋଧିତା ଏକ ବିରାଟ ସମସ୍ୟା ରୂପେ ଉଭାହେବ। ଏ କ୍ଷେତ୍ରରେ ଦଣ୍ଡବିଧାନକୁ କଡ଼ାକଡ଼ି କରିବାକୁ ପଡ଼ିବ।

କଟକ, ମୋ: ୯୪୩୭୭୬୬୧୧୭

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ତୁଳସୀ
Holy Basil-Ocimum tenuiflorum

**ସୌଭାଗ୍ୟସୁନ୍ଦର**

ତୁଳସୀ ଭାରତୀୟ ଉପମହାଦେଶର ମୂଳଜାତ ଉଦ୍ଭିଦ ଏବଂ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ବଢ଼ିଥାଏ। ଏହା ଆମେରିକାର ଅନେକ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ମଧ୍ୟ ପ୍ରାକୃତିକୀକରଣ ହୋଇସାରିଛି। ଔଷଧୀ ତଥା ଧାର୍ମିକ ବିଶେଷତ୍ୱ ଦୃଷ୍ଟିରୁ ତୁଳସୀ ସାଧାରଣତଃ ଏକ ବହୁଆଦୃତ ଉଭିଦ। ତୁଳସୀର ଶହେରୁ ଅଧିକ ପ୍ରକାରର ଉପଜାତି ଅଛି। କିନ୍ତୁ ଦୁଇଟି ସାଧାରଣ ଉପଜାତିର ନାମ ହେଉଛି ରାମ ତୁଳସୀ, ଯାହା ଧଳା ଏବଂ ସବୁଜ ଏବଂ ଶ୍ୟାମ ତୁଳସୀ, ଯାହା ଗାଢ଼ ଗୋଲାପୀ-ବାଇଗଣୀ। ତୁଳସୀର ଅନ୍ୟ ଲୋକପ୍ରିୟ ପ୍ରକାର ହେଉଛି କୃଷ୍ଣ ତୁଳସୀ, ବଣ ତୁଳସୀ, କର୍ପୁର ତୁଳସୀ ଇତ୍ୟାଦି।

ଆୟୁର୍ବେଦ ଜଡ଼ିବୁଟିର 'ରାଣୀ' ଭାବରେ ଜଣାଶୁଣା ତୁଳସୀକୁ ସାଧାରଣତଃ ପବିତ୍ରତା, ଭକ୍ତି ଏବଂ ଅନନ୍ତ ଜୀବନର ପ୍ରତୀକ ଭାବରେ ବିବେଚନା କରାଯାଏ। ହିନ୍ଦୁ ପରମ୍ପରାରେ ତୁଳସୀ ଗଛ ଦେବୀ ତୁଳସୀ କିମ୍ବା ବୃନ୍ଦାଙ୍କ ଏକ ଭୌତିକ ଅବତାର, ଯାହାଙ୍କ ଉପସ୍ଥିତି ଆଶୀର୍ବାଦ, ଆଧ୍ୟାତ୍ମିକ ଶକ୍ତି ଓ ସୁରକ୍ଷା ପ୍ରଦାନ କରେ। ତୁଳସୀ ବାତାବରଣକୁ ପବିତ୍ର, ନକାରାତ୍ମକତାକୁ ଦୂର ଏବଂ ଉଭୟ ଶାରୀରିକ ଓ ମାନସିକ ଆରୋଗ୍ୟ ପ୍ରଦାନ କରେ। ଘରେ ପୂଜା ପାଉଥିବା ଉଭିଦ ମଧ୍ୟରେ ତୁଳସୀର ସ୍ଥାନ ସର୍ବାଗ୍ରେ। ଆୟୁର୍ବେଦ ଓ ସିଦ୍ଧ ଚିକିତ୍ସାରେ ବାହ୍ୟ ଓ ଆଭ୍ୟନ୍ତରୀଣ ଶରୀରକୁ ସଫା କରିବା ପାଇଁ ତୁଳସୀ ବ୍ୟବହାର କରାଯାଏ। ଏହା କୋଷ, ଟିସୁଗୁଡ଼ିକର ପ୍ରାକୃତିକ ସୁରକ୍ଷାକାରୀ ଭାବରେ କାର୍ଯ୍ୟ କରେ। ଏହା ବାୟୁ ପ୍ରଦୂଷକ, ଭାରୀ ଧାତୁ, ଶାରୀରିକ ଚାପ, ଇସ୍କେମିଆ (କ୍ଷୁଦ୍ର ରକ୍ତ ସଞ୍ଚାଳନ), ଥଣ୍ଡା, ଗରମ ଓ ଅତ୍ୟଧିକ ଶବ୍ଦ ଇତ୍ୟାଦି କାରଣ ଦ୍ୱାରା ସୃଷ୍ଟ ଚାପରୁ ରକ୍ଷା କରେ। ଚର୍ମ ସଂକ୍ରମଣ, କ୍ଷତ, ବ୍ରଣ, ଅନ୍ୟାନ୍ୟ ଚର୍ମ ଜ୍ୱଳନ, କାଶ, ଥଣ୍ଡା, ରକ୍ତସ୍ରାବ, ମଧୁମେହ, ଜ୍ୱର ଓ କର୍କଟ ନିବାରଣ ପାଇଁ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ତୁଳସୀ ଉତ୍ତମ ଘରୋଇ ଉପଚାର।

ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ବା ଭୂତାଣୁ ରୋଧୀ, ଆଣ୍ଟିଫଙ୍ଗାଲ୍(ପ୍ରଦାହରୋଧୀ) ଓ ଆନାଲ୍ଜେସିକ୍ (ବ୍ୟଥାନାଶକ) ଗୁଣ ରହିଛି। ଏଥିସହିତ ତୁଳସୀ ଗଛରେ ଟ୍ୟାନିନ୍, ଫ୍ଲାଭୋନଏଡ୍ସ, ୟୁଜେନୋଲ୍, ବିଟା-ଏଲିମେନ୍, ଟର୍ପେନ୍ସ, ଜର୍ମାକ୍ରେନ୍, କାରିଓଫାଇଲିନ୍, କାରଭାକ୍ରୋଲ୍, ଲିନାଲୁଲ୍, କର୍ପୁର ଓ ସିନାମିଲ୍ ଆସେଟେଟ୍ ସମେତ ବିଭିନ୍ନ ଫାଇଟୋକେମିକାଲ୍ସ ଆଦି ୬୦ ରୁ ଅଧିକ ବିଭିନ୍ନ ସୁଗନ୍ଧ ଯୁକ୍ତ ଯୌଗିକ ଜୈବ ରାସାୟନିକ ଉପାଦାନ ରହିଛି। ସ୍ୱାଦ ବୃଦ୍ଧି କରିବା ପାଇଁ ଯେକୌଣସି ଉପାଦାନରେ ତୁଳସୀ ପତ୍ର ବ୍ୟବହୃତ ହୁଏ। ତୁଳସୀ ଅତ୍ୟାବଶ୍ୟକୀୟ ତେଲର ଏକ ସାଧାରଣ ଉତ୍ସ, ଯାହା ୦.୨ ରୁ ୫.୨୨% ପର୍ଯ୍ୟନ୍ତ ଏହି ଉପକାରୀ ଉପାଦାନ ପ୍ରଦାନ କରେ। ସୁଗନ୍ଧିତ ଅତ୍ୟାବଶ୍ୟକୀୟ ତେଲ ଏବଂ ପଲିଫେନୋଲଗୁଡ଼ିକ ସ୍ୱାଦ, ସୁଗନ୍ଧ, ପ୍ରସାଧନ ସାମଗ୍ରୀ, ଆରୋମାଥେରାପି ଓ ଔଷଧ ଓ କୀଟନାଶକ ଉତ୍ପାଦନ ଶିଳ୍ପରେ ବ୍ୟବହୃତ ହୁଏ।

ଉତ୍ତର ପ୍ରଦେଶରେ ପବିତ୍ର ତୀର୍ଥକ୍ଷେତ୍ର ବୃନ୍ଦାବନ, ଓଡ଼ିଶାର କେନ୍ଦ୍ରାପଡ଼ା ବଳଦେବଜିଉ ସମେତ ଭାରତର ଅନେକ ଧାର୍ମିକ କ୍ଷେତ୍ରରେ ତୁଳସୀ ମନ୍ଦିରମାନ ଶୋଭା ପାଏ। ପ୍ରାୟତଃ ଏକ ଉତ୍ସର୍ଗୀକୃତ ଚାରିପାଖିଆ ଚଉଁରାରେ ଅଗଣାରେ, ସକାଳୁଆ ସୂର୍ଯ୍ୟ କିରଣ ପହଞ୍ଚ ଯାଗାରେ ସ୍ଥାପନା କରାଯାଏ। ଏହି ଉଭିଦଟି ଭଗବାନ ବିଷ୍ଣୁଙ୍କ ଅବତାର କୃଷ୍ଣ, ଜଗନ୍ନାଥଙ୍କ ପାଇଁ ବିଶେଷ ଭାବରେ ପବିତ୍ର; ବୈଷ୍ଣବ (ବିଷ୍ଣୁଙ୍କ ଭକ୍ତ) ମାନେ ଗଳାରେ ପବିତ୍ର ତୁଳସୀ କାଠ ମଣିର ଏକ ମାଳା ପିନ୍ଧନ୍ତି। କାର୍ତ୍ତିକ ମାସରେ ସନ୍ଧ୍ୟାରେ ଦୀପ ଜାଳିବା ସହିତ ତୁଳସୀ ଗଛ ମୂଳରେ ପୂଜା କରାଯାଏ। ହିନ୍ଦୁ ବିବାହ ଋତୁର ଆରମ୍ଭ ତୁଳସୀ ବିବାହ ନାମରେ ଜଣାଶୁଣା ଏକ ପର୍ବ ଦ୍ୱାରା ହୁଏ, ଯେଉଁଠାରେ ଘର ଓ ମନ୍ଦିରଗୁଡ଼ିକରେ ପବିତ୍ର ତୁଳସୀକୁ ବିଷ୍ଣୁଙ୍କ ସହିତ ବିବାହ କରାଯାଏ। ମୃତକଙ୍କ ଆତ୍ମାକୁ ଶାନ୍ତ କରିବା ପାଇଁ ପ୍ରାୟତଃ ତୁଳସୀ ପତ୍ର ମିଶା ଜଳ ଦିଆଯାଏ ଏବଂ ଶବଦାହରେ ସାଧାରଣତଃ ପବିତ୍ର ତୁଳସୀ ଡାଳ ଲଗାଯାଇଥାଏ, ଯାହା ଦ୍ୱାରା ମୃତକ ମୋକ୍ଷ ପାଇପାରିବେ ବୋଲି ବିଶ୍ୱାସ ରହିଛି।

ଏହା ଆର୍ଦ୍ର, ଭଲ ଜଳ ନିଷ୍କାସନ ହୋଇଥିବା ମାଟିରେ ପୂର୍ଣ୍ଣ ସୂର୍ଯ୍ୟକିରଣ ଲାଭ ଯାଗାରେ ବଢ଼ିବାକୁ ପସନ୍ଦ କରେ। ଏହା ବିଭିନ୍ନ ପ୍ରକାରର ମାଟି ଏବଂ ଅମ୍ଳତା ଅବସ୍ଥାକୁ ସହ୍ୟ କରେ, କିନ୍ତୁ ଜଳବନ୍ଦୀ ମାଟି ବିପରୀତ ପ୍ରଭାବ ପକାଏ। ଜାପାନୀ ପୋକମାନେ ପତ୍ରକୁ କଙ୍କାଳ କରି ନଷ୍ଟ କରିପାରନ୍ତି। ହାତରେ ସେଗୁଡ଼ିକୁ କାଢ଼ି ଅଲଗା କରି ଗଛକୁ ମୁକ୍ତ ରଖିବାକୁ ହେବ। ଏହାକୁ କିଛି ଅଞ୍ଚଳରେ ଏକ ଅନାବନା ତଥା ଆକ୍ରମଣକାରୀ ଜାତୀୟ ଉଭିଦ ଭାବରେ ବିବେଚନା କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ବିରୋଧୀଙ୍କ ହାତରେ...

ସୁରୁଖୁର ଭାବେ ସଂସଦ ଚଳାଇବାରେ ସହଯୋଗ କରିବା ଲାଗି ସମସ୍ତ ଦଳଙ୍କୁ ସେ ଅନୁରୋଧ କରିଛନ୍ତି। ବିରୋଧୀ ଦଳମାନଙ୍କ ସହିତ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଅସହମତିକୁ ନେଇ ଗୃହ କାର୍ଯ୍ୟରେ ବାଧା ଦେବା ଦେବା ଠିକ୍ ହେବନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ, ସମାଜବାଦୀ ନତା ରାମ ଗୋପାଳ ଯାଦବ ଏବଂ ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ କହିଲେ ଯେ ପ୍ରାୟ ସମସ୍ତ ବିରୋଧୀ ଦଳ ଏସ୍ଆଇଆର ଉପରେ ଆଲୋନା କରିବାକୁ ଦାବି କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟା ସାରିବା ଲାଗି ନିର୍ବାଚନ କମିସନ ସମୟସୀମାକୁ ଆହୁରି ୭ ଦିନ ବୃଦ୍ଧି କରିଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏସଆଇଆରକୁ ନେଇ ସବୁକିଛି ଠିକ୍ ଠାକ୍ ଚାଲିନାହିଁ। ତୃଣମୂଳ କଂଗ୍ରେସ ନେତା କଲ୍ୟାଣ ବାନାର୍ଜୀ ଉଭୟ ସରକାର ଏବଂ ନିର୍ବାଚନ କମିସନଙ୍କର ତୀବ୍ର ସମାଲୋଚନା କରି କହିଛନ୍ତି ଯେ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଏକ ଉଦବେଗଜନକ ଘଟଣା। ତେଣୁ ସଂସଦରେ ଏହା ଉପରେ ଆଲୋଚନା ହେବା ଜରୁରି। ଭୋଟର ତାଲିକାରେ ନାମ ଯୋଡ଼ିବା ଅପେକ୍ଷା ନାମ କାଟିବାରେ ବ୍ୟସ୍ତ ଅଛନ୍ତି କମିସନ୍। ଏହା ଉପରେ ଆଲୋଚନା କରିବାକୁ ସରକାର କାହିଁକି ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସଂସଦରେ ଦିଲ୍ଲୀ ବିସ୍ଫୋରଣ ଏବଂ ଭାରତର ବୈଦେଶିକ ନୀତି ଉପରେ ଆଲୋଚନା କରିବାକୁ ବିରୋଧୀ ନେତାମାନେ ଦାବି କରିଥିବା ଜଣାପଡ଼ିଛି।

ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୪ଟି ବିଲ୍ ଆଗତ କରିବାକୁ ଯୋଜନା କରିଛନ୍ତି। ଏହି ଅଧିବେଶନରେ ମାତ୍ର ୧୫ ଦିନ ବୈଠକ ହେବ।

## ଅମାନିଆ ବାବୁଙ୍କୁ...

ଅନୁପଯୁକ୍ତ ସାବ୍ୟସ୍ତ ହେବେ। ବିଭାଗୀୟ ପଦୋନ୍ନତି କମିଟି କେବଳ ସମ୍ପତ୍ତି ତାଲିକା ଦାଖଲ କରିଥିବା ସରକାରୀ ଅଧିକାରୀଙ୍କୁ ପଦୋନ୍ନତି ପାଇଁ ବିଚାରକୁ ନେବ। ଯେଉଁମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାଲିକା ପ୍ରଦାନ କରିନଥିବେ, ସେମାନଙ୍କ ପାଇଁ କୌଣସି ପଦବୀ ସଂରକ୍ଷିତ କରି ରଖାଯିବ ନାହିଁ।

ଗତ ଅକ୍ଟୋବର ୨୭ ତାରିଖରେ ମଧ୍ୟ ସାଧାରଣ ପ୍ରଶାସନ ବିଭାଗ ସମାନ ଧରଣର ନିର୍ଦ୍ଦେଶନାମା ଜାରି କରିଥିଲା। ଯେଉଁ ଅଧିକାରୀ ୨୦୨୪ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ସେମାନଙ୍କୁ ପଦୋନ୍ନତି ମିଳିବ ନାହିଁ। ସେହିପରି ୨୦୨୫ ମସିହାର ସମ୍ପତ୍ତି ତାଲିକା ଆସନ୍ତା ଜାନୁଆରୀ ୧ରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାକୁ ହେବ ବୋଲି ବିଭାଗ ନିଜ ନିର୍ଦ୍ଦେଶନାମା ଜାରି କରିଥିଲା। ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ପ୍ରଶାସନିକ ଶୃଙ୍ଖଳାକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ୨୦୨୪ ଆର୍ଥିକ ବର୍ଷ ପାଇଁ ସମ୍ପତ୍ତି ତାଲିକା ଦାଖଲ କରିବା ପାଇଁ ଆଉ କୌଣସି ସମୟସୀମା ବୃଦ୍ଧି କରାଯିବ ନାହିଁ। ଏପରିକି ଏଥିନିମିତ୍ତ ଆଉ ଏଚଆରଏମଏସ ପୋର୍ଟାଲ ଖୋଲିବ ନାହିଁ। ନିୟମ ଆଧାରରେ ଯେଉଁ କର୍ମଚାରୀ ନିଜର ସମ୍ପତ୍ତି ତାଲିକା ନିର୍ଦ୍ଧାରିତ ସମୟରେ ଦାଖଲ କରିନାହାନ୍ତି ସେମାନେ ପଦୋନ୍ନତି ପାଇଁ କୌଣସି ବିଭାଗୀୟ ପଦୋନ୍ନତି କମିଟି(ଡିପିସି) ନିକଟରେ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି ବିଭାଗ ସ୍ପଷ୍ଟ କରିଛି।

## ଆଜି ଦୌଡ଼ିବ...

ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ସେହିପରି ପୂର୍ବରୁ ଜିଲ୍ଲାସ୍ତରରେ ଅନୁଷ୍ଠିତ ହୋଇଥିବା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରତ୍ୟେକ ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ନେଇ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ସକାଳ ୧୦ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଶେଷରେ ବିତର୍କରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ।

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**ନୋଟିସ୍**

ବାରିପଦା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତାରିଖ ୨୮.୧୧.୨୦୨୫ରେ ଶପଥ ଗ୍ରହଣ କରାଯାଇଥିବା ଏକ ସତ୍ୟପାଠ (ସମୀକ୍ଷା ପତ୍ର) ମୁଁ, ସୁଶାନ୍ତି ମାଣ୍ଡି, ଠିକଣା - ଜନାର୍ଦ୍ଦନପୁର, ୱାର୍ଡ ନମ୍ବର- ୨୨, ପୋଷ୍ଟ - କଇଁଫୁଲିଆ, ଥାନା- ଭଞ୍ଜପୁର, ଜିଲ୍ଲା- ମୟୂରଭଞ୍ଜ, ପିନ୍ - ୭୫୭୧୦୭, ଓଡ଼ିଶା, ଘୋଷଣା କରୁଛି ଯେ, ମୁଁ ମୋର ନାମ ସୁଶାନ୍ତି ମାରାଣ୍ଡିରୁ ସୁଶାନ୍ତି ମାଣ୍ଡିକୁ ପରିବର୍ତ୍ତନ କରିଛି। ବର୍ତ୍ତମାନ ଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ ସୁଶାନ୍ତି ମାଣ୍ଡି ଭାବରେ ପରିଚିତ ହେବି।

ସୁଶାନ୍ତି ମାଣ୍ଡି

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.

(Firdous Quadri)

**AFFIDAVIT**

I, Sheikh Ajam Uddin, S/o-Sheikh Najim Uddin, resident of At- Panasapada, P.O - Mohiuddinpur, P.S/Dist-Jagatsinghpur, Pin-754103, Odisha declare by this affidavit No. C.N-24 -15/11/2025 that now onwards I shall be known as Sheikh Azam Uddin for all future purposes.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION,DEOGARH.**
E-mail:- serw_deogarh@yahoo.co.in

O-1607

**1st Corrigendum to TCN No.SERWDGH-Online- 08 of 2025-26 dtd.17.11.2025**

In partial modification to this office Tender Call Notice No.08/2025-26 invited this office letter no.3692 dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.

(1) Period and time of availability of the bid documents dated 30.11.2025 to 09.12.2025 up to 5.00 PM instead of dated 21.11.2025 11.00 A.M to 28.11.2025 up to 5.00 PM.

(2) Date and time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM

N.B- Other term & conditions of the TCN are remain unchanged.

Superintending Engineer
R.W. Division, Deogarh

OIPR-25087/11/0022/2526

'ସକାଳ' ଖବରକାଗଜର ୫ମ ସ୍ୱନକ୍ଷତ୍ର ଉତ୍ସବ
ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶୁଭେଚ୍ଛା ସହ :-
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ଉପାଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି., ଖୋର୍ଦ୍ଧା**
Regn. No. 95 PU Dt. 22.03.1912, RBI Licence No. RPCD/BBSR/15/2011-12, Dt. 02.02.2012
Ph.: 06755-220209/220203, Email id: khordhaccbank@gmail.com, ceo@khordhaccbank.com
ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ
୧. CBS ମାଧ୍ୟମରେ [illegible]
୨. [illegible]
୩. [illegible]
୪. [illegible]
୫. [illegible]
୬. [illegible]
୭. [illegible]
୮. [illegible]
୯. [illegible]
୧୦. [illegible]
୧୧. [illegible]
୧୨. IMPS, NEFT, RTGS, AEPS, PoS, CTS, Clearing [illegible] ATM ଓ RuPay [illegible] Micro ATM [illegible]
୧୩. Safe Deposit Locker [illegible]
୧୪. [illegible] (MSP) [illegible]
୧୫. [illegible] (Fixed Deposit) ଓ [illegible] (Saving Deposit) [illegible] (DICGC) [illegible]
ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**100+ AI Tools**
Scan to Master the Future of Technologies
ODISHA KNOWLEDGE CORPORATION LIMITED
Contact 0674-3520021 OR send 'Hi' to 7735552044
to know more about OS-CIT

**Sivananda Centenary Boys' School**
Chidanandavihar, Khandagiri, Bhubaneswar-30
Odisha's Best CBSE Residential School with a Spiritual Atmosphere
• Modern Science & Computer Labs
• Well-equipped Library & Robotic Room
• Dedicated Yoga Hall for Mind & Body Wellness
• Playground spanned over 5 Acres of in house land for All-round Development



**Sivananda Centenary Boys' School**
Chidanandavihar, Khandagiri, Bhubaneswar-30
For Admission Session 2026-27
Contact: 91244 93507 I 82491 47219 I 93480 66330 I 70083 70269






# ଧାମନଗର ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

**ଦୋବଲ, ୩୦।୧୧(ସମିସ):** ନୂତନ ପିଢ଼ିମାନଙ୍କ ମନରେ ବିଜ୍ଞାନମୂଳକ ଚେତନା, ଭାବନା ଓ ସୃଜନଶୀଳ ଚିନ୍ତାଧାରା ଗଢ଼ିଉଠିବା ଉଦ୍ଦେଶ୍ୟରେ ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ ଷେଣ୍ଢପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ ହୋଇଛି। ଏହି ପ୍ରଦର୍ଶନୀରେ ମୋଟ୍ ୧୬୦ଟି ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରିବେଶ ସୁରକ୍ଷା, ବିପଦ ପ୍ରବନ୍ଧନ, ଜଳ ସଂରକ୍ଷଣ, ନବୀକରଣ ଶକ୍ତି ଓ ପ୍ରଯୁକ୍ତି ନବୀନତା ଭଳି ବିଭିନ୍ନ ବିଷୟକୁ ନେଇ ଛାତ୍ରଛାତ୍ରୀମାନେ ନିଜର ମଡେଲ ପ୍ରସ୍ତୁତ କରିଥିଲେ। ବିଜ୍ଞାନ ମେଳାରେ ୭ଟି ଥିମ୍‌କୁ ନେଇ ପ୍ରକଳ୍ପ ପ୍ରଦର୍ଶନୀ କରାଯାଇଛି। ପ୍ରତି ଥିମ୍‌ରୁ ଗୋଟିଏ ଲେଖାଏଁ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। ତେବେ ଏନର୍ଜି ଥିମ୍‌କୁ ନେଇ ହୋଇଥିବା ପ୍ରକଳ୍ପ ଭିତରୁ ୭ଟି ମଧ୍ୟ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ବିଇଓ ପ୍ରଫୁଲ୍ଲ ସାହୁ ସୂଚନା ଦେଇଛନ୍ତି। ଏହାଛଡ଼ା ସମସ୍ତ ପ୍ରକଳ୍ପ ମଧ୍ୟରୁ ୩ଟିକୁ ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ଧାମନଗର ବ୍ଲକ ବିଜ୍ଞାନ ସଂଯୋଜକ ଅକ୍ଷୟ ହୋତାଙ୍କ ସଂଯୋଜନାରେ ଆୟୋଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ବିଡିଓ ବନବିହାରୀ ଦିନ୍ଦା, ବିଇଓ ଡ.ପ୍ରଫୁଲ୍ଲ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ ଓ ଅନ୍ୟ ଅଧିକାରୀମାନେ ଛାତ୍ରଛାତ୍ରୀଙ୍କ ପ୍ରୟାସର ବୈଜ୍ଞାନିକ ଭାବନା ଓ ପରୀକ୍ଷଣମୂଳକ ଶିକ୍ଷା ଆଜିର ପିଢ଼ିଙ୍କ ଭବିଷ୍ୟତକୁ ଦୃଢ଼ କରେ। ପ୍ରଶ୍ନ କରିବା, ଯାଞ୍ଚ କରିବା ଓ ନବମାର୍ଗ ଖୋଜିବା ଅଭ୍ୟାସ ଶିଶୁମାନଙ୍କୁ ନୂତନ ଦିଗକୁ ନେଇଯାଏ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ବିଜ୍ଞାନ ପ୍ରାଧ୍ୟାପକ ଅଭୟ ଜେନା, ସରପଞ୍ଚ ଲୋପାମୁଦ୍ରା ନାୟକ, ସମିତିସଭ୍ୟା ଗୀତାଞ୍ଜଳି ପତି, ଏବିଇଓ ଭୀମସେନ ହୋ, ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ଦାଶ ମଧ୍ୟ ଉପସ୍ଥିତ ଥିଲେ। ଶିକ୍ଷକ ସୁରେନ୍ଦ୍ର ସେଠୀ, ରୁପକ୍ ମିଶ୍ର, ହରମୋହନ ପତି, ପ୍ରଶାନ୍ତ ପରିଡ଼ା, ଅଶ୍ୱନୀ ଜେନା, ସିଆର୍‌ସି ଦେବବ୍ରତ ନାୟକ, ସମୀର ଗୋସ୍ୱାମୀ, ମନୋଜ ସିଂ, ମନ୍ମଥ ରାଉତ ଓ ଏସ୍‌ଏମ୍‌ସି ସଭାପତି ପରେଶ ମିଶ୍ର ପ୍ରଦର୍ଶନୀକୁ ସଫଳ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।





## ତ୍ୟାଗଭୂମି ମହୋତ୍ସବର ୭ମ ସନ୍ଧ୍ୟା

# ‘ଲୋକ ସଂସ୍କୃତିରୁ ଦୂରେଇଗଲେ ପରିଚୟ ସଂକଟ ସୃଷ୍ଟି ହେବ’

**ଭଦ୍ରକ, ୩୦।୧୧(ସମିସ)**




ଆଧୁନିକ କାଳରେ ଲୋକସମାଜ ଓ ଲୋକ ଜୀବନଧାରାର ଯେପରି ଦ୍ରୁତ ପରିବର୍ତ୍ତନ ପଥରେ ଗତି କରୁଛି, ତାହା ଲୋକ ସଂସ୍କୃତି ଉପରେ ପ୍ରଚଣ୍ଡ ପ୍ରହାର ପରି ମନେହେଉଛି। ବିଜ୍ଞାନର ଜୟଯାତ୍ରା ଓ ପ୍ରଯୁକ୍ତିକ ସଫଳତା ଆମର ଉନ୍ନତି ସୋପାନ ହୋଇଥିବାବେଳେ ଯେଉଁ ଲୋକ ସଂସ୍କୃତି ଆମ ପାଇଁ ସମୃଦ୍ଧ ବୁନିଆଦି ତିଆରି କରିଥିଲା, ତାହାକୁ ଉଦ୍ଧାର କରି ପରପିଢ଼ିଙ୍କୁ ପରିଚିତ କରାଇବା ମଧ୍ୟ ଆମର ଦାୟିତ୍ୱ ହେବା ଉଚିତ୍ ବୋଲି ତ୍ୟାଗଭୂମି ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଅତିଥି ମତବ୍ୟକ୍ତ କରିଛନ୍ତି। ଭଦ୍ରକ ମାଟିରେ ଆଧୁନିକ ସାହିତ୍ୟର ଆଦି ସୂତ୍ରଧର କବିଶେଖର ଚିନ୍ତାମଣି ମହାନ୍ତିଙ୍କ ନାମରେ ନାମିତ ଆଜିର ମଞ୍ଚରେ ତ୍ୟାଗଭୂମିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିଶିଷ୍ଟ ଚିକିତ୍ସକ ଡାକ୍ତର ରବୀନ୍ଦ୍ର କୁମାର ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା କୋରେଇ ବିଧାୟକ ଆକାଶ ଦାସନାୟକ, ବିଶିଷ୍ଟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ ‘ସଂସ୍କୃତି ଉଜୁଡ଼ିଗଲେ ମାନବୀୟ ପରିଚୟରେ ସଂକଟ ହେବା ସହ ଆମ ନୈତିକ ଉତ୍ସଗୁଡ଼ିକ ଦୁର୍ବଳ ହୋଇଯିବ। ଟେକ୍ନୋଲୋଜିର ସୁବିନିଯୋଗ ଓ ଲୋକସଂସ୍କୃତି ସଂରକ୍ଷଣ ଏଇ ଦୁଇଟି କଥା ଉପରେ ଧ୍ୟାନଦେଲେ ଆଧୁନିକତାର ମହତ୍ୱ ପ୍ରତିପାଦିତ ହୋଇପାରିବ’ ବୋଲି ମତପ୍ରକାଶ କରିଥିଲେ। ତ୍ୟାଗଭୂମି ପତ୍ରିକା ସମ୍ପାଦକ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ମହୋତ୍ସବର ସୁଦୀର୍ଘ ସାଂସ୍କୃତିକ ଯାତ୍ରା ସମ୍ପର୍କରେ ସୂଚନା ଦେବା ସହ ସ୍ୱାଗତ ଅଭିଭାଷଣ ଓ ବିଷୟଭିତ୍ତିକ ସୂଚନା ଦେଇଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ ମଞ୍ଚ ଆହ୍ୱାନ କରିଥିବାବେଳେ ବାଦଲ କିଶୋର ଧନ୍ୟବାଦ ଅର୍ପଣ କରିଥିଲେ। ତ୍ୟାଗଭୂମି ସମ୍ପାଦକ ଗଦାଧର ବଳ, ଅଭ୍ୟର୍ଥନା କମିଟି ସଭାପତି ଇ. ଅମ୍ବିକାବଲ୍ଲଭ ସ୍ୱାଇଁ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସଦସ୍ୟ ଅଶୋକ ଦ୍ୱିବେଦୀ, ଇଂ. ଅଖିଳ କୁମାର ପାଢ଼ୀ, ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ, ସାହିତ୍ୟିକ ଶାନ୍ତନୁ କୁମାର ରାଉତ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ପ୍ରାକ୍ତନ ଅବକାରୀ ଅଧୀକ୍ଷକ ଶ୍ରୀହର୍ଷ ସ୍ୱାଇଁ, କବି ଦେବେନ୍ଦ୍ରନାଥ ମହାଳିକ, ବସୁମିତ୍ରା ସାହୁ, କଳ୍ପନା ଜେନା, ବାବୁଲାଲ୍ ଦାସ, ଗୌରାଙ୍ଗ ବାରିକ, ଶାନ୍ତନୁ ନାୟକ, ଯୁବନେତା ସରୋଜ ରାଉତ, ପ୍ରଭାତ ପାଢ଼ୀ, ସୁମିତ୍ରା ପାଣି, ଗାନ୍ଧୀ ବାଳାଶ୍ରମ ଅଧ୍ୟକ୍ଷ ଅଶୋକ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




# ଭିଜିଲାନ୍ସ ମାମଲା: ଅର୍ଣ୍ଣପାଳ ସୋସାଇଟି ପୂର୍ବତନ ସମ୍ପାଦକଙ୍କୁ ୩ ବର୍ଷ ଜେଲ୍

**ଭଦ୍ରକ, ୩୦।୧୧(ସମିସ):** ଭଦ୍ରକ ବ୍ଲକ ଅର୍ଣ୍ଣପାଳ ସୋସାଇଟି ଅର୍ଥ ହେର୍‌ଫେର୍ ମାମଲାରେ ଶନିବାର ରାୟ ପ୍ରକାଶ ପାଇଛି। ବାଲେଶ୍ୱର ଭିଜିଲାନ୍ସ କୋର୍ଟରେ ବିଚାରପତି ଲଳିତ କୁମାର ଦାଶ ଉକ୍ତ ମାମଲାର ବିଚାର କରି ଅର୍ଣ୍ଣପାଳ ସୋସାଇଟିର ପୂର୍ବତନ ସମ୍ପାଦକ ରମେଶ ଚନ୍ଦ୍ର ସେନଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ସମେତ ୫୦ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ସେହିଭଳି ବିବିସିସି ବ୍ୟାଙ୍କ ଭଦ୍ରକ ଶାଖାର ପୂର୍ବତନ ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ବୋଇତି ଓ କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କୁ ଖଲାସ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୨୦୦୯ରେ ଭଦ୍ରକ ଜିଲ୍ଲା ବାଲିଅନ୍ତା ଗାଁର ବିମଳ କୁମାର ରାଉତ ଏକ ଟ୍ରାକ୍ଟର ନିମନ୍ତେ ଅର୍ଣ୍ଣପାଳ ସୋସାଇଟିରେ ଋଣ ଆବେଦନ କରିଥିଲେ। ଏହି ଋଣ ମଞ୍ଜୁର ହୋଇଥିଲା। ମାର୍ଜିନ ମନି ଆକାରରେ ବିମଳ ୧ ଲକ୍ଷ ୯୦ ହଜାର ଟଙ୍କା ଜମା କରିଥିଲେ। ପରେ ଋଣ ଆକାରରେ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମୋଟ୍ ୫ ଲକ୍ଷ ୯୦ ହଜାର ଟଙ୍କାକୁ କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଟ୍ରାକ୍ଟର ଶୋ’ରୁମ୍‌କୁ ଡ୍ରାଫ୍ଟ ଆକାରରେ ପଠାଇଥିଲେ। ପରେ ବିମଳଙ୍କୁ ଗାଡ଼ି ମିଳିଥିଲା। ଅଭିଯୋଗ ଅନୁଯାୟୀ, ସେହିଦିନ ଅର୍ଣ୍ଣପାଳ ସୋସାଇଟିର ଭାରପ୍ରାପ୍ତ ସମ୍ପାଦକ ରମେଶ ଚନ୍ଦ୍ର ସେନ ଠକେଇ କରି ପୁନଶ୍ଚ ୪ ଲକ୍ଷ ଟଙ୍କା ସୋସାଇଟିର ଏସ୍‌ବିଡି ଆକାଉଣ୍ଟରୁ ଫର୍ମ ପୂରଣ କରି ବ୍ୟାଙ୍କରୁ ଉଠାଣ କରିଥିଲେ। ଯାହା ବିରୋଧରେ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏତଲା ଦାୟର ହୋଇଥିଲା। ପୁଲିସ ସେହି ସମୟର ସମ୍ପାଦକ, କୋଷାଧ୍ୟକ୍ଷ ଓ ଆକାଉଣ୍ଟାଣ୍ଟଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଭିଜିଲାନ୍ସ ଅଦାଲତ ୧୩ ଜଣ ସାକ୍ଷୀ ଓ ୧୯ଟି ଦଲିଲ୍ ଦସ୍ତାବିଜ୍‌କୁ ଆଧାର କରି ଉଭୟ ପକ୍ଷର ଓକିଲଙ୍କ ଯୁକ୍ତିକୁ ବିଚାରକୁ ନେଇ ପୂର୍ବତନ ସମ୍ପାଦକଙ୍କୁ ଉକ୍ତ ଦଣ୍ଡାଦେଶ ଶୁଣାଇଥିବାବେଳେ ଅନ୍ୟ ୨ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ଏହି ମାମଲାକୁ ଆଇନଜୀବୀ ରଘୁନାଥ ପ୍ରଧାନ, ଲିଙ୍ଗରାଜ ମହାନ୍ତି, ଅରବିନ୍ଦ ବାରିକ, ଚନ୍ଦନ ସିଂହ, ଜୟନ୍ତୀ ବାରିକ, ଅର୍ଦ୍ଧେନ୍ଦୁ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ଅନ୍ୱେଷ ଗୀତା ଆବୃତ୍ତି ପାଇଁ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ



**ବନ୍ତ/ଆଗରପଡ଼ା, ୩୦।୧୧(ସମିସ):** ‘ପ୍ରଜ୍ଞାନ ମିଶନ’ ହରିହରା ନନ୍ଦ ଗୁରୁକୁଳମ୍ ପୁରୀ ତରଫରୁ ସପ୍ତମ ଓଡ଼ିଶା ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭଦ୍ରକର ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆଗରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଅନ୍ୱେଷ ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେଇଛନ୍ତି। ଅନ୍ୱେଷ ୨୦୨୩-୨୪ ବର୍ଷରେ ମଧ୍ୟ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପରମପୂଜ୍ୟ ଗଜପତି ମହାରାଜା ଓ ପ୍ରଜ୍ଞାନ ବାବାଙ୍କ ନିକଟରୁ ପୁରସ୍କୃତ ହୋଇ ଆଶୀର୍ବାଦ ଲାଭ କରିଥିଲେ। ଅନ୍ୱେଷ ଜଣେ ମେଧାବୀ ଛାତ୍ର ଅଟନ୍ତି। ପୁରୁଷୋତ୍ତମ ଗ୍ରାମ ନିବାସୀ ଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳ ଓ ମଳୟ ମଞ୍ଜରୀ ବିଶ୍ୱାଳଙ୍କ ପୁତ୍ର ଅଟନ୍ତି ଅନ୍ୱେଷ। ତାଙ୍କର ଏହି ସଫଳତାରେ ପିତାମାତା, ପରିବାରର ସମସ୍ତ ସଦସ୍ୟ, ଗୁରୁଜୀ, ଗୁରୁମା’, ବନ୍ଧୁବାନ୍ଧବ, ଶୁଭେଚ୍ଛୁ ଖୁସିବ୍ୟକ୍ତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସିଲେଇ କେନ୍ଦ୍ର ଉଦ୍‌ଘାଟିତ

**ବାରିକପୁର, ୩୦।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମହିଳା ଉତ୍ପାଦକ ଗୋଷ୍ଠୀର ସିଲେଇ ମେସିନ୍ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସାଂସଦଙ୍କ ସମେତ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଅତିରିକ୍ତ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଧନେଶ୍ୱର ଟୁଡୁ, ମିଶନ ଶକ୍ତି ଜିଲ୍ଲା ସଂଯୋଜକ ଅଭିକ ନାରିନ୍ ଯୋଗଦେଇ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ସଂଘମିତ୍ରା ପଣ୍ଡା, ମିଶନ ଶକ୍ତିର ବନିତା ଦଳେଇ, କାଞ୍ଚନ ମଲ୍ଲିକ, ସୀମାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ମିଶନ ଶକ୍ତି ଅଧିକାରୀ ଶ୍ରୀକାନ୍ତ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଦକ୍ଷିଣବାଡ଼ ପିଜି ଗ୍ରୁପ୍‌ର ସଭାନେତ୍ରୀ ନମିତା ଭାରତୀ, ଅର୍ଚ୍ଚନା ଜେନା, ମିନାକ୍ଷୀ ଜେନା, ମମତା ଦାସ, ଭାରତୀ ସିଂ, ସନ୍ଧ୍ୟାରାଣୀ ଦାସ, କୁନ୍ତଳା ପଣ୍ଡା, ରୋଜାଲିନ୍ ସ୍ୱାଇଁ, ଭାରତୀ ରଣା ପ୍ରମୁଖ ପରିଚାଳନା କରିଥିଲେ।

# ବେଧଡ଼କ ଚାଲିଛି ବାଲି ଉତ୍ତୋଳନ; ଖଣି ବିଭାଗ ଚୁପ୍


**ଅସୁରାଳି, ୩୦।୧୧(ସମିସ):** ଅର୍ଜୁନପୁର ପଞ୍ଚାୟତ ଅଧୀନ ବାଲିପାଟଣା ତରେଇସାହି କୋଚିଲା ନଦୀର ବ୍ରିଜ୍ ତଳେ ଦିନରାତି ବେଆଇନ ବାଲି ଉଠା ଚାଲିଛି। ଜେସିବି ଲଗାଇ ଶହଶହ ଟ୍ରାକ୍ଟର ଯୋଗେ ଚୋରା ବାଲି ଚାଲାଣ କରାଯାଉଥିବାରୁ ଏହି ଅଞ୍ଚଳରେ ଲୋକଙ୍କ ଜୀବନ ଦୁର୍ଭାଗ୍ୟରେ ପଡ଼ିଛି। ଏହା ଛଡ଼ା ହସନାବାଦ ପଞ୍ଚାୟତ ଅଧୀନରେ ଲୋକନାଥପୁର ନିକଟରେ କୋଚିଲା ନଦୀର ବାମପାର୍ଶ୍ୱରେ ଦିନରାତି ବାଲି ଉଠା ଚାଲିଛି ଓ ବାଲି ଚାଲାଣ ସମୟରେ ରାସ୍ତାରେ ଧୂଳି ଉଡ଼ି ଯାତ୍ରୀଙ୍କ ଯାତାୟାତ ଅସମ୍ଭବ ହୋଇପଡୁଛି। ବାଟରେ ଯାଉଥିବା ଯାତ୍ରୀଙ୍କଠାରୁ ଆରମ୍ଭ କରି ଗୃହପାଳିତ ପଶୁ ଯାଏଁ ସମସ୍ତେ ହଇରାଣ ହେଉଛନ୍ତି। ଧୂଳିରେ ଦୃଶ୍ୟାବଳୀ ଅସ୍ପଷ୍ଟ ହେବାରୁ ବିଭିନ୍ନ ଛୋଟମୋଟ ଦୁର୍ଘଟଣା ଘଟୁଛି। କେବଳ ସେତିକି ନୁହେଁ ବେଆଇନ ବାଲି ଉଠାରୁ କୋଚିଲା ନଦୀର ପଥ ପରିବର୍ତ୍ତନ ହୋଇ ପରିବେଶୀୟ ସମସ୍ୟା ସୃଷ୍ଟି ହୋଇଛି। ପୁଣି ବାଲି ଗଚ୍ଛିତ ରଖି ଅନବରତ ଭାବେ ବାଲିଉଠା ଚାଲିଛି ଓ ବାରମ୍ବାର ଲୋକେ ଏହି ବେଆଇନ ବାଲି ଚାଲାଣ ଉପରେ ଅବଗତ କରାଇଲେ ମଧ୍ୟ ପ୍ରଶାସନ ଚୁପ୍ ହୋଇ ବସିଛି। ଏ ନେଇ ତହସିଲ୍‌ଦାର ସାଇ ଲୋକନାଥ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କ ସହ ଯୋଗାଯୋଗ କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।











## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମେଧାବୀ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଯୋଡ଼ା, ୩୦।୧୧ (ସମିସ):** ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ ପାରିପାର୍ଶ୍ୱିକ ଅଞ୍ଚଳର ସ୍କୁଲଗୁଡ଼ିକର ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ମେଧାବୀ ମାଟ୍ରିକ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହାସହ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ତାଲିମ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜିନ୍ଦଲନଗର ମୁଭି ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ



ହେଡ୍ ପୁରୁଷୋତ୍ତମ ଏମ୍‌ଡି, ଯୋଡ଼ା ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା, ଯୋଡ଼ା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବିରଞ୍ଚି ନାରାୟଣ ଶତପଥୀ, ଦେଓଝର ସରପଞ୍ଚ ଧ୍ରୁବଚରଣ ନାଏକ, ପଞ୍ଚାୟତସମିତି ସଭ୍ୟ ଲକ୍ଷ୍ମୀ ମୁଣ୍ଡା, ଜିନ୍ଦଲ ଷ୍ଟିଲ-ବିକେଟିଆର ସିଏସଆର ମୁଖ୍ୟ ଉର୍ଜିଲ ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ଆଖପାଖ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ। ଧବଳେଶ୍ୱର ହାଇସ୍କୁଲର ୯ ଓ ବିଲେଇପଦା ହାଇସ୍କୁଲର ୨୭ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ତାଲିମ କାର୍ଯ୍ୟକ୍ରମରେ ୪୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ନିରନ୍ତର ଭାବେ ଚାଲିଛି। ପାରିପାର୍ଶ୍ୱିକ ସ୍କୁଲଗୁଡ଼ିକରେ ଶିକ୍ଷକ-ଛାତ୍ରଛାତ୍ରୀ ଅନୁପାତରେ ସନ୍ତୁଳନ ରଖିବା ପାଇଁ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି। ଡ୍ରପ ଆଉଟ ରୋକିବା ପାଇଁ ଫାଉଣ୍ଡେସନ ପକ୍ଷରୁ ଗ୍ରାମାଞ୍ଚଳରେ ସଚେତନତା ପଦକ୍ଷେପ ନିଆଯାଉଛି। ଏହା ସହିତ ଆବଶ୍ୟକତା ଅନୁସାରେ ସ୍କୁଲର ଭିତ୍ତିଭୂମି ନିର୍ମାଣ ସହ ଶିକ୍ଷା ଓ ଶିକ୍ଷଣ ସାମଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି। ମହିଳା ଶିକ୍ଷା ଓ ଦକ୍ଷତା ବିକାଶକୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହିତ କରାଯାଉଛି। ୨୦୨୨ରୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଥିବା 'ଯଶସ୍ୱୀ' କାର୍ଯ୍ୟକ୍ରମ ଦ୍ୱାରା ଆର୍ଥିକ ଅନଗ୍ରସର ଛାତ୍ରୀ ଓ ମହିଳାମାନଙ୍କୁ ଶିକ୍ଷା ତଥା ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।

## କଣ୍ଟିପାଳ କୁଆମରା ହୁଡ଼ିରୁ ବେଆଇନ ପଥର ଚାଲାଣ

**ଆନନ୍ଦପୁର, ୩୦।୧୧ (ସମିସ):** ଆନନ୍ଦପୁର ତହସିଲ ଇଲାକାର କଣ୍ଟିପାଳ ରାଜସ୍ୱ ସର୍କଲରେ ସକ୍ରିୟ ହୋଇଉଠିଛନ୍ତି ପଥର ମାଫିଆ। ସଞ୍ଜ ନଇଁଲେ ପଥର ଚୋରି କରିବା ପାଇଁ ମାଫିଆଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଉଛି। ପଥର ଚାଲାଣ ଗାଡ଼ିଗୁଡିକ ବେପରୁଆ ଭାବେ ଯାତାୟାତ କରୁଥିବାରୁ ରାସ୍ତାରେ ସାଧାରଣ ଲୋକ ଚଳାଚଳ କରିବା କଷ୍ଟକର ହୋଇପଡିଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଆନନ୍ଦପୁର ତହସିଲ ଅଧୀନ କଣ୍ଟିପାଳ ପାହାଡ଼ ଏବେ ମାଫି ମାଫିଆଙ୍କ ଟାର୍ଗେଟ୍‌ରେ ରହିଛି। ପାହାଡ଼ରେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଇ ରାତିରେ ପଥର ଚୋରି କରାଯାଉଛି। ଟ୍ରାକ୍ଟର ଯୋଗେ ବିଭିନ୍ନ ସ୍ଥାନକୁ ଟ୍ରିପ୍ ଟ୍ରିପ୍ ପଥର ଚାଲାଣ କରାଯାଉଛି। ଗାଁ ରାସ୍ତାରେ ବହୁ ସଂଖ୍ୟାରେ ପଥର ବୋଝେଇ ଟ୍ରାକ୍ଟର ଦ୍ରୁତଗତିରେ ଚଳାଚଳ କରୁଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ବାରୁଆଁରେ ଏକ ପଥର ଖାଦାନକୁ ଲିଜ୍ ଦିଆଯାଇଛି ହେଲେ ସେଠାରୁ ପଥର ଖନନ ହେଉନାହିଁ। ବାରୁଆଁ ନିଲାମ ଆଳରେ କଣ୍ଟିପାଳ ଓ କୁଆମରାପାହାଡ଼ରୁ ପଥର ଚୋରି କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ, ଏ ସମ୍ପର୍କରେ କଣ୍ଟିପାଳ ଆର୍‌ଆଇ ସଂଜୟ ପେରେଇଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।





## ଓଡ଼ିଆ ପୁଅ ଅଜିତ୍ ମହାରାଷ୍ଟ୍ରରେ ସମ୍ମାନିତ




**ହାଟଡିହୀ, ୩୦।୧୧ (ସମିସ):** ହାଟଡିହୀ ବ୍ଲକ ବଡରମ୍ପାସ ପଞ୍ଚାୟତ ଅଧୀନ ନୂଆରମ୍ପାସ ଗ୍ରାମର ଅଜିତ କୁମାର ସେନାପତିଙ୍କୁ ମହାରାଷ୍ଟ୍ରସ୍ଥିତ ନାଭି ମୁମ୍ବାଇଠାରେ ଥିବା ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କେନେଡ଼ି ଦ୍ୱାରା ଅନୁଷ୍ଠିତ ମହାସମାବର୍ତ୍ତନ ଉତ୍ସବରେ ସମାଜସେବା ଦର୍ଶନ କ୍ଷେତ୍ରରେ ଡକ୍ଟରେଟ୍ ଡ଼ିଗ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ମହାମାରୀ କୋରନା (କୋଭିଡ୍) ସମୟରେ ଅଜିତ୍ ହାଇଦ୍ରାବାଦରେ ରହି ଅନେକ ପ୍ରବାସୀ ଓଡ଼ିଆଙ୍କୁ ସାହାଯ୍ୟ କରିଥିଲେ। ଗତ ୨୦ ବର୍ଷ ଧରି ସେ ତେଲଙ୍ଗାନାରେ ରହି ସାମାଜିକ ଓ ରାଜନୀତିକ କାର୍ଯ୍ୟ ଜାରି ରଖିଥିବା ବେଳେ ଏବେ ଶ୍ରୀଲିଙ୍ଗାପାଲି ବିଧାନସଭାରୁ ଆଶାୟୀ ପ୍ରାର୍ଥୀ ଅଛନ୍ତି। ଅଜିତଙ୍କର ଏହି ସଫଳତାକୁ ନେଇ ପରିବାର, ଗ୍ରାମବାସୀ, ବନ୍ଧୁ ପ୍ରିୟଜନ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି।

## ବଡ଼ବିଲ ପୁଲିସର ଜନସମ୍ପର୍କ ମେଳା ଓ ସ୍ୱାସ୍ଥ୍ୟସେବା

**ବଡ଼ବିଲ, ୩୦।୧୧ (ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ସେରେଣ୍ଡା ପଞ୍ଚାୟତ କାଶିଆ ଗ୍ରାମରେ ବଡ଼ବିଲ ପୁଲିସ୍ ପକ୍ଷରୁ ଜନସମ୍ପର୍କ ମେଳା ଓ ମାଗଣା ସ୍ୱାସ୍ଥ୍ୟସେବା ଶିବିର କାଶିଆ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆ ଓ ବଡ଼ବିଲ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ଼ାକ୍ତର ସୌଭାଗ୍ୟ ରଶ୍ମି ରଞ୍ଜନ ସାମଲ ଉଦ୍‌ଘାଟନ କରିଥିଲେ। ସମାରୋହରେ ଶତାଧିକ ସଂଖ୍ୟାରେ ଗ୍ରାମବାସୀ ସାମିଲ ହୋଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ କମ୍ବଳ, ଜଳଖିଆ ଓ ପାନୀୟଜଳ ବଣ୍ଟନର ସୁବିଧା ନେଇଥିଲେ। ସେହିପରି ସ୍କୁଲ ପିଲାଙ୍କୁ ଖାତା ବହି ଓ ପେନ୍ସିଲ୍ କଲମ ପ୍ରଦାନ୍ କରଯାଇଛି। ଏହି କାର୍ଯ୍ୟକ୍ରମକୁ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ନିର୍ଦ୍ଦେଶକ୍ରମେ ବଡ଼ବିଲ ଥାନାଧିକାରୀ ଅଶୋକ ନାୟକଙ୍କ ତତ୍ତ୍ୱାବଧାନରେ ଅୟୋଜନ କରାଯାଇଥିଲା। ଏସଆଇ ବରଦା ପ୍ରସନ୍ନ ସାହୁ, ଶ୍ରୀ ରାଉଳ, ଶ୍ରୀ ପଟେଲ, ଶ୍ରୀମତୀ କାରିଏଲି, ଅମିତ୍ ମହାରଣା ଓ ବଡ଼ବିଲ ଥାନାର



ସମସ୍ତ ପୁଲିସ୍ କର୍ମଚାରୀଙ୍କ ସହଯୋଗରେ ଅୟୋଜନ କରାଯାଇଥିଲା। ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ ସୌଭାଗ୍ୟ ରଶ୍ମିରଞ୍ଜନ ସାମଲଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଔଷଧ ବଣ୍ଟନ କରିଥିଲେ। ବଡ଼ବିଲ ପୌରନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ସିରିଗିଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରକ୍ତଦାନ ମହୋତ୍ସବ


**ତେଲକୋଇ, ୩୦।୧୧ (ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ସିରିଗିଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡରିବନ କ୍ଲବ ତରଫରୁ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ମାର୍ଗଦର୍ଶକ ନରେନ୍ଦ୍ର ଶତପଥୀଙ୍କ ସଂଯୋଜନାରେ ଏକ ରକ୍ତଦାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଚାରିଗଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ତପନ ପଣ୍ଡା, ସିରିଗିଡ଼ା ପ୍ରାଥମିକ ଚିକିତ୍ସାଳୟର ଅଧିକାରୀ ଡାକ୍ତର ନକୁଳଚନ୍ଦ୍ର ବିଶ୍ୱାଳ, ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ପରିଚାଳକ ଫଣିଭୂଷଣ ବେହେରା, ସ୍ଥାନୀୟ ସରପଞ୍ଚ ମୋହନ ଚରଣ ନାଏକ ଓ ସଂପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ହରିହର ପତି ମିଳିତ ଭାବେ ଉଦଘାଟନ କରିଥିଲେ। ଉକ୍ତ ମହୋତ୍ସବରେ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ, ପୁରାତନ ଛାତ୍ରଛାତ୍ରୀ ତଥା ଏହି ଅଞ୍ଚଳର ଶୁଭେଚ୍ଛୁଙ୍କ ମିଳିତ ପ୍ରୟାସରେ ମୋଟ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇପାରିଛି। ଏହାର ସଫଳତା ପାଇଁ ଓଡ଼ିଶା ରାଜ୍ୟ ରକ୍ତଦାତା ମହାସଂଘର କାର୍ଯ୍ୟକାରୀ ସଭାପତି ତଥା କୋରାପୁଟ ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ଅଧ୍ୟାପକ ଡ ନରେଶଚନ୍ଦ୍ର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ସାହୁ, କେନ୍ଦୁଝର ଜିଲ୍ଲା ରକ୍ତଦାତା ପରିବାରର ପ୍ରତିଷ୍ଠାତା ତଥା ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ଅଧ୍ୟାପକ ହିମାଂଶୁ




ଶେଖର ମହାନ୍ତ ଏବଂ ଓଡ଼ିଶା ରାଜ୍ୟ ରକ୍ତଦାତା ମହାସଂଘର ଜିଲ୍ଲା ସଂଯୋଜକ ତଥା ଭିମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ମାର୍ଗଦର୍ଶକ ଅଧ୍ୟାପକ ସନ୍ତୋଷ ସେନାପତି ନିୟମିତ ଆଭାସୀ ବୈଠକ ମାଧ୍ୟମରେ ରକ୍ତଦାନ ନିମନ୍ତେ ଉତ୍ସାହିତ କରାଇଥିଲେ। ଗ୍ରାମବାସୀ, ଅଞ୍ଚଳବାସୀ, ପୁରାତନ ଛାତ୍ରଛାତ୍ରୀ, ମହାବୀରଗଡ଼ ମହାବିଦ୍ୟାଳୟ ତଥା ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରଛାତ୍ରୀ, ଅଧ୍ୟାପକ, ତେଲକୋଇ କଲେଜର ଛାତ୍ରଛାତ୍ରୀ, ଗୋଳାବନ୍ଧ ହାୟର ସେକାଣ୍ଡାରୀ ସ୍କୁଲ, ଖମାର କଲେଜ ଛାତ୍ରଛାତ୍ରୀ, ସୁଦୂର ଦେବଗଡ କଲେଜ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ସ୍ୱେଚ୍ଛାସେବୀ, ଅଧ୍ୟାପକଅଧ୍ୟାପିକା ତଥା କର୍ମଚାରୀ ଅଂଶଗ୍ରହଣ କରିଥିଲେ।







**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୯୫ • ପାଉଣ୍ଡ ୧୧୮.୮୭
- ୟୁରୋ ୧୦୩.୧୮ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୮୫,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୦୬.୦୦
- ନିଫ୍ଟି ୨୬,୨୦୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ମଣିଷର ଭବିଷ୍ୟତକୁ ଚୂରମାର କରିଦେବ ଏଆଇ

**ଆମାଜନ ସିଇଓଙ୍କୁ ଚିଠି ଲେଖି ଚେତାବନୀ ଦେଲେ ହଜାର ହଜାର କର୍ମଚାରୀ**

ୱାଶିଂଟନ୍, ୩୦।୧୧(ଏଜେନ୍ସି): ଶେଷରେ ସତ ହେବାକୁ ଯାଉଛି ବୈଜ୍ଞାନିକଙ୍କ ଭବିଷ୍ୟବାଣୀ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମଣିଷ ସମାଜ ପାଇଁବଡ଼ ବିପଦ। ମଣିଷକୁ ନିଜ ଆୟତ୍ତରେ ରଖି ଆଙ୍ଗୁଳିରେ ନଚାଇବ ଏଆଇ। ଦିନେ ଏଆଇକୁ ନେଇ ଗଡଫାଦର ଦେଇଥିବା ଚେତାବନୀ ଏବେ ସତ ହେବାକୁ ଯାଉଛି। ଏଆଇ ମାନବତାର ଭବିଷ୍ୟତକୁ ଚୁରମାର କରିଦେବ। ଏପରି ଅଭିଯୋଗ ଆଣିଛନ୍ତି ବିଶ୍ୱର ପ୍ରମୁଖ ଟେକ୍ କମ୍ପାନୀ ଆମାଜନ୍‌ର ହଜାର ହଜାର କର୍ମଚାରୀ। ଆମାଜନ୍ କର୍ମଚାରୀ ମିଳିତ ଭାବରେ ସିଇଓ ଆଣ୍ଡି ଜାସିଙ୍କୁ ଖୋଲା ଚିଠି ଲେଖିଛନ୍ତି। ଏମାନେ ହେଉଛନ୍ତି ସେହି କର୍ମଚାରୀ ଯିଏ ପ୍ରତିଦିନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସିଷ୍ଟମକୁ ପରିଚାଳନା କରନ୍ତି। କିନ୍ତୁ କର୍ମଚାରୀମାନେ ଏଆଇ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ଯାହାକୁ ନେଇ ଟେକ୍ ଶିଳ୍ପରେ ହଇଚଇ।

ସିଇଓ ଆଣ୍ଡି ଜାସିକୁ ଏହି ଖୋଲା ଚିଠିରେ, ଆମାଜନ୍ କର୍ମଚାରୀମାନେ ଲେଖିଛନ୍ତି ଯେ ଏଆଇ ଯେଉଁ ଗତିରେ ଆଗକୁ ବଢୁଛି ତାହା କେବଳ ମେସିନକୁ ନୁହେଁ ବରଂ ମାନବତାର ଭବିଷ୍ୟତକୁ ମଧ୍ୟ ଚୁରମାର କରିପାରେ। ସେମାନେ କହିଛନ୍ତି ଯେ ଯଦି ଏହି ଅନିୟନ୍ତ୍ରିତ ଏଆଇ ରେସକୁ ଏବେ ବନ୍ଦ କରା ନ ଯାଏ, ତେବେ ପରିଣାମ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ତାହା ଚାକିରି, ଗଣତନ୍ତ୍ର କିମ୍ବା ଆମ ଗ୍ରହର ଭବିଷ୍ୟତ ପାଇଁ ହେଉ। ଯଦି ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଏଆଇ କାଲିକୁ ମଣିଷକୁ ଗିଳିଦେବ। ଏହି ଖୋଲା ଚିଠିରେ ହଜାରରୁ ଅଧିକ କର୍ମଚାରୀ ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଇଞ୍ଜିନିୟର, ପ୍ରଡକ୍ଟ ମ୍ୟାନେଜମେଣ୍ଟ, ଗୋଦାମ କର୍ମଚାରୀ ଏବଂ ଏଆଇ ସିଷ୍ଟମରେ କାମ କରୁଥିବା ବୈଷୟିକ ବିଶେଷଜ୍ଞ ମଧ୍ୟ ସାମିଲ ଅଛନ୍ତି।

କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ କମ୍ପାନୀ ଏଆଇ ରେସରେ ଆଗକୁ ବଢ଼ିବା ପାଇଁ ଏହା ମାନବ କର୍ମଚାରୀଙ୍କ ମଙ୍ଗଳକୁ ଅଣଦେଖା କରୁଛି। ଚିଠିରେ ଦାବି କରାଯାଇଛି ଯେ ଅମାଜନ୍‌ର ଏଆଇ ଡାଟା ସେଣ୍ଟରଗୁଡ଼ିକ ଅତ୍ୟଧିକ ପରିମାଣର ପାଣି ଏବଂ ଶକ୍ତି ବ୍ୟବହାର କରିବ, ଯାହା ପରିବେଶ ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିବ। କର୍ମଚାରୀମାନେ ଏହା ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି ଯେ କମ୍ପାନୀର ଏଆଇର ବର୍ଦ୍ଧିତ ବ୍ୟବହାର ଚାକିରି ସୁରକ୍ଷାକୁ ଦୁର୍ବଳ କରିଛି, କର୍ମଚାରୀଙ୍କ କାର୍ଯ୍ୟଭାର ବୃଦ୍ଧି କରିଛି ଏବଂ କାର୍ଯ୍ୟକ୍ଷେତ୍ରରେ ନଜର ରଖିଛି। ସେମାନଙ୍କ ଅନୁଯାୟୀ, ଏହି ପରିବର୍ତ୍ତନଗୁଡ଼ିକ କେବଳ ମାନସିକ ଚାପ ବୃଦ୍ଧି କରୁନାହିଁ ବରଂ ଆମାଜନ୍‌ର ଦୀର୍ଘକାଳୀନ ମୂଲ୍ୟବୋଧକୁ ମଧ୍ୟ ବିରୋଧ କରୁଛି।

# ବିକ୍ରି ହେବ ଟ୍ରମ୍ପଙ୍କ ପିଲାଦିନର ଘର

ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବର୍ତ୍ତମାନ ସାରା ବିଶ୍ୱରେ ଟାରିଫ୍ ବା ବାଣିଜ୍ୟ ଶୁଳ୍କ ପାଇଁ ବେଶ ଚର୍ଚ୍ଚାରେ ରହିଛନ୍ତି। ଏବେ ଆଉ ଏକ ଖବର ପାଇଁ ଟ୍ରମ୍ପ୍‌ଙ୍କୁ ନେଇ ଚର୍ଚ୍ଚା। ତାହା ହେଉଛି ଏବେ ଟ୍ରମ୍ପ୍‌ଙ୍କ ପିଲାଦିନର ଘର ପୁଣି ଥରେ ବିକ୍ରି ହେବାକୁ ଯାଉଛି। ଏହା ନ୍ୟୁୟର୍କର କୁଇନ୍ସରେ ଅବସ୍ଥିତ। ନ୍ୟୁୟର୍କ ଟାଇମ୍ସ ଅନୁଯାୟୀ, ଘରଟି ୨.୩ ନିୟୁତ ଡଲାର (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟରେ ନିର୍ମିତ। ଘରଟିର ନବୀକରଣ କରାଯାଇଛି। ଏହି ଟୁଡୋର-ଶୈଳୀର ଘରଟି ୧୯୪୦ ମସିହାରେ ଟ୍ରମ୍ପଙ୍କ ପିତା ରିଅଲ୍ ଇଷ୍ଟେଟ୍ ଡେଭଲପର ଫ୍ରେଡ୍ ଟ୍ରମ୍ପ୍‌ଙ୍କ ଦ୍ୱାରା ନିର୍ମିତ। ଏହା କୁଇନ୍ସର ପଶ ଜାମାଇକା ଇଷ୍ଟେଟ୍ସ ନିକଟରେ ଅବସ୍ଥିତ। ଟ୍ରମ୍ପ୍ ଚାରି ବର୍ଷ ବୟସ ପର୍ଯ୍ୟନ୍ତ ଏହି ଘରେ ରହୁଥିଲେ, ତା'ପରେ ତାଙ୍କ ପରିବାର ପାଖରେ ଥିବା ଏକ ବଡ଼ ବଙ୍ଗଳାକୁ ଚାଲିଯାଇଥିଲେ।

ରିଅଲ୍ ଇଷ୍ଟେଟ୍ ଡେଭଲପର ଟମି ଲିନ୍ ମାର୍ଚ୍ଚ ମାସରେ ୮୩୫,୦୦୦ ଡଲାରରେ ଘରଟି କିଣିଥିଲେ। ସେ ତୁରନ୍ତ ମରାମତି କରିଥିଲେ, ଯାହାର ଖର୍ଚ୍ଚ ପ୍ରାୟ ୫୦୦,୦୦୦ ଡଲାର ଥିଲା। ଲିନ୍ କହିଥିଲେ ଯେ ସେହି ସମୟରେ ଘରଟି ବାସଯୋଗ୍ୟ ନ ଥିଲା। ସେସଥିରେ ପାଣି ଏବଂ ବିଦ୍ୟୁତ୍ ସମସ୍ୟା ସହ ଫଟା ପାଇପ୍ ଥିଲା। ଗୋଟିଏ ସମୟରେ, ଏହା ଜଙ୍ଗଲୀ ବିଲେଇମାନଙ୍କ ବାସସ୍ଥଳ ପାଲଟିଥିଲା। ପ୍ରାୟ ୨୫୦୦ ବର୍ଗଫୁଟ ପରିମିତ ଏହି ଘରଟିର ବର୍ତ୍ତମାନ ସମ୍ପୂର୍ଣ୍ଣ ନବୀକରଣ କରାଯାଇଛି। ଏଥିରେ ୫ଟି ଶୟନ କକ୍ଷ, ତିନୋଟି ପୂର୍ଣ୍ଣ ସ୍ନାନାଗାର, ଦୁଇଟି ଛୋଟ ଶୌଚାଳୟ ଏବଂ ଏକ ବେସମେଣ୍ଟ ଏବଂ ଏକ ପୃଥକ ଦୁଇ-କାର ଗ୍ୟାରେଜ ଅଛି। ଏହି ଘରେ ଆଧୁନିକ ଏବଂ ବିଳାସପୂର୍ଣ୍ଣ ଅପଡେଟ୍ ସୁବିଧା ରହିଛି, ଯେପରିକି ହେରିଂବୋନ୍-ପାର୍ଟର୍ଣ୍ଣ କାଠ ମହଲା ଏବଂ ଏକ ଉଚ୍ଚମାନର ରୋଷେଇ ଘର।




# ବକ୍ସାଇଟ୍ ଓଡ଼ିଶାର ଅଭିବୃଦ୍ଧିକୁ ଶକ୍ତିଶାଳୀ କରିପାରିବ

ଭୁବନେଶ୍ୱର,୩୦।୧୧(ସମିସ): ଓଡ଼ିଶାର ଅଭିବୃଦ୍ଧିର ଏହି ପରବର୍ତ୍ତୀ ଅଧ୍ୟାୟର କେନ୍ଦ୍ରବିନ୍ଦୁ ହେଉଛି ଆଲୁମିନିୟମ୍ ଏବଂ ଏହି ସୁଯୋଗର କେନ୍ଦ୍ରବିନ୍ଦୁରେ ଓଡ଼ିଶା ଅବସ୍ଥିତ। ଭାରତର ବକ୍ସାଇଟ୍ ସଂରକ୍ଷଣର ୫୯% ଓଡ଼ିଶାରେ ରହିଛି, ଯାହା ଏହାକୁ ଆଲୁମିନିୟମ୍ ଉତ୍ପାଦନ ପାଇଁ କଂଚାମାଲ ସୁରକ୍ଷିତ କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କରିଛି। ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆଲୁମିନିୟମ୍ ଭିଜନ୍ ଡକ୍ୟୁମେଂଟ ଅନୁଯାୟୀ, ୨୦୪୭ ସୁଦ୍ଧା ଭାରତର ଆଲୁମିନିୟମ୍ ଚାହିଦା ୬ ଗୁଣ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ବାର୍ଷିକ ୪.୫ ନିୟୁତ ଟନ୍‌ରୁ ୩୭ ନିୟୁତ ଟନ୍ ଉତ୍ପାଦନକୁ ବୃଦ୍ଧି କରିବ, ଓଡ଼ିଶାର ଭୂମିକା ଅପରିହାର୍ଯ୍ୟ ହୋଇପଡ଼େ। କଳାହାଣ୍ଡି ଭଳି ପ୍ରମୁଖ ବକ୍ସାଇଟ୍ ବେଲ୍ଟଗୁଡ଼ିକ ଏହି କ୍ଷମତାର ଏକ ବଡ଼ ଅଂଶକୁ ଅନଲକ୍ କରିବାର ସମ୍ଭାବନା ରଖେ, ଏହି ଅଞ୍ଚଳକୁ ଭାରତର ଆଲୁମିନିୟମ୍ ପ୍ରସାରଣରେ ଏକ ପ୍ରମୁଖ ଯୋଗଦାନକାରୀ ଭାବରେ ସ୍ଥାନିତ କରୁଛି। ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ବକ୍ସାଇଟ୍ ଖଣି ଏବଂ ଆଲୁମିନିୟମ୍ ଉତ୍ପାଦନ ସହିତ ଜଡିତ ଆର୍ଥିକ ସୁଯୋଗ ଯଥେଷ୍ଟ। ଏହାର ଶିଳ୍ପ ଗୁରୁତ୍ୱ ବ୍ୟତୀତ, ଆଲୁମିନିୟମ୍ ଦେଶର ସବୁଠାରୁ ଶକ୍ତିଶାଳୀ ନିଯୁକ୍ତି ଗୁଣକ ମଧ୍ୟରୁ ଗୋଟିଏ। ବିଶ୍ୱ ସ୍ତରରେ ଆଲୁମିନିୟମ୍ ଚାହିଦା ବୃଦ୍ଧି ପାଉଥିବାରୁ, ଓଡ଼ିଶାକୁ ଏହାର ନୀତିଗତ ପରିବେଶକୁ ସୁଗମ କରିବା ପାଇଁ ଅଧିକ ଜରୁରୀ ହୋଇପଡ଼ିଛି।

# ମଣିପାଲ ହସ୍ପିଟାଲ୍‌ରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' କାର୍ଯ୍ୟକ୍ରମ


ଭୁବନେଶ୍ୱର, ୩୦।୧୧: ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଆଇଜି ପାର୍କ ଠାରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ ' ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବୟସ୍କ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେନ୍ ଫୋରମର ୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ। ସେମାନଙ୍କୁ ଯାତାୟତ କରିବାରେ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ବିଶେଷ ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେଚତନ କାର୍ଯ୍ୟକ୍ରମ ଯୋଗ ଓ ଆସନ ଠାରୁ ଆରମ୍ଭ ହୋଇଥିଲା, ଯାହାକି ବୟସ୍କ ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଶାରୀରିକ ଫିଟ୍‌ନେସ୍‌କୁ ଧ୍ୟାନରେ ରଖି ଡାକ୍ତରଙ୍କ ପରାମର୍ଶରେ କରାଯାଇଥିଲା। ଆଗାମୀ ଦିନ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଏହି ପରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ବୟସ୍କଙ୍କ ମଧ୍ୟରେ ସ୍ୱାସ୍ଥ୍ୟଜୀବନ ଓ ସକ୍ରିୟତାକୁ ପ୍ରୋତ୍ସାହିତ କରିବାକୁ ଯୋଜନା ଥିବା ଅବସରରେ ମଣିପାଲ ହସ୍ପିଟାଲ୍‌ର କ୍ଲଷ୍ଟର ଡାଇରେକ୍ଟର (ସାଉଥ୍-ଇଷ୍ଟ) ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି।

# ବନ୍ଧନ ସିଲଭର ଇଟିଏଫ୍‌ର ଶୁଭାରମ୍ଭ

ମୁମ୍ବାଇ,୩୦।୧୧: ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଦୁଇଟି ନୂଆ ଇଟିଏଫ, ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲଭର ଇଟିଏଫର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଓପନ-ଏଣ୍ଡେଡ ସ୍କିମଗୁଡିକ ଫିଜିକାଲ ଗୋଲ୍ଡ ଓ ସିଲଭରର ଘରୋଇ ମୂଲ୍ୟକୁ ଟ୍ରାକ କରିବେ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ସୋମବାର ୧ ଡିସେମ୍ବରରେ ଖୋଲିବ ଏବଂ ବୁଧବାର ୩ ଡିସେମ୍ବରରେ ବନ୍ଦ ହେବ। ଏହି ଇଟିଏଫଗୁଡିକ ଏକ ସ୍ମାର୍ଟ, ସ୍ୱଚ୍ଛ ଓ ଦକ୍ଷ ଉପାୟରେ ନିବେଶ କରିବା ପାଇଁ ସୁନା କିମ୍ବା ରୁପାର ପହଞ୍ଚ ହାସଲ କରିବାକୁ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ସରଳ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ନିଜର ପୋର୍ଟଫୋଲିଓରେ ସ୍ଥିରତା ଓ ବିବିଧତାକୁ ସୁଦୃଢ କରିବାକୁ ଚାହୁଁଥିବା ନିବେଶକମାନେ ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲ୍‌ଭର ଇଟିଏଫ ସମ୍ପର୍କରେ ବିଚାର କରିପାରିବେ।

## ମାନସିକ ସ୍ୱାସ୍ଥ୍ୟ କର୍ମଶାଳା

**ଭଦ୍ରକ, ୩୦।୧୧ (ସମିସ):** ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ କ୍ରମାଗତ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଚାଲୁ ରହିଥିବାବେଳେ ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟ ଓ ବିଏନଏମଏ କଲେଜ ପାଲିଆବିନ୍ଧାଠାରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତିଙ୍କ ସଞ୍ଚାଳନରେ ଯଥାକ୍ରମେ ଅଧ୍ୟକ୍ଷ ଅମୂଲ୍ୟ ପରିଡ଼ା ଓ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରତାପଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ସ୍ୱାସ୍ଥ୍ୟ ମନସ୍ତତ୍ତ୍ୱବିତ୍ ଲୋନି ଲିପ୍ସନି ବେହେରା ଓ ଡଃ ଲଳିତା ସୋରେନ ମାନସିକ ଅବସାଦଜନିତ ଆତ୍ମହତ୍ୟାର ଲକ୍ଷଣ, କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଉପଯୁକ୍ତ ଚିକିତ୍ସା ଓ ପରାମର୍ଶ ମାଧ୍ୟମରେ ଉକ୍ତ ମାନସିକ ଦୁଶ୍ଚିନ୍ତା, ଅବସାଦ ଦୂର କରାଯାଇପାରିବ ବୋଲି ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଅଧ୍ୟାପିକା ଅଧ୍ୟାପକ ଅଶୋକ କୁମାର ଗୋଛାୟତ, ସ୍ୱପ୍ନାବାସବ ସୂତାର, ପଦ୍ମାଳୟା ଖଟୁଆ, ଅଶୋକ ମଲ୍ଲିକ, ରାମଚନ୍ଦ୍ର ବେହେରା, ରାଜେନ୍ଦ୍ର ଭୂଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କୋଡିନେଟର ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ଧାମରା ରେଳପଥରୁ କୋଇଲା ଚୋରି ▶ ନିରାପତ୍ତା ଅଧିକାରୀ ଓ ଗ୍ରାମବାସୀ ମୁହାଁମୁହିଁ

ଭଦ୍ରକ, ୩୦।୧୧ (ସମିସ)

ଭଦ୍ରକ ଜିଲ୍ଲା ଧାମରା ବନ୍ଦରରୁ କୋଇଲା ଚୋରି କିଛି ଦିନ ବନ୍ଦ ରହିବା ପରେ ପୁଣି ଏହା ଆରମ୍ଭ ହୋଇଯାଇଛି। ଏହି କୋଇଲା ଚୋରି ରୋକିବାକୁ ଜିଲ୍ଲା ପ୍ରଶାସନ ସବୁବେଳେ ସଜାଗ ଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଚୋରି ରୋକିବା ଦିଗରେ ଜନସାଧାରଣ ପୁଲିସକୁ ସହାୟତା କରିବା ବଦଳରେ ବିରୋଧ କରୁଥିବା ଦୃଷ୍ଟିଗୋଚର ହୋଇଛି। ଧାମରା ଡିଆଇ ରୋଡ ନିକଟରେ ଏପରି ଏକ କାଣ୍ଡ ଘଟିଥିବାବେଳେ ଧାମରା ବନ୍ଦର ନିରାପତ୍ତା ଅଧିକାରୀ ଓ କୋଇଲା ଗୋଟାଉଥିବା ସ୍ଥାନୀୟ ଜନସାଧାରଣ ମଧ୍ୟରେ ମାରପିଟ ହେଉଥିବା ଏକ ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି।



ସୂଚନା ମୁତାବକ, ଡିଆଇ ରୋଡ ନିକଟରେ ସ୍ଥାନୀୟ ଲୋକ କିଛି ରେଳଧାରଣାରୁ କୋଇଲା ସଂଗ୍ରହ କରୁଥିବାବେଳେ ଧାମରା ବନ୍ଦର ନିରାପତ୍ତା ଅଧିକାରୀଙ୍କୁ ବାରଣ କରିଥିଲେ। ଏହି କଥାକୁ ନେଇ ସ୍ଥାନୀୟ ଲୋକେ ସମ୍ପୃକ୍ତ ୨ ନିରାପତ୍ତା ଅଧିକାରୀଙ୍କୁ ମାଡ଼ ମାରିଥିଲେ। ମାଡ଼ ଖାଇସାରିବା ପରେ ସମ୍ପୃକ୍ତ ଅଧିକାରୀ ଆସି ଧାମରା ସାମୁଦ୍ରିକ ଥାନାରେ ୧୦ ଜଣଙ୍କ ନାମରେ

**ଥାନାରେ ଉଭୟ ପକ୍ଷଙ୍କ ଅଭିଯୋଗ**

ଲିଖିତ ଅଭିଯୋଗ କରିଥିଲେ। ପରେ ସ୍ଥାନୀୟ ମହିଳା ଆସି ସମ୍ପୃକ୍ତ ୨ ନିରାପତ୍ତା ଅଧିକାରୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ୨ ପକ୍ଷଙ୍କ ପକ୍ଷରୁ ଲିଖିତ ଅଭିଯୋଗ ପରେ ୨ଟି ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି ବୋଲି ଧାମରା ସାମୁଦ୍ରିକ ଥାନାଧିକାରିଣୀ ପ୍ରିୟଦର୍ଶିନୀ ଖଟୁଆଙ୍କ ନିକଟରୁ ପ୍ରକାଶ ପାଇଛି।

## ପୂର୍ତ୍ତ ବିଭାଗ ରାସ୍ତାର ସମ୍ପୂର୍ଣ୍ଣ ମରାମତି ଦାବି

ବାରିକପୁର, ୩୦।୧୧(ସମିସ): ଭଣ୍ଡାରିପୋଖରୀ ପାଲଦାବାଙ୍କଠାରୁ ମଣିନାଥପୁର ଯାଜପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ରାସ୍ତାଟି ଦୀର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। କେଉଁଠି କଂକ୍ରିଟ ଫାଟି ଯାଇଥିଲା ତ ପୁଣି କେଉଁଠି ପିଚ ନଷ୍ଟ ହୋଇଥିଲା। ଏଥିପାଇଁ ବିଭିନ୍ନ ସମୟରେ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆହତ ହେଉଥିଲେ। ଏ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ରାସ୍ତା ମରାମତି ପାଇଁ ଟେଣ୍ଡର ହୋଇଥିଲା। ତଦନୁଯାୟୀ ପାଲଦାବାଙ୍କ ସହିତ ଏକଗୋଲା, ବରଦା ବଜାର, ସରସଦା ଓ ପଟାପୋଲଠାରେ ରାସ୍ତା ମରାମତି ହୋଇଛି। ଏହାସତ୍ତ୍ୱେ ହାଜିପୁରଠାରୁ ଖପୁରିଆପଦା ଯାଏଁ ରାସ୍ତା ଏବେବି କେତେକ ସ୍ଥାନରେ ବିପଦପୂର୍ଣ୍ଣ ଭାବେ ରହିଛି। ଯେଉଁଥିପାଇଁ ପୂର୍ବଭଳି ଦୁର୍ଘଟଣା ଜାରି ରହିଛି। କିଛିଦିନ ପୂର୍ବରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଯାଜପୁରସ୍ଥ ଘରକୁ ଫେରୁଥିବାବେଳେ ହାଜିପୁରଠାରେ ଦୁର୍ଘଟଣାରେ ଶିକାର ହୋଇଥିଲେ। ଭଗ୍ନ କଂକ୍ରିଟ ମଧ୍ୟରେ ସ୍କୁଟି ଚକା ରହିଯିବା ହେତୁ ମହିଳା ଜଣଙ୍କ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କ ଗୋଡ, ହାତ, ପିଠିରେ ଗଭୀର ଆଘାତ ଲାଗିଥିଲା।

ସେହିଭଳି ରାଢୋ, ସାନମାଳଦା, ମାଳଦା ବଜାର, ସରତା ପୋଲ ଇତ୍ୟାଦି ସ୍ଥାନରେ ରାସ୍ତା ମରାମତି



ଅପରିହାର୍ଯ୍ୟ ହୋଇପଡ଼ିଛି। ଏପଟେ ବ୍ୟୟବରାଦ ସୀମିତ ଅର୍ଥ ମଧ୍ୟରେ ମାତ୍ର ତିନି କିଲୋମିଟର ରାସ୍ତା ମରାମତି ହୋଇଥିବାବେଳେ ଆହୁରି ୧୦ କିଲୋମିଟର ବାକି ରହିଛି। ତେଣୁ ଏହା ଉପରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦୃଷ୍ଟି ଦେବା ସହିତ ତୁରନ୍ତ ବାକିଥିବା ସ୍ଥାନରେ ରାସ୍ତା ମରାମତି ପାଇଁ ଦୃଢ ଦାବି ହୋଇଛି।

## ଜିଲ୍ଲା ପ୍ରାଥମିକ ଶିକ୍ଷକ ମହାସଂଘର ପ୍ରସ୍ତୁତି ବୈଠକ

**ଭଦ୍ରକ, ୩୦।୧୧ (ସମିସ):** ଆଜି ଭଦ୍ରକ ବାଇପାସସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ସମସ୍ତ ଏନ୍‌ପିଏସ୍ ବର୍ଗର ଶୀର୍ଷ ନେତୃତ୍ୱଙ୍କୁ ନେଇ ପ୍ରାଥମିକ ଶିକ୍ଷକ ମହାସଂଘର ଆଗାମୀ ଡିସେମ୍ବର ୫ ତାରିଖ ରାଜ୍ୟସ୍ତରୀୟ ମହାଆନ୍ଦୋଳନ ପାଇଁ ଓଡ଼ିଶାର ସମସ୍ତ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ୨ଦଫା ଦାବି ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ୨ ଦଫା ଦାବି ପ୍ରାଥମିକ ଶିକ୍ଷକଙ୍କ ମୂଳପଦବୀକୁ ଅପଗ୍ରେଡ କରି ଲେବୁଲ୍- ୯ ଅନୁଯାୟୀ ମୂଳବେତନ ୩୫୪୦୦ ଟଙ୍କା ପ୍ରଦାନ କରିବା ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଚ୍ଛେଦ ଉଚ୍ଛେଦ କରି ୨୦୦୧ ମସିହାଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା। ବୈଠକର ଚୂଡାନ୍ତ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୩୦ ତାରିଖ ଦିନ ପ୍ରତ୍ୟେକ ବ୍ଲକ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବା ସହିତ ଆସନ୍ତା ୫ ତାରିଖରୁ ସବୈତନିକ ଛୁଟି ନେଇ ଦାବି ହାସଲ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ବସିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଶିକ୍ଷକ ନେତା ପର୍ଶୁରାମ ନାୟକ, ଉତ୍ତମ ଦାସ, ଅରବିନ୍ଦ ଦୀକ୍ଷିତ, ସୁବ୍ରତ ଧଳ, ଜ୍ୟୋତିର୍ମୟ ଅଗସ୍ତି, ଅଜିତ ମହାରଣା, ନୀଳାଦ୍ରୀ ତ୍ରିପାଠୀ, ପ୍ରକାଶ ନାରାୟଣ ଜେନା, ତବରେଜ ଖାନ, ଗୟାଧର ଦାସ, ପ୍ରଣୟ ମହାପାତ୍ର, ପ୍ରକାଶ କୁମାର ନାୟକ, ରୂପକ ମିଶ୍ର, ପ୍ରଦୀପ ସେଠୀ, ନରେନ୍ଦ୍ର ସାହୁ, ସନ୍ତୋଷ ମଲ୍ଲିକ, ଦେବାଶିଷ ନାଥ, ନିରଞ୍ଜନ ଖିଲାର, ସତ୍ୟବ୍ରତ ରାଉତ, ପ୍ରଣୟ ମହାପାତ୍ର, ଚନ୍ଦ୍ରକାନ୍ତ ଶୁକ୍ଳ, ସଞ୍ଜୟ ନନ୍ଦ, ପ୍ରଶାନ୍ତ ବେହେରା, ସୁକାନ୍ତ ବେହେରା, ଓମ୍ ପ୍ରକାଶ ରାଉତ, ପ୍ରଭାସ ପଣ୍ଡା, ବିମଳ ଦାସ, ହେମନ୍ତ ମଲ୍ଲିକ, ଦୀପକ ସୂତାର, ତୋଫାନ କୁମାର ନାୟକ, ଝାନସୀ ରାଣୀ ରାଉତ, ପରମେଶ୍ୱର ପୃଷ୍ଟି, ଦେବାଶିଷ ବେହେରା, ବିପିନୀ ବିହାରୀ ଜେନା, ଆଲୋକ ମଲ୍ଲିକ, ସାଫଲ୍ୟ ମହାଳିକ, ଆନନ୍ଦ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।




## ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୩୦।୧୧ (ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଓ ଆସିୟାନା ଫେଲୋସିପର ମିଳିତ ଆନୁକୂଲ୍ୟରେ ପୁରୁଣାବଜାରସ୍ଥ ନାରାୟଣ ଚନ୍ଦ୍ର ହାଇସ୍କୁଲ ସଭାଗୃହରେ ଫେଲୋସିପର ସମ୍ପାଦକ ଏସଏମ ଫାରୁକଙ୍କ ସଭାପତିତ୍ୱରେ ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ସର୍ବଶିକ୍ଷା ଅଭିଯାନର ବାଳିକା ସଂଯୋଜକ ଇପ୍‌ସିତା ଜେନା, ସମ୍ମାନିତ ଅତିଥି ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ନିତ୍ୟାନନ୍ଦ ରାଉତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ସରସ୍ୱତୀ ନାୟିକା, ଶିକ୍ଷକ ସେକ୍ ସରିଫ୍, ସେକ୍ ମହମ୍ମଦ ହାଫିଜୁଦ୍ଦିନ୍, ସଖି ୱାନ ଷ୍ଟପ ସେଣ୍ଟରର କେସ୍ ୱାର୍କର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଅଙ୍ଗନବାଡ଼ି କର୍ମୀ ରେସମା ଖାତୁନ ପ୍ରମୁଖ ଯୋଗଦେଇ ସକାରାତ୍ମକ ପୁରୁଷତ୍ୱକୁ ପ୍ରୋତ୍ସାହିତ କରିବା ସହ ଗୁରୁତ୍ୱରୋପ କରି ନାରୀ ଓ ପୁରୁଷ ସମାନତା ଉପରେ ଆଲୋକପାତ କରିଥିଲେ। ଫେଲୋସିପ୍ ଶକ୍ତି ସଦନ ସୁପରିଟେଣ୍ଡେଣ୍ଟ ଯୋଗମାୟା ଚାନ୍ଦ ସ୍ୱାଗତ ଭାଷଣ ଓ ଆସିୟାନାର ସଂଯୋଜକ ରିଆଜ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।






## ମହିଳା ମହାବିଦ୍ୟାଳୟ
# କମ୍ପ୍ୟୁଟର ବିଜ୍ଞାନ ବିଭାଗର ଆଲୋଚନାଚକ୍ର




**ବାରିପଦା, ୩୦।୧୧(ସମିସ):** ସ୍ଥାନୀୟ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନ ବିଭାଗ ପକ୍ଷରୁ 'ଫ୍ରମ ଡିଭାଇସେସ ଟୁ ଡିସିସନ୍ସ:ଏମଏଲ ପାଓ୍ଵାର୍ଡ ଏଲଓଟି ଆଣ୍ଡ ଏଲଓବି ଇନ୍ ରିଏଲ ଲାଇଫ' ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସାଗରିକା ସିଂହଙ୍କ ତତ୍ତ୍ୱାବଧାନ ଓ ପୌରୋହିତ୍ୟରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ବିଭାଗର ଶେଷ ବର୍ଷର ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଅତିଥିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିଥିଲେ। ବିଭାଗର ଅଧ୍ୟାପକ ମନୀଷ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ବିଭାଗର ଅନ୍ୟତମ ଅଧ୍ୟାପିକା ଶେଫାଳି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ମୁଖ୍ୟ ଅଭିଷେକ ବରାଳ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ପ୍ରଫେସର ଡ ପାର୍ଥସାରଥି ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏଲଓଟି ଏବଂ ଏଲଓବିର ବାସ୍ତବ ଜୀବନରେ ପ୍ରୟୋଗ ଯଥା ମେସିନ, ସେନ୍ସର ଓ ଡିଭାଇସ୍ ଆଦି ସହିତ ସଂଯୁକ୍ତ ହୋଇ କିପରି ତଥ୍ୟ ସଂଗ୍ରହ କରୁଛନ୍ତି ଯେଉଁଥିରେ ମେସିନ ଲର୍ନିଂଗ୍ (ଏମଏଲ) ସେହି ତଥ୍ୟକୁ ବିଶ୍ଳେଷଣ କରି ନିର୍ଣ୍ଣାୟନରେ କିପରି ସହାୟତା କରୁଛି ସେହି ଉପରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରି ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ସମ୍ମାନୀୟ ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ଉତରୀୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ମାନେ ବହୁ ସଂଖ୍ୟା ରେ ଯୋଗ ଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ।

# ବନ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର




**ମହୁଲଡିହା, ୩୦।୧୧(ସମିସ):** କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳରେ କର୍ମଚାରୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର ରବିବାର ଦିନ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଡାକ୍ତର ହାଁସଦା, ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରୀକ୍ଷା ପରେ ସମସ୍ତ କର୍ମଚାରୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ସହକାରୀ ବନ ସଂରକ୍ଷକ ପ୍ରଭାତ କୁମାର କୁଅଁର ଶିବିର ପରିଦର୍ଶନ କରି କର୍ମଚାରୀଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ।ବନପାଳ ବିଦ୍ୟାଧର ମହାନ୍ତ, ବନରକ୍ଷୀ ପ୍ରମୋଦ ମହାନ୍ତ, ଗାୟତ୍ରୀ ମହାନ୍ତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଅବହେଳିତ ଟୁଙ୍କି ଜଳପ୍ରପାତ
# କେବେ ମିଳିବ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା

**କୁଆମରା, ୩୦ ।୧୧(ସମିସ)**

ମୟୂରଭଞ୍ଜ ଜିଲ୍ଲାର ବହୁ ପର୍ଯ୍ୟଟନ ସ୍ଥଳୀ ରହିଛି। ଏଥିମଧ୍ୟରୁ ଟୁଙ୍କି ଜଳପ୍ରପାତ ଅନ୍ୟତମ। ଖୁଣ୍ଟା ବ୍ଲକର ସିମିଳିପାଳ ପାଦଦେଶରୁ ବାହାରିଥିବା ଏହି ଜଳପ୍ରପାତ ପର୍ବତମାଳାର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବାନ୍ଧି ରଖିଛି। ଏଠାରେ ଜିଲ୍ଲା ଓ ଜିଲ୍ଲା ବାହାରର ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବିଶେଷକରି ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପର୍ଯ୍ୟଟକ ଏଠାକୁ ଆସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଭୋଜିର ଆସର ଜମାଇଥା'ନ୍ତି। ଶହଶହ ପର୍ଯ୍ୟଟକ ଏଠାକୁ ଆସୁଥିଲେ ମଧ୍ୟ ଆଜି ସୁଦ୍ଧା ପର୍ଯ୍ୟଟନ କ୍ଷେତ୍ରରେ ମାନ୍ୟତା ପାଇପାରିନାହିଁ ଉକ୍ତ ଜଳପ୍ରପାତ। ଏହି ସ୍ଥାନ ପର୍ଯ୍ୟଟନ ବିଭାଗ ଆଢୁଆଳରେ ରହିଛି। ସେତିକି ନୁହେଁ ଅଭୟାରଣ୍ୟ ମଧ୍ୟରେ ଥିବା ଏହି ଜଳପ୍ରପାତ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିବା ସହ ପ୍ରଚାର ଓ ପ୍ରସାର ଅଭାବରୁ ବିକାଶରେ ବାଧା ଉପୁଜୁଛି। ଏହି ଜଳପ୍ରପାତକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ କରାଯିବାକୁ ଦାବି ହେଉଛି।

ଖୁଣ୍ଟା ବ୍ଲକର ଭୋଳାଗଡ଼ିଆ ପଞ୍ଚାୟତଠାରୁ ୧୦ କିଲୋମିଟର ଦୂରରେ ଏହି ଜଳପ୍ରପାତ ଅବସ୍ଥିତ। ବର୍ଷ ତମାମ ଏହି ଜଳପ୍ରପାତରୁ ଅନବରତ ବହି ଚାଲିଛି ପାଣି। ପର୍ବତର ଉଚ୍ଚତା ପ୍ରାୟ ୨ଶହ ଫୁଟ ହୋଇଥିବାବେଳେ ୫୦ ଫୁଟ ଉପରୁ ତଳକୁ ପଡୁଛି ପାଣି। ପାଣି ପଡୁଥିବା



ସ୍ଥାନର ୧୦ ଫୁଟ ଗଭୀରର କୁଣ୍ଡ ମଧ୍ୟରେ ପାଣି ଜମି ରହି ତାହା କୁଳୁକୁଳୁ ଶବ୍ଦରେ ତଳକୁ ତଳ ପାହାଡ଼ ମଧ୍ୟ ଦେଇ ବହି ଚାଲିଛି। ବର୍ଷସାରା କୁଣ୍ଡରେ ଥିବା ପାଣି ସ୍ୱଚ୍ଛ ରହୁଥିବାରୁ ପର୍ଯ୍ୟଟକ ସେହି କୁଣ୍ଡରେ ସ୍ନାନ କରିବା ସହ ପର୍ବତ ଶିଖରରେ ଥିବା ଶିବ ଲିଙ୍ଗକୁ ଦର୍ଶନ କରି ସୌଭାଗ୍ୟ ମଣନ୍ତି। ପର୍ବତର ପାଦଦେଶରୁ ପାହାଡ଼ ଉପରକୁ ଲମ୍ବିଯାଇଥିବା ଅଙ୍କାବଙ୍କା ରାସ୍ତାରେ ଚଢିବା ପରେ ପ୍ରକୃତିରାଣୀର ମନଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିପାରିଛି ବୋଲି କହିଛନ୍ତି ପ୍ରକୃତିପ୍ରେମୀ। ସେହି କୁଣ୍ଡରେ ଜମିଥିବା ପାଣିରେ ସ୍ନାନ କରିବା ମଜା ଯୁବପିଢିଙ୍କ ପାଇଁ ନିଆରା। ପର୍ବତ ଉପରକୁ ଚଢିବା ସମୟରେ ଏକାଧିକ ସ୍ଥାନରେ ଗୁମ୍ଫାରେ ବିଭିନ୍ନ ଦେବାଦେବୀଙ୍କ ବିଗ୍ରହ ଦେଖିବାକୁ ମିଳୁଛି। ଶିବ ରାତ୍ରରେ ଟୁଙ୍କିରେ ଅବସ୍ଥାପିତ ମହାଦେବଙ୍କୁ ସ୍ୱତନ୍ତ୍ର ପୂଜା କରାଯାଇଥାଏ ବୋଲି ପାହାଡ଼ ଉପରେ ବସିଥିବା ବାବା କହିଛନ୍ତି। ଏ ସମୟରେ ବିଭିନ୍ନ ପ୍ରାନ୍ତରରୁ ଭକ୍ତଙ୍କ ଗହଳି ଲାଗି ରହିବା ସହ ଚଳଚଞ୍ଚଳ ହୋଇଉଠେ। ବିଭିନ୍ନ ଭକ୍ତ ଓ ବ୍ରତଧାରୀ ଉପବାସ କରିବା ସହ ମହାଦେବଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥା'ନ୍ତି। ମାତ୍ର ପରିତାପର ବିଷୟ ଗମନାଗମନ ପାଇଁ ଭଲ ରାସ୍ତା ନାହିଁ। ତତ୍ସହିତ ସେଠାରେ ବିଦ୍ୟୁତ ଆଲୋକ ବ୍ୟବସ୍ଥା ହୋଇପାରିନି। ପୀଠର ବିକାଶ ହୋଇ ନ ଥିବାରୁ ପର୍ଯ୍ୟଟକଙ୍କୁ ସନ୍ଧ୍ୟା ପୂର୍ବରୁ ସ୍ଥାନ ଛାଡିବାକୁ ପଡ଼ିଥାଏ। ସନ୍ଧ୍ୟା ହେଲେ ସରୀସୃପ, ହାତୀ, ଜୀବଜନ୍ତୁ ଦେଖିବାକୁ ମିଳେ। ପାହାଡ଼ ପାଦଦେଶରେ ବହୁ ସଂଖ୍ୟାରେ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ତଳେ ଚାଷଜମି ଥିବାବେଳେ ଜଳପ୍ରପାତରୁ ଅନବରତ ବହି ଆସୁଥିବା ପାଣିକୁ ବ୍ୟବହାର କରି ଚାଷ କରିଥା'ନ୍ତି। ପୂର୍ବରୁ ଏହା ମରୁଭୂମି ଥିବାବେଳେ ରବିଋତୁରେ ପରିବା ଚାଷ ଆଦିବାସୀଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ଏଣୁ ପର୍ଯ୍ୟଟକ ବିଭାଗ ଓ ଓଡ଼ିଶା ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଏହା ପର୍ଯ୍ୟଟନ କ୍ଷେତ୍ର ଭାବେ ଓଡ଼ିଶା ମାନଚିତ୍ରରେ ସ୍ଥାନ ପାଇବା ସହ ରାଜ୍ୟ ଓ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

# ବରିଷ୍ଠ ନାଗରିକ ସଂଘର ସ୍ମୃତି ଚାରଣ ସଭା



**ଉଦଳା, ୩୦।୧୧(ସମିସ):** ଉଦଳା ଇତିହାସର ଜଣେ ଦକ୍ଷ ବିଦ୍ଧାଣୀ ଜୟଚନ୍ଦ୍ର ପତ୍ରିଙ୍କ ପାଇଁ ଉଦଳା ବରିଷ୍ଠ ନାଗରିକ ସଂଘ ଦ୍ୱାରା ବରିଷ୍ଠ ନାଗରିକ ସଭାଗୃହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଡା ସଚ୍ଚିଦାନନ୍ଦ ପରିଡ଼ା ଙ୍କ ଅନୁରୋଧକ୍ରମେ ବରିଷ୍ଠ ନାଗରିକ ସଂଘର ପ୍ରାକ୍ତନ ସଭାପତି ଡ. ଜୟଚନ୍ଦ୍ର ପତ୍ରୀଙ୍କ ଫୋଟ ଚିତ୍ରରେ ସମସ୍ତ ସଭ୍ୟ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ। ସେ ଉଦଳା ମହାବିଦ୍ୟାଳୟ ଆରମ୍ଭରେ ସକ୍ରିୟ ଅଂଶଗ୍ରହଣ କରିବା ଓ ଉଦଳରେ ଭାଗବତ ଟୁଙ୍ଗି ସ୍ଥାପନ କରାଇଥିବା ବେଳେ ମୟୂରଭଞ୍ଜରେ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଏହାବ୍ୟତୀତ ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଦୁଇ ଦୁଇଥର ସଭାପତି ହେବା ସହିତ ପ୍ରତ୍ୟେକ ବୈଠକରେ 'ଆହେ ଦୟାମୟ ବିଶ୍ୱ ବିହାରୀ' ପ୍ରାର୍ଥନାଟି ନିଶ୍ଚିତ ଭାବରେ ଗାନ କରି ଏକ ଆଧ୍ୟାତିକ ପରିବେଶ ସୃଷ୍ଟି କରୁଥିବା ଭଳି ଅନେକ ଦୃଷ୍ଟାନ୍ତ ମୂଳକ ତଥ୍ୟକୁ ନେଇ ଉପସ୍ଥିତ ସଦସ୍ୟମାନେ ସ୍ୱର୍ଗତଃ ପତ୍ରୀଙ୍କର ଗଣଗାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସଦସ୍ୟ ଲକ୍ଷ୍ମୀଧର ପୁଆଳ, ଶ୍ୟାମସୁନ୍ଦର ପଣ୍ଡା, ଉପେନ୍ଦ୍ରନାଥ ପୁହାଣ, କୃପାସିନ୍ଧୁ ବେହେରା, କାଶୀନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ।




# ବାରିପଦା ବିଶ୍ୱବିଦ୍ୟାଳୟ ଆୟୋଜନ କରିବ ଉତ୍ତର ଓଡ଼ିଶା ଆଞ୍ଚଳିକ ଏଆଇ ହାକାଥନ

**ବାରିପଦା, ୩୦।୧୧(ସମିସ):** ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ନେଇ ଉତ୍ତର ଓଡ଼ିଶା ଅଞ୍ଚଳ ପାଇଁ ଉତ୍ତର ଆଞ୍ଚଳିକ ଏଆଇ ହାକାଥନ୍ ଆୟୋଜନ କରିବାକୁ ନୋଡାଲ କେନ୍ଦ୍ର ଭାବେ ମନୋନୀତ କରାଯାଇଛି। ଓଏସଏ (ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍) ଓ ଓଡ଼ିଶା ଏଆଇ ପୃଷ୍ଠପୋଷକତାରେ ହେଉଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନୁଷ୍ଠିତ ହେବ। ଯାହାକି ଭୁବନେଶ୍ୱରରେ ୧୮ ତାରିଖରେ ଅନୁଷ୍ଠିତ ହେଉଥିବା ଓଡ଼ିଶା ଏଆଇ ସିମ୍ପୋଜିୟମ୍‌ର ଏକ ପ୍ରାକ୍-କାର୍ଯ୍ୟକ୍ରମ। ଓଡ଼ିଶାକୁ ବିଶ୍ୱର ବୌଦ୍ଧିକ ଏଆଇ ରାଜଧାନୀ ଭାବେ ସ୍ଥାପନ କରିବାର ବୃହତ୍ ଉଦ୍ୟମର ଅଂଶ ହିସାବରେ ଓଡ଼ିଶା ଏଆଇ ନୀତି, ଓଡ଼ିଶା ଭିଜନ, ଭାରତ ଏଆଇ ମିଶନ ଓ ବିଶ୍ୱବ୍ୟାପୀ ଏଆଇ ଧାରା ସହ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ପାଇଁ ଏହି ହାକାଥନ ଆୟୋଜନ କରାଯାଉଛି। ଏହି ହାକାଥନ୍‌ରେ ଡିପ୍ଲୋମା, ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡି ଛାତ୍ରଛାତ୍ରୀ, ବ୍ୟକ୍ତିଗତ ଉଦ୍ଭାବକ ଓ ପଞ୍ଜିକୃତ/ଅପଞ୍ଜିକୃତ ଷ୍ଟାର୍ଟଅପ୍‌ମାନେ ୫ ତାରିଖ ସୁଦ୍ଧା ଆବେଦନ କରିପାରିବେ। ଶ୍ରେଷ୍ଠ ୩ ଟିମ୍ ସିଧାସଳଖ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆଞ୍ଚଳିକ ହାକାଥନ୍‌ରେ ପ୍ରଥମ ପୁରସ୍କାର ୧୨, ୦୦୦, ଦ୍ୱିତୀୟ ପୁରସ୍କାର ୮, ୦୦୦ ଓ ତୃତୀୟ ପୁରସ୍କାର ୫, ୦୦୦ ରାଶି ରଖାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ଉତ୍ତର ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନକୁ ଏହି ଗୌରବମୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ପ୍ରତିଭାବାନ ଯୁବ ଉଦ୍ଭାବକଙ୍କୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିବାକୁ ଆହ୍ୱାନ କରିଛନ୍ତି। ଅଂଶଗ୍ରହଣ ପାଇଁ https://odishaaisummit.org/hackathonରେ ଆବେଦନ କରିବାକୁ ଆଞ୍ଚଳିକ ନୋଡାଲ୍ ସଂଯୋଜକ ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୋୟୀ ସୂଚନା ଦେଇଛନ୍ତି।

## ବିଶୋଇ ଚାମ୍ପିଅନ୍ସ ଲିଗ୍ ପାଇଁ ଖେଳାଳି ନିଲାମ
# ଜଗଦାନନ୍ଦ ଗିରି ଦାମୀ ଖେଳାଳି




**ବିଶୋଇ, ୩୦।୧୧(ସମିସ)**

ବିଶୋଇ ନେତାଜୀ କ୍ଲବ ଆନୁକୂଲ୍ୟରେ ଆୟଜିତ ହେବାକୁ ଥିବା ବିଶୋଇ ଚାମ୍ପିଅନ୍ସ ଲିଗ୍‌ର ଚତୁର୍ଥ ସଂସ୍କରଣ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ଶେଷ ହୋଇଛି। ଏଥିନିମନ୍ତେ କ୍ଲବ୍‌ର ସଭାପତି ମାନସ୍ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବରିଷ୍ଠ ସଦସ୍ୟ ନାରାୟଣ ମହାପାତ୍ର, ସୁଭାଷ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ଦେବେନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ମହାନ୍ତି, ବିମ୍ବାଧର ଧୀର ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାବାନ କ୍ରିକେଟରଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏପରି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଲିଗ ନିମନ୍ତେ ବିଶୋଇ, ବିଜାତଳା, ସାରସକଣା ଓ ବାଙ୍ଗିରିପୋଷି ପ୍ରମୁଖ ୪ଟି ବ୍ଲକର ପୂର୍ବରୁ ପଞ୍ଜୀକରଣ କରିଥିବା ୧୬୪ ଜଣ ପ୍ରତିଭାବାନ କ୍ରିକେଟର ନିଲାମୀ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ୮ଟି ଫ୍ରାଞ୍ଚାଇଜର ମାଲିକ ଓ ଆଇକନ ଖେଳାଳି ରିତୁନ ମହାନ୍ତି, ଶିପୁ ଗିରି, ରାଜୁ ସାହୁ, ରଇଦାସ ମାଝୀ, ତପୁ ସେଠୀ, ସୂରଜ ମାର୍ଣ୍ଡି, ମଳୟ ବେହେରା, ଅଭିଜିତ ବାରିକଙ୍କ ଉପସ୍ଥିତିରେ ନିଲାମୀ ମାଧ୍ୟମରେ ଚୟନ କରି ନିଜ ନିଜ ଦଳରେ ସାମିଲ କରିଥିଲେ। ଡିକେ ଫାଇଟର, ବଜରଙ୍ଗୀ ବିଶୋଇ ଫାଇଟର, ବାଉତିବେଢ଼ା ବୁଲଡ଼ଜୋର, ବ୍ଲୁ ଷ୍ଟାର, ନ୍ୟୁ ରାଇଜିଂ, ଗୁଣ୍ଡୁରିଆ ପାନ୍ଥର, ରାଜକୁମାର ରୟାଲ, ବିଶୋଇ ୱାରିୟର, ଜ୍ଞାନ ସୁପର ଚ୍ୟାଲେଞ୍ଜର ପ୍ରମୁଖ ୮ଟି ଫ୍ରାଞ୍ଚାଇଜ ମଧ୍ୟରେ ଆସନ୍ତା ୨୨ ତାରିଖରୁ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ନିଲାମୀ ପ୍ରକ୍ରିୟାରେ ବିଶୋଇ ବ୍ଲକ ନୂଆଗାଁ ପଞ୍ଚାୟତରେ ନାଲୁଆ ଗ୍ରାମର ଜଗଦାନନ୍ଦ ଗିରି ସବୁଠାରୁ ଦାମୀ ଖେଳାଳି ଭାପେ ବଜରଙ୍ଗୀ ବିଶୋଇ ଫାଇଟର ନିଜ ଦଳରେ ସାମିଲ କରିଥଲେ। ଗ୍ରାମାଞ୍ଚଳ ସ୍ତରରେ ଯୁବ ପ୍ରତିଭାଙ୍କୁ ଲୋକପ୍ରିୟ ଖେଳ କ୍ରିକେଟ ପ୍ରତି ଆକର୍ଷିତ କରିବା ଏହି ଚାମ୍ପିଅନ୍ସ ଲିଗର ମୂଳ ଲକ୍ଷ୍ୟ ବୋଲି ନେତାଜୀ କ୍ଲବ୍ ପ୍ରକାଶ କରିଛି। କ୍ଲବ୍ ସମ୍ପାଦକ ସଚିନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ସୁମନ୍ତ ସାହୁ, କ୍ରୀଡ଼ା ସମ୍ପାଦକ ରିତୁନ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ରଞ୍ଜନ କବାଟ, ସୁଶାନ୍ତ ମହାନ୍ତ, ଅଭିଜିତ ମହାନ୍ତି, ରଞ୍ଜିତ ମହାନ୍ତି, ପିଣ୍ଟୁ ଗିରି, ଶୁଭ୍ରଜିତ ମହାପାତ୍ର, ଦେବାଶିଷ ନାଏକ, କିରଣ ପାତ୍ର, ଦେବାଶିଷ ପାତ୍ର, ସଞ୍ଜୀବ ସେଠୀ, ଶିପୁନ ସି, ବିନୋଦ ମହାନ୍ତ ପ୍ରମୁଖ ନିଲାମୀ ପ୍ରକ୍ରିୟା ପରିଚାଳନା କରିଥିଲେ।



# ମୟୂରଭଞ୍ଜର ବିଭିନ୍ନ ବ୍ୟାଙ୍କରେ ୭୦୦ଟି ମ୍ୟୁଲ ଆକାଉଣ୍ଟ

## ■ ପ୍ରଥମ ପର୍ଯ୍ୟାୟରେ ୪ଟି ଥାନାଞ୍ଚଳରୁ ୬ ଅଭିଯୁକ୍ତ ଚିହ୍ନଟ

**ବାରିପଦା, ୩୦।୧୧(ସମିସ):** ଅନୈତିକ ଭାବେ ଅର୍ଥ ନେଣଦେଣ ସକାଶେ ରାଜ୍ୟର ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା 'ମ୍ୟୁଲ ଆକାଉଣ୍ଟ' ସମ୍ପର୍କରେ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ ସାଇବର କ୍ରାଇମ କୋର୍ଡିନେସନ କେନ୍ଦ୍ର ନିର୍ଦ୍ଦେଶକ୍ରମେ ଓଡ଼ିଶାର କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ହୋଇଥିବା ଯାଞ୍ଚ ବେଳେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ୟାଙ୍କରେ ପ୍ରାୟ ୭ଶହ ମ୍ୟୁଲ ଆକାଉଣ୍ଟ ଥିବାର ଆକଳନ କରାଯାଇଛି। ବାରିପଦାସ୍ଥ ଜିଲ୍ଲା ସାଇବର ଓ ଅର୍ଥନୈତିକ ଅପରାଧ ଥାନାର ଆଇଆଇସି ପ୍ରଦୀପ ମାଝୀଙ୍କ ଦ୍ୱାରା ଏନେଇ ଏକ ମାମଲା ରୁଜୁ ହୋଇଛି। ମ୍ୟୁଲ ଆକାଉଣ୍ଟ ହେଉଛି ବିଭିନ୍ନ ବ୍ୟାଙ୍କରେ ଥିବା ଆକାଉଣ୍ଟ ଯାହା ଦ୍ୱାରା ଅବୈଧ ଭାବେ ପ୍ରାପ୍ତ ଧନରାଶି ଦେଣନେଣ ପାଇଁ ଉପଯୋଗ ହୁଏ। ଏହା ଦ୍ୱାରା ଅର୍ଥରାଶିର ମୂଳ ଉତ୍ସକୁ ଗୋପନ ରଖା ଯାଇପାରେ। ଏଭଳି ଆକାଉଣ୍ଟ ସାଧାରଣତଃ ଭୁଲ ପରିଚୟପତ୍ର ଦେଇ କିମ୍ବା ନିରୀହ ଲୋକଙ୍କୁ ପ୍ରଭାବିତ କରି ବ୍ୟାଙ୍କରେ ଖାତା ଖୋଲା ଯାଇଥାଏ। ମୟୂରଭଞ୍ଜ ଜିଲ୍ଲା ବିଭିନ୍ନ ଥାନା ଅଧୀନରେ ଥିବା ବିଭିନ୍ନ ବ୍ୟାଙ୍କରେ ମ୍ୟୁଲ ଆକାଉଣ୍ଟ ସମ୍ପର୍କରେ ପୁଲିସ ପକ୍ଷରୁ ତଦନ୍ତ ଦ୍ୱାରା ବହୁ ତଥ୍ୟ ସମ୍ମୁଖକୁ ଆସିଛି। ପ୍ରଥମ ପର୍ଯ୍ୟାୟରେ ବାରିପଦା ଟାଉନ, ବୈଶିଙ୍ଗା, ଉଦଳା ଓ ଭଞ୍ଜପୁର ପ୍ରମୁଖ ୪ଟି ଥାନା ଅଧୀନରେ ଥିବା ବିଭିନ୍ନ ବ୍ୟାଙ୍କରେ ଥିବା ଏହି ମ୍ୟୁଲ ଆକାଉଣ୍ଟ ମାନ ଯାଞ୍ଚ କରାଯାଇ ୬ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଏହିପରି ଭାବେ ଜିଲ୍ଲାର ଅନ୍ୟାନ୍ୟ ଥାନା ଅଧୀନରେ ଥିବା ବ୍ୟାଙ୍କଗୁଡ଼ିକରେ ମ୍ୟୁଲ ଆକାଉଣ୍ଟ ସମ୍ପର୍କରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଚାଲିଛି।

# କୁରାଳ ପଞ୍ଚମୀରେ ଚକ ପୂଜା

**ମୋରଡ଼ା,୩୦।୧୧(ସମିସ):** ମୋରଡ଼ା ବ୍ଲକ ଅଧୀନ ଚିତ୍ରଡାଠାରେ କୁରାଳ ପଞ୍ଚମୀ ଉପଲକ୍ଷେ ଚକ ପୂଜା ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୨୫ରୁ ଆରମ୍ଭ ହୋଇ ଶନିବାର ଶେଷ ହୋଇଥିଲା। ଏହି ଅବସରରେ ଚିତ୍ରଡା ସରପଞ୍ଚ ବାଳକ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟରେ ସମ୍ମାନିତ ଅତିଥିଭାବେ ରାଧାମୋହନ ବେହେରା, ଗଗନ ବିହାରୀ ବେହେରା, ସାଇବନ୍ଦନା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା କରିଥିଲେ ଆଡଭୋକେଟ ଅନ୍ତର୍ଯ୍ୟାମୀ ବେହେରା ଏବଂ କୁରାଳ ପଞ୍ଚମୀରେ କୁମ୍ଭାର ମାନଙ୍କ ପୌରାଣିକ କିମ୍ବଦନ୍ତୀ ସହିତ ଐତିହାସିକ ତଥ୍ୟ ପ୍ରଦାନ ପ୍ରଦାନ କରିଥିଲେ। ସେହିପରି ୧୯୪୯ରୁ ପ୍ରଥମକରି ଉକ୍ତ ପୂଜାର ଆରମ୍ଭ ଚିତ୍ରଡାଠାରୁ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସାରା ଓଡ଼ିଶାରେ ଉକ୍ତ କୁରାଳ ପଞ୍ଚମୀରେ ଚକ୍ର ପୂଜା ପାଳିତ ହେଉଛି ବୋଲି କହିଥିଲେ ଅତିଥିଗଣ। ସେହିପରି କୁମ୍ଭାର ଜାତିର ପ୍ରଥମ ପ୍ରତିଭା ସମ୍ମାନ ପ୍ରଦାନ ୨୦୦୨ରୁ ଆରମ୍ଭ ହୋଇଥିବା ଚଳିତ ବର୍ଷ ମଧ୍ୟ ପ୍ରଦାନ କରାଯାଇଛି।

# ବେଆଇନ ଲଘୁ ଖଣିଜ ଚାଲାଣ; ୨ଟି ଗାଡ଼ି ଜବତ

**ରାଇରଙ୍ଗପୁର/କରଞ୍ଜିଆ, ୩୦।୧୧ (ସମିସ):** ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ବେଳେ ପୁଲିସ ଦ୍ୱାରା ୨ଟି ଗାଡ଼ି ଜବତ କରାଯାଇଛି। ବାଲି ମାଫିଆଙ୍କ ଉପଦ୍ରବ ଜାରି ଥିବା ବେଳେ ପୁଲିସ ପକ୍ଷରୁ କଡାକଡି ଚଢ଼ଉ କରାଯାଇଛି। ବାଦାମପାହାଡ଼ ଥାନା ପକ୍ଷରୁ ତୁଳିଭଙ୍ଗା ଗ୍ରାମରେ ପାଟ୍ରୋଲିଂ ବେଳେ ଚଢ଼ଉ କରିଥିଲେ। ଏକ ବାଲି ବୋଝେଇ ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ବେଳେ ପୁଲିସ ଦ୍ୱାରା ବାଲି ଓ ଟ୍ରାକ୍ଟର ଜବତ କରାଯାଇଛି। ଏହାସହ ବାରଗିମାରା ଗ୍ରାମର ଖେଳାରାମ ହେମ୍ବ୍ରମ ନାମକ ଚାଳକଙ୍କୁ ଗିରଫ କରାଯାଇଛି। ସେହିପରି କରଞ୍ଜିଆ ଥାନା ପକ୍ଷରୁ ବଜାର ରାସ୍ତାରେ ପାଟ୍ରୋଲିଂ ବେଳେ ଚଢ଼ଉ କରି ଏକ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଥିବା ବେଳେ ପୁଲିସ ଦ୍ୱାରା ବାଲି ଓ ହାଇୱା ଜବତ କରାଯାଇଛି।

## ● ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଡାଇମଣ୍ଡ ହାର୍ବର କୋଲକାତା ଚାମ୍ପିଅନ

**ଢେଙ୍କାନାଳ,୩୦।୧୧(ସମିସ):**

ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଜିଲ୍ଲା କ୍ରୀଡ଼ା ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଆୟୋଜିତ ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଡାଇମଣ୍ଡ ହାର୍ବର କୋଲକାତା ଓ ଇନକମ ଟାକ୍ସ ଚେନ୍ନାଇ ମଧ୍ୟରେ ଖେଳାଯାଇଥିଲା। ଡାଇମଣ୍ଡ ହାର୍ବର ୭-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି।

ପ୍ରଥମ ଓ ଦ୍ୱିତୀୟ ଗୋଲ ରାମଦିନ ତାବା ଦେଇଥିବା ବେଳେ ତୃତୀୟ ଗୋଲ ଜୁବି ଜଷ୍ଟିନ



ଦେଇଥିଲେ। ଚତୁର୍ଥ ଗୋଲ ରାମଲିନ ଥାରା, ୫ମ ଗୋଲ କ୍ଲେଟନ ସେଭେରା, ଷଷ୍ଠ ଗୋଲ ବ୍ରାଇଟ ଇନାବାଖେ ଓ ସପ୍ତମ ଗୋଲ ଆଣ୍ଟୋନିଓ ମୋୟାନେ ଦେଇଥିଲେ। ମୁଖ୍ୟଅତିଥି ଭାବେ ମ୍ରିଦୁଳା ଠାକୁର, ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ନୱାର ନିର୍ଦ୍ଦେଶକ ରାଜେଶ ଘୋଷ, କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାଶ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ଉପସଭାପତି ସଞ୍ଜୟ କୁମାର ଭଞ୍ଜ ଯୋଗଦେଇଥିଲେ। ମୁଖ୍ୟଅତିଥି ଚାମ୍ପିଅନ ଟିମକୁ ୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିବା ବେଳେ ରନର୍ସଅପ ଟିମକୁ ଅମରଜ୍ୟୋତି ସିଂହଦେଓ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ବିଶିଷ୍ଟ ଫୁଟବଲ ଖେଳ ସଂଗଠକ ଅରୁଣ ଆସମାନ ଦାଶ ଏବଂ ପ୍ରତୀକ ଭଞ୍ଜଙ୍କ ସମେତ ସମସ୍ତ ରେଫରୀ ଏବଂ ସଭ୍ୟମାନଙ୍କୁ ସମ୍ମାନିତ କରିଥିଲେ। କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ଅଜୟ ବାରିକ, ଦୀପ୍ତିରଞ୍ଜନ ସେଠୀ, ବିଭୁ ପଟ୍ଟନାୟକ, ମାନସ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ପର୍ଶୁରାମ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ଆଇନଜୀବୀ ସରୋଜ ପାଢ଼ୀ ଧାରାବିବରଣୀ ପ୍ରଦାନ କରିଥିଲେ।

## ● ବେତନଟୀ ପ୍ରିମିୟର ଲିଗ୍ ପାଇଁ ନିଲାମ ଶେଷ

# ଅଲରାଉଣ୍ଡର ପ୍ରୀତିଦେବ ଜେନା ଦାମୀ ଖେଳାଳି

**ବେତନଟୀ,୩୦।୧୧(ସମିସ):** ଡିସେମ୍ବର ୧୭ ତାରିଖରେ ବେତନଟୀ ଏମ୍‌ପିସି ହାଇସ୍କୁଲ ଖେଳପଡ଼ିଆରେ ହେବାକୁ ଥିବା ବେତନଟୀ ପ୍ରିମିୟର ଲିଗ ସିଜିନ-୧୨ ପାଇଁ ବେତନଟୀ ଏମପିସି ହାଇସ୍କୁଲ ସଭାଗୃହରେ ଖେଳାଳି ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଏଥିରେ ବାରିପଦା, ମୋରଡା,



ଉଦଳା, ବାଙ୍ଗିରିପୋଷି, କୁଲିଅଣା, ଶାମାଖୁଣ୍ଟା, କପ୍ତିପଦା, ରାସଗୋବିନ୍ଦପୁର, ଚିତ୍ରଡ଼ା, ଖୁଣ୍ଟା, ବଡ଼ସାହି, ମାଣଡ୍ରୀ ସମେତ ବେତନଟୀରୁ ଖେଳାଳି ଓ ଟିମ୍ ମାଲିକମାନେ ସାମିଲ ହୋଇଥିଲେ। ଆୟୋଜକ ବିସିସିର ସମ୍ପାଦକ ଦିଲ୍ଲୀପ ରାଉତ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ୧୧୬ ଜଣ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ବାହାନଡ଼ା ଟାଇଗର ମାଲିକ ପ୍ରିୟଜିତ ନାୟକ ଥିବା ବେଳେ ଆଇକନ୍ ଖେଳାଳି ଭାବେ ସଞ୍ଜୟ ପରିଚ୍ଛା, ଜଗନ୍ନାଥ ୱାରିୟର୍ସ ମାଲିକ ସମ୍ବିତ ଶାହା ଥିବାବେଳେ ଆଇକନ ଖେଳାଳି ଶୁଭାଶିଷ ଦେ, ଜୟ ଶ୍ରୀରାମ ଫାଇଟର ମାଲିକ ସନ୍ଦୀପ ମିଶ୍ର, ଆଇକନ୍ ଖେଳାଳି ଅନୁପ କୁମାର ପରିଡ଼ା, ୧୧- ଷ୍ଟାର୍ ମୋରଡା ମାଲିକ ସୌମ୍ୟ ମହାପାତ୍ର, ଆଇକନ୍ ଖେଳାଳି ଆଦିତ୍ୟ ବସା, କାଲ ଭୈରବର ମାଲିକ ଜୟନ୍ତ କୁମାର ଗିରି, ଆଇକନ୍ ଖେଳାଳି ସୌମ୍ୟ ରଞ୍ଜନ ଧୋଳ, ଆରିଅନ ଫାଇଟର ମାଲିକ ରାଜୀପ କୁମାର ପାତ. ଆଇକନ ଖେଳାଳି ଚିନ୍ମୟ ପଣ୍ଡିତ ପ୍ରମୁଖ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଉଦୀୟମାନ ଅଲରାଉଣ୍ଡର ପ୍ରୀତିଦେବ ଜେନାଙ୍କୁ ୧୧ ଷ୍ଟାର ମୋରଡା ସର୍ବାଧିକ ୩୦ ହଜାର ୧୦୦ ଟଙ୍କା ଦେଇ କିଣିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ ପ୍ରକାଶଜ୍ୟୋତି ଆଦିତ୍ୟ, ସଠିଲୋ ସମିତିସଭ୍ୟ କିଶୋର ନାୟକ, ସଞ୍ଜୁ ଦ୍ୱିବେଦୀ, ପ୍ରଶାନ୍ତ ନାଥ, ଜୀବନ ପରିଡା, ଶିକ୍ଷକ ହୃଷୀକେଶ ମହାନ୍ତ, ଯଶୋବନ୍ତ ବେହେରା, ଗୌରବ ନାଥ, କରନ ନାଥ, ରବୀନ୍ଦ୍ର ସାହୁ, ବିକାଶ ଦାସ, ଚନ୍ଦ୍ରଶେଖର ବେରା, ସରୋଜ ନାଥ, ରିଙ୍କୁ ସାହୁ, ଭୈରବ ନାଥ, ଭାଗ୍ୟରଞ୍ଜନ ବେହେରା, ଭାଗ୍ୟ ରଞ୍ଜନ ବେହେରା, ମନୋଜ ପଣ୍ଡା ପରିଚାଳନା କରିଥିଲେ।

# ୧୨ରେ ପାଚିକା ସହାୟିକା ସଂଘର ବିଧାନସଭା ଘେରଉ



**ଢେଙ୍କାନାଳ,୩୦।୧୧(ସମିସ):** ସ୍ଥାନୀୟ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘର ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଗତ ସେପ୍ଟେମ୍ବର ୨୦ ତାରିଖ ହୋଇଥିବା ଆନ୍ଦୋଳନର ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବି ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆସନ୍ତା ୩, ୪ ଓ ୫ ତାରିଖ ରାଜଧାନୀରେ କେନ୍ଦ୍ରୀୟ ମିଳିତ ଶ୍ରମିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବା ସହ ୧୨ରେ ବିଧାନସଭା ଘେରଉ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଉକ୍ତ ଦିନ ସ୍କୁଲଗୁଡ଼ିକରେ ପାଚିକା ସହାୟିକାମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ମଧ୍ୟାହ୍ନ ଭୋଜନରେ ବ୍ୟାଘାତ ପାଇଁ ସଂଘ ଦୁଃଖ ପ୍ରକାଶ କରିଛି। ୧୦ମାସ ବଦଳରେ ୧୨ମାସର ପାରିଶ୍ରମିକ, ବର୍ଷକୁ ୨ଖଣ୍ଡ ଶାଢ଼ି, ପାଚିକାମାନଙ୍କୁ ବିଇଓଙ୍କ ଦ୍ୱାରା ନିଯୁକ୍ତି, ମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ, ଅବସର ପରେ ପେନସନ, ସର୍ବନିମ୍ନ ମଜୁରି, ସାମାଜିକ ସୁରକ୍ଷା, ଶ୍ରମିକ କର୍ମଚାରୀ ମାନ୍ୟତା ପ୍ରଭୃତି ବିଭିନ୍ନ ଦାବିରେ ଆନ୍ଦୋଳନ କରିବାକୁ ସ୍ଥିର କରାଯାଇଛି। ମାସକୁ ୩ ହଜାର ଟଙ୍କାରେ ଗୋଟିଏ ପାଚିକା ପରିବାର କିପରି ଚଳିବ ବୋଲି ରାଜ୍ୟ ଉପଦେଷ୍ଟା ରଥ ପ୍ରଶ୍ନ କରିଛନ୍ତି। ବୈଠକରେ ଶାନ୍ତିପ୍ରିୟା ସାହୁ, ସୁବାସିନୀ ବେହେରା, ବୁଧେଇ ବେହେରା, ଶ୍ରଦ୍ଧାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା



**ଗଁଦିଆ,୩୦।୧୧(ସମିସ):** ସ୍ଥାନୀୟ କପିଳାସ ମହାବିଦ୍ୟାଳୟରେ ଅର୍ନ୍ତଜାତୀୟ ଚାରଣଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଛି। ଖଙ୍କିରା ସରକାରୀ ଉଚ୍ଚ ବିଦ୍ୟାଳୟ, ଗଁଦିଆ ଉଚ୍ଚ ବିଦ୍ୟାଳୟ, ବେଢ଼ାପାଳ ଉଚ୍ଚ ବିଦ୍ୟାଳୟ, ଖୁରୁସିଆ ଉଚ୍ଚ ବିଦ୍ୟାଳୟ, ବଣସିଂ ଉଚ୍ଚ ବିଦ୍ୟାଳୟ, କଙ୍କଡ଼ାହାଡ଼ ଉଚ୍ଚ ବିଦ୍ୟାଳୟ, ଯୋରନ୍ଦା ଉଚ୍ଚ ବିଦ୍ୟାଳୟ, ଯୋରନ୍ଦା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଓ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରୁ ମନୋନୀତ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। କପିଳାସ ମହାବିଦ୍ୟାଳୟ ଅଧକ୍ଷ ଗୋଲେଖ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ହୋଇଥିଲା। କପିଳାସ ମହାବିଦ୍ୟାଳୟର ମୋନାଲିସା ରାଉତରାୟ ପ୍ରଥମ, ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞା ପ୍ରିୟଦର୍ଶିନୀ ସାମଲ ଦ୍ୱିତୀୟ ଓ ବଣସିଂ ସରକାରୀ ଉଚ୍ଚ ବିଦ୍ୟାଳୟର ମଧୁସ୍ମିତା ସାହୁ ଏବଂ ସନ୍ଥପୁର ଉଚ୍ଚ ବିଦ୍ୟାଳୟର ପ୍ରଭାତି ବେହେରା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଛାତ୍ରୀମାନେ ଡିସେମ୍ବର ୭ ତାରିଖ ଶ୍ରୀକ୍ଷେତ୍ରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ଢେଙ୍କାନାଳ ଚାରଣ ଗୋଷ୍ଠୀ ମୁଖ୍ୟ ଅରୁଣ ପୁହାଣ କହିଛନ୍ତି।

# ଜଗବନ୍ଧୁ ହାଇସ୍କୁଲର ବିଜ୍ଞାନ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ



**ବଡ଼ସାହି,୩୦।୧୧(ସମିସ):** ବାଲିଯୋଡ଼ା ଜଗବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ କରଞ୍ଜିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛି। ଗଣିତ ଶିକ୍ଷକ ଦୀପକ ରାମ ଓ ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିକା ଗିରିଙ୍କ ମାର୍ଗଦର୍ଶନରେ ନିର୍ମିତ ନବମ ଶ୍ରେଣୀର ଛାତ୍ରୀ ସୀତା ମୁର୍ମୁଙ୍କ ପ୍ରକଳ୍ପ 'ଫିମେଲ ସେଭିୟର' ଉପବିଷୟବସ୍ତୁ 'ଏମାର୍ଜିଂ ଟେକ୍ନୋଲଜିସ'ରେ ପ୍ରଥମ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି। ଏଥିପାଇଁ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ, ପିଇଟି ପାର୍ଥସାରଥୀ ଜେନା, ରେଖାରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ, ଛାତ୍ରୀ ନିବାସ ମେଟ୍ରୋନ ସୁକାନ୍ତୀ ମହାନ୍ତ ପ୍ରମୁଖ ଛାତ୍ରୀ ସୀତା ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କ ପରଲୋକ



**ଢେଙ୍କାନାଳ,୩୦।୧୧(ସମିସ):** ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଇଦ୍ରିଶ ବକ୍ସଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କ ୫୧ ବର୍ଷ ବୟସ ହୋଇଥିଲା। କିଛିଦିନ ଧରି ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ। ମୃତଶରୀର ସହରସ୍ଥିତ ଗୁଡ଼ିଆନାଳୀଠାରେ ଥିବା ତାଙ୍କ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଭଗବାନପୁରସ୍ଥିତ କବରସ୍ଥାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଶିଶୁ ବିଭାଗର ଚିକିତ୍ସକ ସ୍ୱର୍ଗତ ଡା. ଅବଦୁଲ କରିମ ବକ୍ସଙ୍କ ବଡ଼ପୁଅ ଇଦ୍ରିଶ ଛାତ୍ର ରାଜନୀତିରେ ବେଶ୍ ସକ୍ରିୟ ରହିଥିଲେ। କିଛିବର୍ଷ ତଳେ ସେ ଢେଙ୍କାନାଳ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି କାର୍ଯ୍ୟ ତୁଲାଇଥିଲେ। ଜଣେ କ୍ରୀଡ଼ାବିତ ଭାବେ ମଧ୍ୟ ଜଣାଶୁଣା ଥିଲେ। ଢେଙ୍କାନାଳର ପ୍ରମୁଖ କସମସ କ୍ରିକେଟ କ୍ଲବର ସେ ସଦସ୍ୟ ଥିଲେ। ବହୁ ବ୍ୟକ୍ତି, ପରିବାର ସଦସ୍ୟ, ସହପାଠୀ ଓ ସହଯୋଗୀ ବାସଭବନରେ ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ।

# ଚତୁର୍ଥ ବ୍ରାହ୍ମଣୀ ବନ୍ଦନା ଓ ନାଗନାଥେଶ୍ୱର ମହୋତ୍ସବ


**ଢେଙ୍କାନାଳ,୩୦।୧୧(ସମିସ):** ଢେଙ୍କାନାଳ ସଦର ବ୍ଲକ ବଣସିଂହ ଏବଂ ଚାଉଳିଆ ପଞ୍ଚାୟତ ବଡ଼ନାଗନାସ୍ଥିତ ଉତ୍କଳର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ପବିତ୍ର ପୀଠରେ ଚତୁର୍ଥ ବ୍ରାହ୍ମଣୀ ବନ୍ଦନା ଓ ନାଗନାଥେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଏସଟିର ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ କୁମାର ସାହୁ ଯୋଗଦେଇ କହିଲେ, ଏହି ଉତ୍ସବ ଆଗାମୀ ଦିନରେ ବିରାଟ ରୂପ ନେବ। ଏଥିରେ ଅଞ୍ଚଳବାସୀ, କାର୍ଯ୍ୟକର୍ତ୍ତାଙ୍କ ଅକୁଣ୍ଠ ସହଯୋଗ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ସୌଦାମିନୀ ସାହୁ, ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ, ପୂର୍ବତନ ସରପଞ୍ଚ ସଞ୍ଜୁକ୍ତା ହୋତା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ କହିଥିଲେ। ସୁଦାମ ଚରଣ ବେହେରା ସଭାପତିତ୍ୱ କରିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ● ଓଷ୍ଟାର ମେଧା ଅନ୍ୱେଷଣ ପରୀକ୍ଷା

# ଭାଗନେଲେ ୧୧୮୨ ନବମ ଶ୍ରେଣୀ ଛାତ୍ରଛାତ୍ରୀ




**ବାରିପଦା,୩୦।୧୧(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମେଧା ଅନ୍ୱେଷଣ ପରୀକ୍ଷା



ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ୧୨ଟି ପରୀକ୍ଷା କେନ୍ଦ୍ରରେ ୧୧୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ବେତନଟୀ ବ୍ଲକ୍‌ର ସଠିଲୋ ହାଇସ୍କୁଲରେ ୯୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୨ ଜଣ ପରୀକ୍ଷା ଦେଇଥିବାବେଳେ ବଡ଼ସାହି ବ୍ଲକ୍ ବିସି ସରକାରୀ ହାଇସ୍କୁଲରେ ୮୪ରୁ ୭୬, ରାସଗୋବିନ୍ଦପୁର ବ୍ଲକ୍ ଚକାଡୋଳା ବିଦ୍ୟାପୀଠରେ ୧୧୬ରୁ ୧୦୯, ମୋରଡା ବ୍ଲକ୍ ଜବାହରଲାଲ ବିଦ୍ୟାପୀଠରେ ୬୮ରୁ ୬୭ ଜଣ, ବାରିପଦାର ଭଞ୍ଜପୁର ସରକାରୀ ବାଳିକା ହାଇସ୍କୁଲରେ ୧୧୧ରୁ ୧୦୬ ଜଣ, ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ଝଲାଗୁଞ୍ଚା ସରସ୍ୱତୀ ହାଇସ୍କୁଲରେ ୧୧୧ରୁ ୯୨ ଜଣ, ଉଦଳା ସରକାରୀ ହାଇସ୍କୁଲରେ ୫୨ରୁ ୪୯ ଜଣ, କପ୍ତିପଦା ସରକାରୀ ହାଇସ୍କୁଲରେ ୧୮୮ରୁ ୧୮୦ ଜଣ, ବହଳଦା ବ୍ଲକ୍ ମା' କିଚକେଶ୍ୱରୀ ହାଇସ୍କୁଲରେ ୧୩୦ରୁ ୧୧୯ ଜଣ, ତିରିଂ ବ୍ଲକ୍ ସୀମାନ୍ତ ହାଇସ୍କୁଲ ଯଦୁନାଥପୁର ହାଇସ୍କୁଲରେ ୧୧୮ରୁ ୯୧ ଜଣ, କରଞ୍ଜିଆ ତାଟୋ ସରକାରୀ ହାଇସ୍କୁଲରେ ୧୧୬ରୁ ୧୦୯ ଜଣ, ଠାକୁରମୁଣ୍ଡା ସରକାରୀ ହାଇସ୍କୁଲରେ ୧୦୧ରୁ ୯୭ ଜଣ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ପରୀକ୍ଷାର ସ୍ୱଚ୍ଛତା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ର ପାଇଁ ରାଜ୍ୟ ସଂଗଠନ ପକ୍ଷରୁ ପରିଦର୍ଶକ ନିଯୁକ୍ତି କରାଯାଇଥିଲା। ପରୀକ୍ଷାରେ ଯୋଗଦାନ କରିଥିବା ସମସ୍ତ ଛାତ୍ରଛାତ୍ରୀ ଓ ସହଯୋଗ କରିଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଓଷ୍ଟା ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

# ଯୋରନ୍ଦାରେ ମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

**ଯୋରନ୍ଦା,୩୦।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦାରେ ରବିବାର ଅପରାହ୍ନରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୋରନ୍ଦା ସରପଞ୍ଚ ଆରତୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପାତ୍ର ୫୦ ଆବେଦନପତ୍ର ଗ୍ରହଣ କରି ସମସ୍ୟା ଶୁଣିଥିଲେ। ୭୫ ପ୍ରତିଶତ ମାନସିକ ଅନଗ୍ରସର ସୌମ୍ୟରଞ୍ଜନ ମହାପାତ୍ରଙ୍କ ଅନ୍ତ୍ୟୋଦୟ କାର୍ଡ ପାଇଁ ଆବେଦନ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଜନ୍ମରୁ ବିକଳାଙ୍ଗ ନାରାୟଣ ଲେଙ୍କା ୭୫ ପ୍ରତିଶତ ଦିବ୍ୟାଙ୍ଗ କାର୍ଡ ପାଇଥିଲେ। ମାତ୍ର ନବୀକରଣ ସମୟରେ ତାଙ୍କର ୬୦ ପ୍ରତିଶତକୁ କମାଇ ଦିଆଯାଇଛି। ଏହାର ପୁନର୍ବିଚାର କରି ସହାୟତା ଯୋଗାଇ ଦେବାକୁ ଉଭୟ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସମସ୍ତ ଅଭିଯୋଗକୁ ମନ୍ତ୍ରୀ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଯୋରନ୍ଦା ସମିତି ସଭ୍ୟ ପ୍ରତ୍ୟୁଷହରି ପ୍ରଧାନ ସ୍ୱାଗତ




ଭାଷଣ ଦେଇଥିବା ବେଳେ ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କାବରା ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ବରିଷ୍ଠ କର୍ମକର୍ତ୍ତା ଅମ୍ବିକା ପ୍ରସାଦ ମିଶ୍ର, ପ୍ରତାପ ନାଥ, ଦିଗମ୍ବର ସାହୁ, ଅଭୟ ପାଣି, ଧର୍ମାନନ୍ଦ ରାଉତ, ପ୍ରଶାନ୍ତ ଦେହୁରୀ, ବୀରେନ୍ଦ୍ର ନାୟକ, ଅଶୋକ ପଣ୍ଡା, ପ୍ରହଲ୍ଲାଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବୃଷ:** ବ୍ୟସ୍ତତା ଭିତରେ ଦିନ କଟିପାରେ। ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାନ ଧର୍ମ କରନ୍ତୁ।

**ମୀନ:** ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

## ଆଜିର ଐତିହ୍ୟ

- ୧୯୩୩: କଲିକତା ଓ ଢାକା ମଧ୍ୟରେ ବିମାନ ସେବା ଆରମ୍ଭ ହେଲା।
- ୧୯୫୯: ମହାକାଶରୁ ପୃଥିବୀପୃଷ୍ଠର ପ୍ରଥମ ରଙ୍ଗିନ ଫଟୋ ନିଆଗଲା।
- ୧୯୬୩: ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟ ହେଲା।
- ୧୯୬୫: ସୀମା ସୁରକ୍ଷା ବଳର ସ୍ଥାପନା।
- ୧୯୯୧: ଏଡ୍‌ସ ସଚେତନ ଦିବସ ଆରମ୍ଭ।

# ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ମଲାଇକା




ଫିଟ୍‌ନେସ୍ କ୍ୱିନ୍ ମଲାଇକା ଅରୋଡ଼ା ତାଙ୍କ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରହନ୍ତି। ଅର୍ଜୁନ୍ କପୁରଙ୍କ ସହ ବ୍ରେକ୍‌ଅପ୍ ପରେ ମଲାଇକାଙ୍କୁ କିଛି ଦିନ ହେଲାଣି ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ଦେଖିବାକୁ ମିଳୁଛି। ନିକଟରେ ମଲାଇକାଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ସେ ମୁମ୍ବାଇର ବିମାନବନ୍ଦରରେ ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ନଜର ଆସିଛନ୍ତି। ମଲାଇକା କଳା ରଙ୍ଗର ଟିସାର୍ଟ ସହ ଟ୍ରାଉଜର୍ ପିନ୍ଧିଥିବାବେଳେ ଯୁବକ ଜଣକ ତାଙ୍କୁ ମ୍ୟାଚ୍ କଲାଭଳି ଜିନ୍ସ, ସାର୍ଟ ଓ ବ୍ଲେଜର୍ ପିନ୍ଧିଥିଲେ। ମଲାଇକାଙ୍କ ସହ ନଜର ଆସିଥିବା ଯୁବକ ଜଣକ ମୁହଁରେ ମାସ୍କ ପିନ୍ଧି ଚେହେରା ଲୁଚାବାକୁ ଚେଷ୍ଟା କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଏବେ ଏହି ମିଷ୍ଟ୍ରି ମ୍ୟାନ୍‌ଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ଯୁବକ ଜଣକ ହୀରା ବ୍ୟବସାୟୀ ହର୍ଷ ମେହେତା ବୋଲି ଚର୍ଚ୍ଚା ହେଉଛି। ଏହାପୂର୍ବରୁ ମୁମ୍ବାଇର ଏକ କନସର୍ଟ ସମୟରେ ମଧ୍ୟ ହର୍ଷଙ୍କୁ ମଲାଇକାଙ୍କ ସହ ଦେଖାଯାଇଥିଲା। ଏହି ଭିଡିଓ ଭାଇରାଲ ହେବା ପରେ ପୁଣିଥରେ ମଲାଇକା ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେବାକୁ ଲାଗିଲାଣି।

# ବିଶ୍ୱ ଏଡ୍‌ସ ଦିବସ





ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ 'ବିଶ୍ୱ ଏଡସ୍ ଦିବସ' ଭାବେ ପାଳନ କରାଯାଉଛି। ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଉଦ୍ଦେଶ୍ୟରେ ଏହି ଦିବସ ସମର୍ପିତ। ଏହି ଦୂରାରୋଗ୍ୟ ବ୍ୟାଧିରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। କେବଳ ସଚେତନତା ହିଁ ଏଡ୍‌ସ କବଳରୁ ବର୍ତ୍ତିବାର ଏକ ମାତ୍ର ଉପାୟ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଏଚ୍‌ଆଇଭି ଏକ ଗମ୍ଭୀର ଓ ମାରାତ୍ମକ ରୋଗ। ଡାକ୍ତରୀ ଭାଷାରେ ଏହାକୁ ହ୍ୟୁମାନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍ (HIV) କୁହାଯାଏ। ସାଧାରଣ ଲୋକେ ଏହାକୁ ଏଡ୍‌ସ ଅର୍ଥାତ୍ ଏକ୍ୱାୟର୍ଡ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ୍ ଭାବରେ ଜାଣନ୍ତି। ଏଥିରେ ଥିବା ମାରାତ୍ମକ ସଂକ୍ରମଣ ବ୍ୟକ୍ତିର ଶରୀରର ପ୍ରତିରୋଧକ କ୍ଷମତା ଉପରେ ଆକ୍ରମଣ କରିଥାଏ, ଯେଉଁ କାରଣରୁ ଶରୀର ସାଧାରଣ ରୋଗ ବିରୁଦ୍ଧରେ ଲଢ଼ିବାକୁ ସକ୍ଷମ ହୁଏ ନାହିଁ। ଏଚ୍‌ଆଇଭି ପଜିଟିଭ୍ ଲୋକଙ୍କ ବିଷୟରେ ସାଧାରଣ ଲୋକଙ୍କର ଅନେକ ଭୁଲ ଧାରଣା ରହିଛି, ଏହି ଦିନ ସେମାନଙ୍କର ଏହି ଭୁଲ୍ ଧାରଣାକୁ ହଟାଇବା ପାଇଁ ପ୍ରୟାସ କରାଯାଏ। ଏହି ଦିବସ ପାଳନ ଅବସରରେ ଏଡ୍‌ସ ପୀଡ଼ିତମାନଙ୍କୁ ବାଛବିଚାର ନ କରି ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଜାତିସଂଘର ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଡ୍‌ସ ଦିବସ ଅବସରରେ ଅନେକ ସରକାରୀ ସଂସ୍ଥା ଓ ବେସରକାରୀ ସଂସ୍ଥା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରିବାକୁ ପ୍ରୟାସ କରାଯାଏ।

# ସ୍ତ୍ରୀ ମାଗିଲେ ସ୍ୱାମୀଙ୍କୁ ପୋଷା ବିଲେଇର ଖର୍ଚ୍ଚ



ଦାମ୍ପତ୍ୟ ଜୀବନରେ ବେଳେବେଳେ ସମସ୍ୟା ଯୋଗୁ ସ୍ୱାମୀ ସ୍ତ୍ରୀ ଅଲଗା ରହିବାକୁ ବାଧ୍ୟ ହୋଇଥାନ୍ତି। ଆଇନ ବ୍ୟବସ୍ଥାରେ ଏହାକୁ ଛାଡ଼ପତ୍ର କୁହାଯାଇଥାଏ। ତୁର୍କୀରେ ଛାଡ଼ପତ୍ରକୁ ନେଇ ଏକ ବିଚିତ୍ର ମାମଲା ସାମ୍ନାକୁ ଆସିଛି। ଏଠାରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ହେଲେ ଛାଡ଼ପତ୍ର ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ବିଲେଇର ଦେଖାଶୁଣା ପାଇଁ ବିଲେଇ ଭତ୍ତା ମାଗିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ବୁଗ୍ରା ନାମକ ଏହି ବ୍ୟକ୍ତିଙ୍କ ବିବାହ ଏଜ୍‌ଗୀଙ୍କ ସହିତ ହୋଇଥିଲା। ହେଲେ ବିବାହର ଦୁଇ ବର୍ଷ ପରେ ପତିପତ୍ନୀ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିଲେ। ଛାଡ଼ପତ୍ର ପରେ ସେମାନଙ୍କର ଦୁଇ ପୋଷା ବିଲେଇର ଯତ୍ନ ଏଜ୍‌ଗୀ ନେବେ ବୋଲି ଅଦାଲତରେ ସ୍ଥିର ହୋଇଥିଲା। ହେଲେ ବିଲେଇ ଦୁଇଟିର ଖର୍ଚ୍ଚ ଏଜ୍‌ଗୀ କିପରି ଉଠାଇବେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କଲା। ଏଭଳି ସ୍ଥିତିରେ ଅଦାଲତ କହିଲେ ଯେ, ବୁଗ୍ରା ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରତି ତିନି ମାସରେ ବିଲେଇ ଖର୍ଚ୍ଚ ବାବଦକୁ ୨୧ ହଜାର ୫ଶହ ଟଙ୍କା ଏଜ୍‌ଗିଙ୍କୁ ଦେବେ। ଏହି ଅର୍ଥ ବୁଗ୍ରା ବିଲେଇର ଦେଖାଶୁଣା, ଟିକାକରଣ ଏବଂ ଖାଦ୍ୟ ବାବଦକୁ ପ୍ରଦାନ କରିବେ। କେବଳ ସେତିକି ନୁହେଁ, ପ୍ରତିବର୍ଷ ମୁଦ୍ରାସ୍ଫୀତି ଅନୁସାରେ ଏହି ପରିମାଣକୁ ନିୟନ୍ତ୍ରିତ କରାଯିବ ଏବଂ ବିଲେଇ ଦୁହିଁଙ୍କ ମୃତ୍ୟୁ ପରେ ଏହି ଧାରା ବନ୍ଦ ହେବ। ଅନ୍ୟପଟେ ବୁଗ୍ରାଙ୍କୁ ବିଲେଇ ଭତ୍ତା ସମେତ ଏଜ୍‌ଗୀଙ୍କୁ ଅତିରିକ୍ତ ୧୧.୫ ଲକ୍ଷ ଟଙ୍କା ଭରଣପୋଷଣ ବାବଦରେ ଦେବାକୁ ପଡ଼ିବ। ଏନେଇ ଆଇନ ବିଶେଷଜ୍ଞ ଅୟଲିନ୍ ଏସରା ଏରେନଙ୍କ କହିବା କଥା, ତୁର୍କୀରେ ପୋଷା ପ୍ରାଣୀଙ୍କୁ ଏକ ମାଇକ୍ରୋଚିପ୍ ସହିତ ପଞ୍ଜୀକୃତ କରାଯାଏ ଏବଂ ଯାହାଙ୍କ ନାମରେ ସେମାନେ ପଞ୍ଜୀକୃତ ହୋଇଥାନ୍ତି, ସେମାନେ ପୋଷା ପ୍ରାଣୀର ଆଇନଗତ ମାଲିକ ହୋଇଥାନ୍ତି। ତେବେ ତୁର୍କୀରେ ପ୍ରାଣୀଙ୍କୁ ଛାଡ଼ିଦେବା ଏବଂ ଦେଖାଶୁଣା ନ କରିବାକୁ ଅପରାଧ ବୋଲି ବିବେଚନା କରାଯାଏ। କାରଣ ସେଠାକାର ପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ, ପୋଷା ପ୍ରାଣୀଙ୍କୁ ସମ୍ପତ୍ତି ଭାବରେ ନୁହେଁ, ବରଂ ଜୀବନ୍ତ ପ୍ରାଣୀ ଭାବରେ ଦେଖାଯାଏ। ଏ ଦୃଷ୍ଟିରୁ କେହି ନିଜ ପୋଷା ପ୍ରାଣୀଙ୍କୁ ରାସ୍ତାରେ ଛାଡ଼ି ଦେଲେ ୧୪୦୦ ଡଲାର ଜରିମାନା ଦେବାକୁ ପଡ଼ିଥାଏ। ଏରେନ୍ କହିଛନ୍ତି ଯେ, 'ଏହି ମାମଲା ତୁର୍କୀର ପାରିବାରିକ ଆଇନ ପାଇଁ ଐତିହାସିକ। କାରଣ ପ୍ରଥମ ଥର ପାଇଁ ଅଦାଲତ ପୋଷା ପ୍ରାଣୀଙ୍କ ଯତ୍ନ ପାଇଁ ଆଇନଗତ ଦାୟିତ୍ୱ ନେବାର ନିଷ୍ପତ୍ତି ନେଇଛନ୍ତି।'



# ରାଞ୍ଚିରେ କୋହଲିଙ୍କ ରେକର୍ଡ ଶତକ

ରାଞ୍ଚି,୩୦।୧୧(ଏଜେନ୍ସି)




ବିରାଟ କୋହଲି (୧୩୫)ଙ୍କ ବିରାଟ ଶତକ ଏବଂ ଦ୍ୱିତୀୟ ୱିକେଟ ଯୋଡିରେ ରୋହିତ ଶର୍ମା (୫୭)ଙ୍କ ସହ ଶତକୀୟ ଭାଗୀଦାରି (୧୦୯ ବଲ୍‌ରେ ୧୩୬ରନ୍) ବଳରେ ଏଠାରେ ରବିବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ଭାରତ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୩୪୯ ରନ୍ ସଂଗ୍ରହ କରିଛି। ଜବାବରେ ୩୫୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୨୭ ଓଭର ଖେଳ ଶେଷସୁଦ୍ଧା ୫ ୱିକେଟ ବିନିମୟରେ ୧୮୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ମାଥ୍ୟୁ ବ୍ରିଜ୍‌କେ ୫୫ ଓ ମାର୍କୋ ଜାନ୍‌ସେନ ୪୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ କାମଚଳା ଅଧିନାୟକ ଆଇଡେନ୍ ମାରକ୍ରମ ୭, ରିୟାନ ରିକେଲଟନ ୦ ଓ କ୍ୱିଣ୍ଟନ ଡି କକ୍ ୦ ରନ୍‌ରେ ଆଉଟ ହୋଇଛନ୍ତି। ଦ୍ୱିତୀୟ ଓଭର ବୋଲିଂ କରିଥିବା ହର୍ଷିତ ରାଣା ସର୍ବାଧିକ ୩ଟି, ଅର୍ଶଦୀପ ସିଂହ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।

କ୍ରମାଗତ ୧୯ ତମ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ ପାଇଥିବା ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଯଶସ୍ୱୀ ଜୟସ୍ୱାଲ ୧୮ ରନ୍‌ରେ ଆଉଟ ହୋଇଥିଲେ। ଏହା ପରେ ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦ୍ୱିତୀୟ ୱିକେଟରେ ୧୦୯ ବଲ୍‌ରୁ ୧୩୬ ରନ୍ ଉଠାଇ ଦଳ ଲାଗି ଏକ ବଡ଼ ପ୍ଲାଟଫର୍ମ ଦେଇଥିଲେ। ୫୧ ବଲ୍‌ରୁ ୫୭ ରନ୍ କରିଥିଲାବେଳେ ରୋହିତଙ୍କୁ ଆଉଟ କରି ମାର୍କୋ ଜାନ୍‌ସେନ୍ ଏହି ଯୋଡି ଭାଙ୍ଗିଦେଇଥିଲେ। ଏହା ପରେ ଶୀଘ୍ର ଆଉ ୨ଟି ୱିକେଟ ହରାଇଥିଲା। କାମଚଳା ଅଧିନାୟକ ଲୋକେଶ ରାହୁଲ ଓ କୋହଲି ୫ମ ୱିକେଟରେ ୭୬ ରନ୍‌ର ଭାଗୀଦାରି କରିଥିଲେ। ଏହି ସମୟରେ କୋହଲି ୧୦୨ ବଲ୍‌ରୁ ଶତକ ହାସଲ କରିବା ପରେ ୧୩୫ ରନ୍‌ରେ ଆଉଟ ହୋଇଥିଲେ। ସେ ମୋଟ ୧୨୦ ବଲ୍‌ର ସାମ୍ନା କରି ୧୧ ଚୌକା ଓ ୭ ଛକା ସହ ଏହି ସ୍କୋର କରିଥିଲେ। କୋହଲିଙ୍କ ଆଉଟ ପରେ ରାହୁଲ ଓ ଜାଡେଜାଙ୍କ ମଧ୍ୟରେ ୬ଷ୍ଠ ୱିକେଟରେ ମାତ୍ର ୩୬ ବଲ୍‌ରୁ ବଲ୍‌ରୁ ୬୫ ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋର ଦେବାରେ ସହାୟତା କରିଥିଲେ। ରାହୁଲ ୬୦ ଏବଂ ଜାଡେଜା ୨୦ ବଲ୍‌ରୁ ୩୨ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ : ୩୪୯/୮, ୫୦ ଓଭର (ବିରାଟ କୋହଲି- ୧୩୫, ଲୋକେଶ ରାହୁଲ-୬୦, ରୋହିତ ଶର୍ମା- ୫୭, ରବୀନ୍ଦ୍ର ଜାଡେଜା-୩୨, ଓଟ୍‌ନେଲ ବାର୍ଟମ୍ୟାନ୍-୨/୬୦, ନାନ୍ଦ୍ରେ ବର୍ଗର-୨/୬୫, କର୍ବିନ ବୋଶ୍-୨/୬୬, ମାର୍କୋ ଜାନସେନ୍-୨/୭୬)।

## ରୋ-କୋ'ଙ୍କ ବିଶ୍ୱରେକର୍ଡ

**ରାଞ୍ଚି,୩୦।୧୧(ଏଜେନ୍ସି):** ଭାରତୀୟ କ୍ରିକେଟର ଦୁଇ ପ୍ରବାଦ ପୁରୁଷ ରୋହିତ ଶର୍ମା ଓ ବିରାଟ କୋହଲି ଏଠାରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ୫୭ ରନ୍ କରିଥିବା ରୋହିତ ଶର୍ମା ୩ଟି ଛକା ମାରିଥିଲେ। ଏହା ଫଳରେ ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ୩୫୨ଟି ଛକା ମାରି ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ଆଫ୍ରିଦୀ ୩୫୧ଟି ଛକା ମାରିଥିଲେ। ସେହିପରି ବିରାଟ କୋହଲି ଏଠାରେ ୫୨ତମ ଦିନିକିଆ ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ସର୍ବାଧିକ ଶତକରେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଦେଇଛନ୍ତି। ସଚିନ ଟେଷ୍ଟ କ୍ରିକେଟରେ ୫୧ଟି ଶତକ ହାସଲ କରିଛନ୍ତି। ଭାରତର ସମ୍ମାନ ରକ୍ଷା କରିଥିବା ରୋ-କୋ (ରୋହିତ ଶର୍ମା- ବିରାଟ କୋହଲି) ଏଠାରେ ଆଜି ଦୁଇଟି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି।

## ତ୍ରିସା-ଗାୟତ୍ରୀ ଯୋଡ଼ି ଚାମ୍ପିଅନ; ଶ୍ରୀକାନ୍ତ ରନର୍ସ

**ଲକ୍ଷ୍ନୌ, ୩୦।୧୧ (ଏଜେନ୍ସି):** ଟପ୍ ସିଡ୍ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ଏଠାରେ ଚାଲିଥିବା ୨.୧୪ କୋଟି ପୁରସ୍କାର ରାଶିବିଶିଷ୍ଟ ସୟଦ ମୋଦି ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ଡବଲ୍ସ ଫାଇନାଲରେ ତ୍ରିସା-ଗାୟତ୍ରୀ ଯୋଡ଼ି ୧୭-୨୧, ୨୧-୧୩, ୨୧-୧୫ ଗେମରେ ଜାପାନର କାହୋ ଓସାୱା ଓ ମାଇ ତାନାବେ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ଭାରତୀୟ ଯୋଡ଼ି କ୍ରମାଗତ ୨ୟ ଦ୍ୱିତୀୟଥର ଲାଗି ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ଘରୋଇ ତାରକା କିଦାମ୍ବୀ ଶ୍ରୀକାନ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ଫାଇନାଲରେ ଶ୍ରୀକାନ୍ତ ୧୬-୨୧, ୨୧-୮, ୨୦-୨୨ ଗେମରେ ହଂକଂର ଜାସନ ଗୁନାୱାନଙ୍କ ନିକଟରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି।

## ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ

### ୧୨ ବଲ୍‌ରେ ଅର୍ଦ୍ଧଶତକ, ୩୨ ବଲରେ ଶତକ

**ହାଇଦରାବାଦ, ୩୦।୧୧ (ଏଜେନ୍ସି):** ଭାରତୀୟ ଦଳର ଯୁବ ଓପନର୍ ଅଭିଷେକ ଶର୍ମା ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ପଞ୍ଜାବ ପକ୍ଷରୁ ଖେଳୁଥିବା ଅଭିଷେକ ରବିବାର ଏଠାରେ ବେଙ୍ଗଲ ବିପକ୍ଷରେ ୫୨ ବଲରେ ୧୪୮ ରନର ମାରାଥନ ଶତକ ହାସଲ କରିଛନ୍ତି। ଯେଉଁଥିରେ ୧୬ ଛକା ଓ ୮ ଚୌକା ସାମିଲ ରହିଥିଲା। ଫଳରେ ପଞ୍ଜାବ ୨୦ ଓଭରରେ ୫ ୱିକେଟରେ ୩୧୦ ରନର ବିଶାଳ ସ୍କୋର କରିଥିଲା। ଜବାବରେ ବେଙ୍ଗଲ ଅଭିମନ୍ୟୁ ଈଶ୍ୱରନ (୬୬ ବଲରେ ୧୩୦ ରନ) ଅପରାଜିତ ଶତକ ସତ୍ତ୍ୱେ ୯ ୱିକେଟରେ ୧୯୮ ରନ କରି ପରାସ୍ତ ହୋଇଥିଲା। ୧୨ଟି ବଲରେ ଅର୍ଦ୍ଧଶତକ ଓ ୩୨ ବଲରେ ଶତକ ହାସଲ କରି ଅଭିଷେକ ଏକାଧିକ ରେକର୍ଡ ଏହି ଇନିଂସରେ କରିଛନ୍ତି। ଟି-୨୦ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ସେ ଆଶୁତୋଷ ଶର୍ମା (୧୧ ବଲ୍)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ ଭାବେ ଦ୍ରୁତତମ ଟି-୨୦ ଶତକ ହାସଲ କରିବାରେ ସେ ୩ୟ ସ୍ଥାନରେ ରହିଛନ୍ତି। ଓପନିଂ ୱିକେଟ ଯୋଡ଼ିରେ ପ୍ରଭସିମରନ ସିଂହ (୭୦ ରନ)ଙ୍କ ସହ ମିଶି ସେ ୨୦୫ ରନର ଭାଗୀଦାରି ଗଢ଼ିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଇତିହାସରେ ଓପନିଂ ୱିକେଟ ଏହା ରେକର୍ଡ ଭାଗୀଦାରି ହୋଇଛି।

## ଅସ୍ମିତା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲିଗ୍ ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୧୧(ସମିସ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ସଫ୍‌ଟ ଟେନିସ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଲୋପା ଲିପସାନୀ ସ୍ୱର୍ଣ୍ଣ, ବର୍ଷା ସେଠୀ ରୌପ୍ୟ, ଆଦ୍ୟାଶା ରାଉତରାୟ ଓ ଅଶ୍ୱିନ ଦିଗଲ କାଂସ୍ୟ ପଦକ ପାଇଛନ୍ତି। ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଲିପ୍‌ସାରାଣୀ ପ୍ରଧାନ ସ୍ୱର୍ଣ୍ଣ, ଆଦିପ୍ତା ସାହୁ ରୌପ୍ୟ, ଅର୍ଚ୍ଚନା ମହାପାତ୍ର ଓ ତନୁସ୍କା ନାୟକ କାଂସ୍ୟ ପଦକ ପାଇଥିଲେ। ୨୧ ବର୍ଷରୁ କମ୍ ବାଳିକା ବିଭାଗରେ ଆରୁନିକା ମେହେଟା ସ୍ୱର୍ଣ୍ଣ, ରଷିକା ନନ୍ଦ ରୌପ୍ୟ, ଦିବ୍ୟାଙ୍କା ମେହେର ଓ ତାନିଆ ଜେନା କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

## ଆଇପିଏଲ୍‌ରୁ ଅବସର ନେଲେ ରସେଲ୍

**କୋଲକାତା, ୩୦।୧୧ (ଏଜେନ୍ସି):** ୱେଷ୍ଟଇଣ୍ଡିଜର ବିସ୍ଫୋରକ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲ ଆଇପିଏଲ୍‌ରୁ ଅବସର ଘୋଷଣା କରିଛନ୍ତି। ଆଗାମୀ ୧୯ତମ ସିଜନ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜ ରସେଲଙ୍କୁ ଦଳରୁ ରିଲିଜ କରିଥିଲା। ରସେଲ ଏବେ କେକେଆର୍‌ର ପ୍ରଶିକ୍ଷକ ମଣ୍ଡଳୀରେ ଯୋଗଦେବେ ବୋଲି ଜଣାପଡ଼ିଛି। ଆଇପିଏଲ୍‌ରେ ସେ ମୋଟ୍ ୧୪୦ଟି ମ୍ୟାଚ୍ ଖେଳି ୨୬୫୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨ଟି ଅର୍ଦ୍ଧଶତକ ସାମିଲ ରହିଛି।

## ସୁଲତାନ ଆଜଲାନ ଶାହ କପ୍ ହକି ଭାରତ ରନର୍ସଅପ୍

**ଇପୋ, ୩୦।୧୧ (ଏଜେନ୍ସି):** ମାଲେସିଆରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ଣ୍ଣାମେଣ୍ଟର ୩୧ତମ ସଂସ୍କରଣରେ ଭାରତ ରନର୍ସଅପ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ବେଲ୍‌ଜିୟମ ୧-୦ ଗୋଲ୍‌ରେ ଭାରତକୁ ପରାସ୍ତ କରି ପ୍ରଥମଥର ଲାଗି ଚାମ୍ପିଅନ ହୋଇଛି। ମ୍ୟାଚର ୩ୟ କ୍ୱାର୍ଟର ତଥା ୩୪ତମ ମିନିଟରେ ଥିବାଉ ଷ୍ଟୋକବୋଏକ ବେଲ୍‌ଜିୟମ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପରାଜୟ ସହ ଭାରତ ୪ର୍ଥ ଥର ଲାଗି ରନର୍ସଅପ୍ ହୋଇଛି। ଏଥିପୂର୍ବରୁ ୨୦୦୮, ୨୦୧୬ ଓ ୨୦୧୯ରେ ଭାରତ ରନର୍ସଅପ୍ ହୋଇଥିଲା। ପୂର୍ବରୁ ଭାରତ ମୋଟ୍ ଉପରେ ୫ଥର ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ହାସଲ କରିଛି।

## ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ଚାମ୍ପିଅନ ଓ ଭୁବନେଶ୍ୱର କେଭି ନଂ-୧ର ଆୟୁଷ୍ମାନ ବେହେରା ରନର୍ସଅପ୍ ହୋଇଛନ୍ତି। ଉଭୟ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବିଜେଇଏମ୍ ସ୍କୁଲ-୧ର ସାଇ କ୍ରିଷ୍ଣା ସାମଲ ତୃତୀୟ, ବିଜେଇଏମ୍-୨ର କୁମାର ପ୍ରଥମ ଚତୁର୍ଥ, ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବାରବାଟୀ ଟି-୨୦ ଆଜି ଦିନ ୨ଟାରୁ ଅନଲାଇନ୍ ଟିକଟ ବୁକିଂ

**କଟକ,୩୦।୧୧(ସମିସ):** ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ପାଇଁ ସୋମବାର ପ୍ରଥମ ପର୍ଯ୍ୟାୟ ଟିକଟ୍ ବିକ୍ରି ଆରମ୍ଭ ହେବ। ଦିନ ୨ଟାରୁ ଆରମ୍ଭ ହେବ ଅନଲାଇନ୍ ଟିକଟ ବୁକିଂ। ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ କ୍ରିକେଟପ୍ରେମୀ ଟିକଟ ବୁକ୍ କରିପାରିବେ। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍‌ରେ ଉପଲବ୍ଧ ହେବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଅନଲାଇନ୍ ଟିକଟ କ୍ରେତାମାନଙ୍କ ପାଇଁ ଡିସେମ୍ବର ୮ ଏବଂ ୯ ତାରିଖରେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ। ସେଠାରୁ ସେମାନେ ଟିକଟ୍‌ର ହାର୍ଡକପି ସଂଗ୍ରହ କରିବେ। ତେବେ ଗ୍ୟାଲେରୀ ନଂ-୨, ୪, ୭ ସହିତ ନ୍ୟୁ ପ୍ୟାଭିଲିୟନ, ସ୍ପେଶିଆଲ ଏନକ୍ଲୋଜର ଏବଂ ଏସି ଗ୍ୟାଲେରୀ ବକ୍ସର ଟିକଟ କେବଳ ଅନଲାଇନ୍‌ରେ ବୁକିଂ ହୋଇପାରିବ। ଜଣେ ବ୍ୟକ୍ତି ୨ଟି ଟିକଟ ହିଁ ଅନଲାଇନ୍‌ରେ କିଣି ପାରିବେ। ଆସନ୍ତା ୭ ତାରିଖରେ ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଦଳ ଭୁବନେଶ୍ୱରରେ ପହଞ୍ଚିବେ। ୮ ତାରିଖରେ ଉଭୟ ଦଳ ଅଭ୍ୟାସ ପାଇଁ କଟକ ଆସିବେ। ଦିନ ସମୟରେ ଭାରତ ଏବଂ ସନ୍ଧ୍ୟା ସମୟରେ ଦକ୍ଷିଣଆଫ୍ରିକା ଦଳର ଅଭ୍ୟାସ ସୂଚୀ ଧାର୍ଯ୍ୟ କରାଯାଇଛି। ଅଭ୍ୟାସ ଦେଖିବା ନିମନ୍ତେ ଗ୍ୟାଲେରୀ ନଂ-୬ ଏବଂ ୭ ଫାଟକ ଖୋଲା ରଖାଯିବ। ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟ ଗୁଡିକୁ ଟିକଟ ବିକ୍ରି କରାଯିବ। ମୋଟ୍ ୪୨ହଜାର ଟିକଟ ଭିତରୁ ୧୧ହଜାର ଟିକଟ ଅନୁବନ୍ଧିତ ୟୁନିଟ କିଣିବେ। ୧୦ହଜାର ଟିକଟ କାଉଣ୍ଟରକୁ ପଠାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି। ଡିସେମ୍ବର ୫ ତାରିଖରେ ବାରବାଟୀ ଷ୍ଟାଡିୟମ ନିକଟରେ ଟିକଟ କାଉଣ୍ଟର ଖୋଲିବ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ।






ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

ଦୌଡ଼ିବ ବାଲେଶ୍ୱର
୦୧ ଡିସେମ୍ବର ୨୦୨୫

Presented by
Hero


5TH MINI MARATHON
#RUN FOR HEALTH

Powered by
FALCON REAL ESTATE

Supported by
vedanta transforming for good
ଓମ୍‌ଫେଡ୍
JSW BPSL

Sponsored by
TPNODL ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
GLR infra Make Your dreams come true
RAJ MEMORIAL HOSPITAL
RG FOUNDATION Sharing Kindness
SIAN
LIFESPARK INFRA & CONSULTING
PURBI BEACH RESORT
BALASORE, ODISHA
NIST HIGHER SECONDARY SCHOOL BALASORE
DIIS DREAM INDIA INTERNATIONAL SCHOOL
SAI HOSPITAL
LN LAXMINARAYAN Jewellery

Starting from: Gandhi Smruti Bhawan via Station Chhaka,
Police Line chhaka End at Starting Point
M.: 94394 52188



## ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ଓଡ଼ିଶା ଦଳଗତ ଚାମ୍ପିଅନ

ଭୁବନେଶ୍ୱର, ୩୦।୧୧(ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍ ରବିବାର ଶେଷ ହୋଇଛି। ଏଥିରେ ଓଡ଼ିଶା ସମସ୍ତ ୩ଟି ବିଭାଗ ଯଥା ଯୁବ, କନିଷ୍ଠ ଓ ବରିଷ୍ଠ ବିଭାଗରେ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ବିଭାଗରେ ୮ଟି ବର୍ଗରେ ଖେଳ ହୋଇଥାଏ। ଏହା ମଧ୍ୟରୁ ଯୁବ ବର୍ଗରେ ଓଡ଼ିଶାର ବନିତା ନାଏକ, ଅଙ୍କିତା ପ୍ରଧାନ, ପ୍ରୀତିମୟୀ ମହାନ୍ତି, ପ୍ରତିଭାରାଣୀ ପାତ୍ର ଓ ମୌସୁମୀ ଦାସ ୫ଟି ସ୍ୱର୍ଣ୍ଣପଦକ ଜିତିଥିଲେ। ଏହି ବିଭାଗରେ ମିନା ସାନ୍ତା-ବି' ଓ ଶ୍ୱେତଲିନା ମହାନ୍ତି ୨ଟି ରୌପ୍ୟ ପଦକ ପାଇଥିଲେ। କନିଷ୍ଠ ବର୍ଗରେ ବନିତା ନାଏକ, ଶ୍ୱେତଲିନା ମହାନ୍ତି, ରିମ୍‌ଝିମ୍ ନାଏକ ୩ଟି ରୌପ୍ୟ ପଦକ ପାଇଥିଲେ। ଏହି ବିଭାଗରେ ମୀନା ସିଂ, ଅଙ୍କିତା ପ୍ରଧାନ, ଆଲିଶା ବେହେରା ଓ ଟିନା ରାଉତ ୪ଟି କାଂସ୍ୟ ପଦକ ଜିତିବା ଫଳରେ ଦଳଗତ ଟାଇଟଲ କବ୍‌ଜା କରିଥିଲେ। ବରିଷ୍ଠ ବିଭାଗରେ ମୌସୁମି ଦାସ ଗୋଟିଏ ସ୍ୱର୍ଣ୍ଣ, ରୋମାଲି ପ୍ରଧାନ ଓ ରିମ୍‌ଝିମ୍ ନାୟକ ୨ଟି ରୌପ୍ୟ, ବନିତା ନାଏକ, ମୀନା ସିଂ ଓ ଅଙ୍କିତା ପ୍ରଧାନ ୩ଟି କାଂସ୍ୟ ପଦକ ଜିତି ଦଳଗତ ଟାଇଟଲ ଜିତିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ମଣିପୁର, ଆସାମ, ତ୍ରିପୁରା, ମେଘାଳୟ, ମିଜୋରାମ ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଙ୍କ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



# ଆଇକନିକ ଓପନ୍ ଗେଟବଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୩୦।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାକୁ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମନ୍ତ୍ରୀ ରବି ନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସୁଜିତ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଇଣ୍ଡୋନେସିଆ ଓ ତାଇୱାନ ସମେତ ଭାରତର ୧୮ ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ଲାସିକ ଓ ଡବଲ୍ସ ବର୍ଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ।

## ସୟଦ ମୁସ୍ତାକ ଅଲି ଟି-୨୦

# ପରାଜୟରେ ଓଡ଼ିଶାର ହ୍ୟାଟ୍ରିକ୍

ଭୁବନେଶ୍ୱର, ୩୦।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓଡ଼ିଶା ହ୍ୟାଟ୍ରିକ ପରାଜୟବରଣ କରିଛି। ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ରବିବାର ୩ୟ ମ୍ୟାଚରେ ୮ ୱିକେଟ୍‌ରେ ବିଦର୍ଭ ନିକଟରୁ ପରାସ୍ତ ହୋଇଛି। ଲକ୍ଷ୍ନୌରେ ଏକାନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମଧ୍ୟକ୍ରମରେ ସମ୍ବିତ ବରାଳ (୩୮ ବଲରେ ୪୬ ରନ) ଓ ନିମ୍ନଭାଗରେ ପ୍ରୟାସ କୁମାର ସିଂ (୨୬ ବଲରେ ଅପରାଜିତ ୪୦ ରନ)ଙ୍କ ଉପଯୋଗୀ ଇନିଂସ ବଳରେ ଓଡ଼ିଶା ୬ ୱିକେଟରେ ୧୬୦ ରନ ସଂଗ୍ରହ କରିଥିଲା। ବିଦର୍ଭର ଦର୍ଶନ ନାଲକଣ୍ଡେଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ଅମନ ମୋଖାଡେ ଓ ଧ୍ରୁବ ସୋରୀଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ବିଦର୍ଭ ୧୪.୫ ଓଭରରେ ମାତ୍ର ୨ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅମନ ୪୦ ବଲରେ ସର୍ବାଧିକ ୭୩ ରନ କରିଥିଲେ। ଏହି ପାଳିରେ ସେ ୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ସେହିଭଳି ଧ୍ରୁବ ସୋରେ ୬ଟି ଚୌକା ଓ ୩ ଛକା ବଳରେ ୩୯ ବଲରୁ ୬୯ ରନ କରି ଅପରାଜିତ ରହିଥିଲେ। ଅସମାପ୍ତ ୩ୟ ୱିକେଟ ଯୋଡ଼ିରେ ଅମନ ଓ ଧ୍ରୁବ ୧୩୯ ରନର ଭାଗୀଦାରି ଗଢ଼ି ବିଦର୍ଭକୁ ସହଜ ବିଜୟ ଦେଇଥିଲେ। ଓଡ଼ିଶାର ରାଜେଶ ମହାନ୍ତିଙ୍କୁ ୨ଟି ଯାକ ୱିକେଟ୍ ମିଳିଥିଲା। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୧୦ ୱିକେଟରେ କେରଳ ନିକଟରୁ ଏବଂ ଦ୍ୱିତୀୟ ମ୍ୟାଚରେ ୬୬ ରନରେ ଆନ୍ଧ୍ର ପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା।

Personal Loan




Needs: Many
Tenure: Any

Flexible **Personal Loans** from **IDBI Bank.**

Minimum processing time | Maximum tenure | Competitive interest rates

*T&C apply

**Toll Free Numbers:** 1800-209-4324/1800-22-1070
**Non - Toll Free Number :** 022-67719100
**Visit us :** www.idbi.bank.in

IDBI BANK
Bank Aisa Dost Jaisa

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS